## ନୂତନ ଦିଗନ୍ତରେ ଆକସ୍ମିକ ମରଣର ମର୍ମନ୍ତୁଦ ହସ୍ତଲିପି




ୟଗଡ଼ା-ବ୍ରହ୍ମପୁର
ବିଦ୍ୟୁତ୍‌ପଥ

ଥ କାହିଁ


ରତୀୟ କୃଷି
ବେଷଣା ପରିଷଦ



ଡିସେମ୍ବର
୧୯୬୩

ଅଗ୍ରହାୟଣ
୧୮୮୫


# ଉତ୍କଳ ପ୍ରସଙ୍ଗ



ନୂଆ ଦିଲ୍ଲୀସ୍ଥ
ଯୁକ୍ତରାଷ୍ଟ୍ର
ଦୂତାବାସରେ
ସ୍ୱର୍ଗତ
କେନେଡିଙ୍କ
ସ୍ମୃତିତର୍ପଣ

୧୯୬୩ ନଭେମ୍ବର ୨୫ ତାରିଖରେ ଯୁକ୍ତରାଷ୍ଟ୍ରର ଦୂତାବାସରେ ସ୍ୱର୍ଗତ କେନେଡିଙ୍କ ସ୍ମୃତି ତର୍ପଣରେ ଯୋଗ ଦେଇଥିଲେ ଆମର ରାଷ୍ଟ୍ରପତି ଓ ପ୍ରଧାନ ମନ୍ତ୍ରୀ

ଚିତ୍ରରେ—ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ସେକ୍ରେଟେରୀ ଜେନେରାଲ ଶ୍ରୀ ଆର୍. କେ. ନେହେରୁ ସ୍ୱର୍ଗତ କେନେଡିଙ୍କ ଗୁଣ ବର୍ଣ୍ଣନ କରୁଥିବା ଦେଖାଯାଉଛି ।

## ଅଶ୍ରୁଳ ନଭେମ୍ବର ବାଇଶି

ସାରା ବିଶ୍ୱର ନୂତନ ଦିଗନ୍ତକୁ ଆକସ୍ମିକ ମରଣର ଯେ ମର୍ମନ୍ତୁଦ ହସ୍ତଲିପି କଳଙ୍କିତ କରି ଦେଇଛି—ଗତ ନଭେମ୍ବର ୨୨ ତାରିଖରେ ।

- ସେହିଦିନ ମାର୍କିନ ଯୁକ୍ତରାଷ୍ଟ୍ର ପ୍ରେସିଡେଣ୍ଟ ଜନ କେନେଡ଼ି ଅସୱାଲ୍ଡ ନାମକ ଜଣେ ଆତତାୟୀର ଗୁଳିରେ ଶହୀଦ ହୋଇଥିଲେ ।
- ଭାରତର ଛଅଜଣ ବିମାନ ସହ ହେଲିକପ୍ଟରର ଯୋଗେ ଯାଉଥିବାବେଳେ ପୁଞ୍ଚନିକଟରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ।
- ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶ୍ରୀ କନ୍ନମୱାର ଇହଧାମ ତ୍ୟାଗ କଲେ ।
- ଗ୍ରେଟ୍ ବ୍ରିଟେନର ବିଶିଷ୍ଟ ଲେଖକ ଆଡ଼ଲ୍‌ଫ ହକ୍‌ସ୍‌ଲିଙ୍କର ମୃତ୍ୟୁ ହେଲା ।

**ଏମାନଙ୍କ ଆକସ୍ମିକ ମୃତ୍ୟୁରେ ସବୁଆଡ଼େ ଶୋକର ଛାୟା ଘୋଟି ଯାଇଥିଲା ।**

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକଳାପ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ-ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟକୁ ସଂକ୍ଷିପ୍ତ ଆକାରରେ ବି ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେ ଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳପାଠ ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ପ୍ରଚାର (ଲୋକସମ୍ପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

**ପ୍ର**କାଶନ—ପ୍ରତ୍ୟେକ ମାସର ୧୫ ତାରିଖ

**ଅ**ସ୍ଥାୟୀ ସଂପାଦକ—ଶ୍ରୀ ମାୟାଧର ମିଶ୍ର, ବି.ଏ.,
ଆଡ଼ିସନାଲ ପ୍ରଡ଼କ୍‌ସନ୍ ଅଫିସର

**ମୂ**ଲ୍ୟ—ବାର୍ଷିକ ଟ ୨.୦୦,
ପ୍ରତିସଂଖ୍ୟା ଟ ୦.୨

**ପ୍ର**କାଶକ—ସୁବଷ୍ଟ, (ଲୋକସମ୍ପର୍କ) ବିଭାଗ, ଓଡ଼ିଶା
ଟେଲିଗ୍ରାମ—ପବ୍ଲିସିଟି

ଏ ସଂଖ୍ୟାରେ ପଢ଼ିବାକୁ ପାଇବେ :—

୧ । ରାୟଗଡ଼ା ବ୍ରହ୍ମପୁର ବ୍ରଡ୍‌ଗେଜ୍ ପଥ ... ୫
୨ । ସରଚସ୍ତୁ ... ... ୭
୩ । ପଥ-କାହ୍ନି ... ... ୯
୪ । ଭାରତୀୟ କୃଷି ଗବେଷଣା ପରିଷଦ ... ୧୫
୫ । ଉନ୍ନତ ବିହନ ଉତ୍ପାଦନ ... ୨୦
୬ । ଭାଷଣ ଓ ମତାମତ ... ... ୨୨
୭ । ଆପଣଙ୍କ ପାଇଁ ସମ୍ବାଦ ... ୩୧
୮ । ଆମ ରାଜ୍ୟ ... ... ୩୫

ମୁଦ୍ରାକର
ପଣ୍ଡିତ ଅନସୂୟା ପ୍ରସାଦ ପାଠକ
ସର୍ବଭାଷା ସମବାୟ ପ୍ରେସ, କଟକ

## ରାଜ୍ୟ ଯୋଜନା ବୋର୍ଡ଼ର ପ୍ରଥମ ଅଧିବେଶନ



ଗତ ଡ଼ିସେମ୍ବର ୩ ତାରିଖରେ ରାଜ୍ୟ ଯୋଜନା ବୋର୍ଡ଼ର ଚେୟାରମ୍ୟାନ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଫିସ କକ୍ଷରେ ଯୋଜନା ବୋର୍ଡ଼ର ପ୍ରଥମ ବୈଠକ ବସିଥିଲା । ଏହି ବୈଠକରେ ରାଜସ୍ୱ, ସମବାୟ ଓ ଜଙ୍ଗଲ ବିଭାଗ ମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀ, ସ୍ୱାସ୍ଥ୍ୟ, ପଲିଟିକାଲ ଏଣ୍ଡ ସର୍ଭିସେସ, ଯୋଗାଣ ଓ ଶ୍ରମ ବିଭାଗ ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ; ଶିକ୍ଷା, କୃଷି ଓ ପଶୁପାଳନ ବିଭାଗୀୟ ମନ୍ତ୍ରୀ ଶ୍ରୀ ସତ୍ୟପ୍ରିୟ ମହାନ୍ତି; ଚିଫ୍ ସେକ୍ରେଟେରୀ ଶ୍ରୀ ଶିବରମଣ ଓ ଆଡ଼ିସନାଲ ଉନ୍ନୟନ କମିଶନର ଶ୍ରୀ ରାମକୃଷ୍ଣସ୍ୱାମୀ ଉପସ୍ଥିତ ଥିଲେ ।

**ଏ ସଂଖ୍ୟାର ମଲାଟ—**

ମାର୍କିନ ଯୁକ୍ତରାଷ୍ଟ୍ରର ୧୮୩ ବର୍ଷର ଇତିହାସରେ ସ୍ୱର୍ଗତ କେନେଡ଼ିଙ୍କୁ ମିଶାଇ ୪ ଜଣ ରାଷ୍ଟ୍ରପତି ଆତତାୟୀର ଗୁଳିରେ ଶହୀଦ ହୋଇଛନ୍ତି । ୧୪-୪-୧୮୬୫ରେ ପ୍ରେସିଡ଼େଣ୍ଟ ଆବ୍ରାହାମ୍ ଲିଙ୍କନ, ୨-୭-୧୮୮୧ରେ ପ୍ରେସିଡ଼େଣ୍ଟ ଜେମସ୍ ଗାରଫିଲ୍ଡ଼, ୬-୯-୧୯୦୧ରେ ପ୍ରେସିଡ଼େଣ୍ଟ ଉଇଲିୟମ୍ ମ୍ୟାକ୍ କିନ୍ଲେଙ୍କୁ ଆତତାୟୀମାନଙ୍କ ଗୁଳିରେ ପ୍ରାଣ ଦେବାକୁ ପଡ଼ିଥିଲା । ଗଲ ନଭେମ୍ବର ୨୨ ତାରିଖରେ ଆତତାୟୀ ଗୁଳିର ୪ର୍ଥ ଶହୀଦ ହେଲେ ଜନ୍ ଫିଜଗେରାଲ୍ଡ଼ କେନେଡ଼ି ।

ଏ ସଂଖ୍ୟାର ପ୍ରଥମ ମଲାଟରେ ଦିଆଯାଇଥିବା ଛବିଟି ୧୯୬୩ ଜୁନ୍ ୩ ତାରିଖରେ ପ୍ରେସିଡ଼େଣ୍ଟ କେନେଡ଼ି ଭାରତର ରାଷ୍ଟ୍ରପତି ଡଃ ରାଧାକୃଷ୍ଣନ୍ଙ୍କୁ ଆମେରିକାର ରାଷ୍ଟ୍ରପତି ଭବନ 'ହ୍ୱାଇଟ ହାଉସ'ରେ ସମ୍ବର୍ଦ୍ଧନା ଜଣାଉଥିବା ବେଳର ଛବି । କିନ୍ତୁ କାଳର କୁଟିଳଚକ୍ରରେ ସେଦିନର ଦୁଇ ରାଷ୍ଟ୍ରପତିଙ୍କ ମଧ୍ୟରୁ ଜଣେ ଆଜି ଅନ୍ୟ ଜଣଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରୁଛନ୍ତି ।



ଡିସେମ୍ବର ପନ୍ଦର ସକାଳଓଳ ଦଳେ ବ୍ରିଟିଶ ସାମ୍ବାଦିକ ଓ ବ୍ରିଟେନର 'କ୍ଷୁଧାମୁକ୍ତି ଅନ୍ଦୋଳନ' କମିଟିର ତିନିଜଣ ସଭ୍ୟ ପୁରୀ ଜିଲ୍ଲାର କେତେକ ଅଞ୍ଚଳ ବୁଲି ସଂପ୍ରସାରିତ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ ।

ଚିତ୍ରରେ—ବ୍ରିଟିଶ ସାମ୍ବାଦିକ ଓ ଅନ୍ୟମାନେ ପୁରୀ ଜିଲ୍ଲାର ମେଣ୍ଢାଶାଳଠାରେ ଥିବା ସଂପ୍ରସାରିତ ପୁଷ୍ଟିକର ଖାଦ୍ୟ ଯୋଜନାର କାର୍ଯ୍ୟକାରିତା ପରିଦର୍ଶନ କରୁଛନ୍ତି । ଗାଁ ପୋଖରୀରେ ବଢୁଥିବା ମାଛର ନମୁନା ସେମାନଙ୍କ ଆଗରେ ରଖାଯାଇଛି ।



## କନିଷ୍ଠତମ ରାଜ୍ୟ

## ନାଗାଲ୍ୟାଣ୍ଡ

ଗତ ଡିସେମ୍ବର ପହିଲାରେ ଭାରତର ନାଗାଲ୍ୟାଣ୍ଡ ଭାରତର ଏକ ସ୍ୱତନ୍ତ୍ର ରାଜ୍ୟରୂପେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଲା । ଏହି ରାଜ୍ୟର ସମ୍ୟକ୍ ବିବରଣ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ ।

—ନାଗାଲ୍ୟାଣ୍ଡରେ ଜାତୀୟ ସଂହତି ଶପଥ ଗ୍ରହଣ—
ଗତ ଅକ୍ଟୋବର ୨୦ ତାରିଖ ଦିନ କୋହିମାଠାରେ ନାଗାଲ୍ୟାଣ୍ଡର ମୁଖ୍ୟ ଏକ୍ଜିକ୍ୟୁଟିଭ କାଉନସିଲର ଶ୍ରୀ ପି. ସିଲୁ ଆଓ ସମବେତ ଜନତାଙ୍କୁ ଶପଥ ପାଠ କରାଉଛନ୍ତି

ଉପରେ—ଶ୍ରୀମତୀ ସୁର ଯବାନମାନଙ୍କ ଉଦ୍ଦେଶ୍ୟରେ ପଶମ ପୋଷାକ ଦେଉଛନ୍ତି



—ଗ୍ରାମରକ୍ଷୀମାନଙ୍କ ପାଇଁ ପଶମ ପୋଷାକ—
ଜାତୀୟ ସଂହତି ଦିବସରେ କୋହିମାଠାରେ ନାଗାଲ୍ୟାଣ୍ଡ ମହିଳା ସ୍ୱେଚ୍ଛାସେବୀ ସଂଗଠନର ଚେୟାରମ୍ୟାନ ଶ୍ରୀମତୀ ଜ. ଏସ୍. ସୁର ଯବାନମାନଙ୍କ ଉଦ୍ଦେଶ୍ୟରେ ପଶମ ପୋଷାକ ଉପହାର ଦେଇଥିଲେ

# ଉତ୍କଳ ପ୍ରସଙ୍ଗ


୨୦ଶ ବର୍ଷ ❋ ୧୯୭୩ ଡିସେମ୍ବର ❋ କାର୍ତ୍ତିକ ୧୮୯୫ ❋ ୫ମ ସଂଖ୍ୟା

# ରାୟଗଡ଼ା-ବ୍ରହ୍ମପୁର ବିଦ୍ୟୁତ୍-ପଥ

ଉଚ୍ଚମା ବିଦ୍ୟୁତ୍ ସଞ୍ଚାଳନ ପରିକଳ୍ପନାନୁଯାୟୀ ନିର୍ମିତ ହୋଇଥିବା ରାୟଗଡ଼ା-ବ୍ରହ୍ମପୁର ବିଦ୍ୟୁତ୍ ସଞ୍ଚାଳନ ଲାଇନ ଓଡ଼ିଶାର ଗ୍ରାମଗୋଷ୍ଠୀ ଓ ଗ୍ରାମ-ପଞ୍ଚାୟତ ମନ୍ତ୍ରୀ ଶ୍ରୀ ବୃନ୍ଦାବନ ନାୟକଙ୍କ ଦ୍ୱାରା ୧୯୭୩ ମସିହା ନଭେମ୍ବର ୨୭ ତାରିଖରେ ଉଦ୍‌ଘାଟିତ ହେଲା । ମାଛକୁଣ୍ଡରୁ ବ୍ରହ୍ମପୁରକୁ ଜଳ-ବିଦ୍ୟୁତ୍ ଯୋଗାଇବା ପାଇଁ ଏହି ଲାଇନଟି ଉଦ୍ଦିଷ୍ଟ । ଏହି ଲାଇନର କେତେକ ବିବରଣୀ ନିମ୍ନରେ ଦିଆଗଲା:—

ସମ୍ପାଦକ

ଓଡ଼ିଶାକୁ ଦୁଇଟି ଜଳ-ବିଦ୍ୟୁତ୍-ଯୋଜନାରୁ ବିଦ୍ୟୁତ୍ ଶକ୍ତି ଯୋଗାଇଦିଆଯାଉଛି । ଉତ୍ତରରେ ହୀରାକୁଦ ଜଳ-ବିଦ୍ୟୁତ୍-ଯୋଜନା ସମ୍ବଲପୁର, ସୁନ୍ଦରଗଡ଼, କଟକ ଓ କେନ୍ଦୁଝର ଜିଲ୍ଲାର ଶିଳ୍ପାଞ୍ଚଳକୁ ଏବଂ ପୁରୀ, ଢେଙ୍କାନାଳ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାକୁ ବିଦ୍ୟୁତ୍ ଶକ୍ତି ଯୋଗାଉଛି । ଦକ୍ଷିଣରେ ମାଛକୁଣ୍ଡ ଜଳ-ବିଦ୍ୟୁତ୍-ପରିକଳ୍ପନାଦ୍ୱାରା ମୁଖ୍ୟତଃ ଗଞ୍ଜାମ, କୋରାପୁଟ ଜିଲ୍ଲା ଓ ପୁରୀର କେତେକ ଅଞ୍ଚଳକୁ ବିଦ୍ୟୁତ୍-ଶକ୍ତି ଯୋଗାଇ ଦିଆଯାଉଛି । ବର୍ତ୍ତମାନ ସୁଦ୍ଧା ଫୁଲବାଣୀ ଓ କଳାହାଣ୍ଡି ଜିଲ୍ଲାକୁ ଜଳ ବିଦ୍ୟୁତ୍-ଶକ୍ତି ଯୋଗାଇ ଦିଆଯାଇ ପାରିନାହିଁ । ମାଛକୁଣ୍ଡ ଜଳ-ବିଦ୍ୟୁତ୍-ଯୋଜନାରୁ ବର୍ତ୍ତମାନ ବ୍ରହ୍ମପୁର ପର୍ଯ୍ୟନ୍ତ ଜଳ-ବିଦ୍ୟୁତ୍-ଶକ୍ତି ଯୋଗାଇ ଦିଆଗଲାଣି । ଓଡ଼ିଶା ଓ ଆନ୍ଧ୍ର ସରକାରଙ୍କ ମିଳିତ ଉଦ୍ୟମରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି । ଏହି ଯୋଜନାରୁ ୧୧୪.୭୫ ମେଗାୱାଟ୍ ବିଦ୍ୟୁତ୍-ଶକ୍ତି ଉତ୍ପାଦନ ହୋଇଛି । ଏହି ଯୋଜନାର ଖର୍ଚ୍ଚ ଓ ଉତ୍ପାଦିତ ବିଦ୍ୟୁତ୍-ଶକ୍ତିକୁ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଯଥାକ୍ରମେ ଶତକଡ଼ା ୩୦ ଓ ୭୦

୧୯୬୩ ନଭେମ୍ବର ୨୭ ତାରିଖ ଅପରାହ୍ନ ୫ଟା ସମୟରେ ସମୂହବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ବୃନ୍ଦାବନ ନାୟକ ବ୍ରହ୍ମପୁର-ସମ୍ବଗଡ଼ା ବିଦ୍ୟୁତ୍ ପରିବହନ ଲାଇନ ଉଦ୍‌ଘାଟନ କରିଥିଲେ ।

ଉପରେ—ଶ୍ରୀ ବୃନ୍ଦାବନ ନାୟକ ୧୩୨ କେ. ଭି. ର ବ୍ରହ୍ମପୁର-ସମ୍ବଗଡ଼ା ବିଦ୍ୟୁତ୍ ପରିବହନ ଲାଇନ ଉଦ୍‌ଘାଟନ କରୁଛନ୍ତି ।

ଶିର ଅନୁପାତରେ ବଣ୍ଟନ କରାଯାଉଛି । ଓଡ଼ିଶାର ଅଂଶ ବାବଦକୁ ପ୍ରାୟ ୩୪ ମେଗାୱାଟ ବିଦ୍ୟୁତ୍‌-ଶକ୍ତି ମିଳିବ । ଏହି ଯୋଜନାର କାର୍ଯ୍ୟ ୧୯୪୬-୪୭ ମସିହାରୁ ଆରମ୍ଭ କରାଯାଇଥିଲା । ଜଲପୁଟଠାରେ ଗୋଟିଏ ବନ୍ଧ ନିର୍ମାଣ କରାଯାଇ ମାଛକୁଣ୍ଡ ନଦୀରେ ୧୬୭ ମିଟର (୫୫୦ ଫୁଟ) ଉଚ୍ଚରୁ ପଡ଼ୁଥିବା ଡୁଡୁମା ଜଳପ୍ରପାତରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଉଛି । ଏହି ବନ୍ଧ ଅଞ୍ଚଳର ସଞ୍ଚିତ ପାଣିରୁ ଜଳସ୍ରୋତବାହନାଳୀ ଦ୍ୱାରା ଓଁକାଦେଲ୍‌ସ୍ଥିତ ବିଦ୍ୟୁତାଗାରକୁ ପଠାଯାଉଛି । ପ୍ରତ୍ୟେକ ୧୭ ମେଗାୱାଟ ବିଦ୍ୟୁତ୍‌-ଶକ୍ତି ଉତ୍ପାଦନ କରୁଥିବା ଦୁଇଟି ବିଦ୍ୟୁତ୍‌-ଉତ୍ପାଦକ ଯନ୍ତ୍ର ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଶେଷବେଳକୁ ବସାଯାଇଥିଲା ଓ ସେହିଭଳି ଆଉ ଗୋଟିଏ ବିଦ୍ୟୁତ୍‌-ଉତ୍ପାଦକ ଯନ୍ତ୍ର ୧୯୫୬-୫୭ ମଧ୍ୟରେ ସ୍ଥାପନ କରାଯାଇଥିଲା । ଏହି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତ୍ୟେକ ୨୧·୨୫ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରୁଥିବା ତିନୋଟି ଉତ୍ପାଦକ ଯନ୍ତ୍ର ବସାଇବା କାର୍ଯ୍ୟ ୧୯୫୯-୬୦ ମସିହାରେ ଶେଷ ହୋଇଥିଲା ।

( ୪୩ ପୃଷ୍ଠା ଦେଖନ୍ତୁ )

# —ପରିଚୟ—

ନଭେମ୍ବର ୧୭ ତାରିଖରେ ଓଡ଼ିଶା ପରିଦର୍ଶନରେ ଆସିଥିଲେ ରୁଷର ତିନିଜଣ ମହାକାଶଯାତ୍ରୀ—ଭ୍ୟାଲେଣ୍ଟିନା ନିକୋଲାଏଭା ଟେରେସ୍କୋଭା, ମେଜର ନିକୋଲାଏଭ ଓ ମେଜର ବାଇକୋଭସ୍କି । ଏ ସଂଖ୍ୟାରେ ସେମାନଙ୍କ ସମ୍ୟକ ପରିଚୟ ଦିଆଗଲା ।

—ସଂପାଦକ

ସ୍ୱାଗତସ୍ଥାନରେ ଭ୍ୟାଲେଣ୍ଟିନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉପହାର

ରାଜହଂସ ସଦନ ତରଫରୁ ଉପହାର

ରୁଷ ରାଷ୍ଟ୍ରଦୂତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଶୋକ ଚକ୍ର ଉପହାର

କଟକ ମ୍ୟୁନିସପାଲିଟି ଚେୟାରମେନଙ୍କ ପ୍ରଦତ୍ତ ଉପହାର

ନିକୋଲାଏଭଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉପହାର



ମହାକାଶଚାରୀମାନଙ୍କୁ ଓଡ଼ିଶାର ଉପହାର

ବିଶ୍ୱର ପ୍ରଥମ ମହିଳା ମହାକାଶଯାତ୍ରୀ ଭ୍ୟାଲେଣ୍ଟିନା ଟେରେସ୍କୋଭା ୧୯୩୭ ମସିହା ୭ ତାରିଖରେ ରୁଷିଆର ଏକ ଗ୍ରାମ୍ୟ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବାଲ୍ୟ ଜୀବନ ତରୁପଲ୍ଲବ ସୌନ୍ଦର୍ଯ୍ୟପୂର୍ଣ୍ଣ ଭଲଗା ଗ୍ରାମରେ ଅତିବାହିତ ହୋଇଥିଲା । ଭ୍ୟାଲେଣ୍ଟିନାଙ୍କ ପିତା ଭଲ୍‌ଡ଼ମାର ଥିଲେ ଟ୍ରାକ୍ଟର ଚାଳକ ଓ ମାତା ଥିଲେ ଏକ ଲୁଗା

( ୪୫ ପୃଷ୍ଠା ଦେଖନ୍ତୁ )




ଗତ ନଭେମ୍ବର ୧୧ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହର ଲାଲ ନେହେରୁ ସୋଭିଏଟ୍ ମହାକାଶଯାତ୍ରୀମାନଙ୍କ ସମ୍ମାନାର୍ଥେ ନୂଆ ଦିଲ୍ଲୀଠାରେ ଗୋଟିଏ ଭୋଜିର ଆୟୋଜନ କରିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ନିଆଯାଇଥିବା ଏହି ଫଟୋରେ ଦେଖନ୍ତୁ (ଡାହାଣରୁ ବାମକୁ) ଉପରାଷ୍ଟ୍ରପତି ଡକ୍ଟର ଜାକିର ହୁସେନ, ମେଜର ଆଣ୍ଡ୍ରିୟାନ ନିକୋଲାୟେଭ, କ୍ୟାପ୍ଟେନ ଭାଲେଣ୍ଟିନା ଟେରେସ୍କୋଭା ନିକୋଲାୟେଭା, ଲେଫ୍ଟେନାଣ୍ଟ କଲୋନେଲ ଭାଲେରି ବାଇକୋଭସ୍କି, ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁ, ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ଶ୍ରୀମତୀ ବାଇକୋଭସ୍କି ।

# ଦଣ୍ଡକାରଣ୍ୟ ସମ୍ବାଦ

ଗତ ନଭେମ୍ବର ମାସରେ ଓଡ଼ିଶାର ରାଜ୍ୟପାଳ ଦଣ୍ଡକାରଣ୍ୟ ଯୋଜନା ପରିଦର୍ଶନ କରିବାକୁ ଯାଇଥିବା ସମୟରେ ନଭେମ୍ବର ୭ ତାରିଖ ଦିନ କୋରାପୁଟ ନିକଟବର୍ତ୍ତୀ ଉମୁରିପୁଟ ଫାର୍ମ ପରିଦର୍ଶନ କରି ଏହି ଫାର୍ମର ଉତ୍ପନ୍ନ ଦ୍ରବ୍ୟ ଓ କାର୍ଯ୍ୟକଳାପରେ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ ।



ଉପରେ — ରାଜ୍ୟପାଳ ଡକ୍ଟର ଖୋସଲା ଓ ଭାରତର ଫୋର୍ଡ଼ ଫାଉଣ୍ଡେସନର ଅଧ୍ୟକ୍ଷ ଡକ୍ଟର ଡଗ୍ଲସ୍ ଏନ୍‌ସ୍ମିଙ୍ଗର (ଡାହାଣ ପାଖରୁ ଚତୁର୍ଥ)ଙ୍କୁ ଦଣ୍ଡକାରଣ୍ୟ ଯୋଜନାର କୃଷି ବିଭାଗର ଡେପୁଟି ଡିରେକ୍ଟର ଶ୍ରୀ ପ୍ରାଣ ବନ୍ଧୁ ପ୍ରଧାନ ଫଳ ଉଦ୍ଭିଦ ଫୁଲ ଓ ପନିପରିବା ଦେଖାଉଛନ୍ତି

ଗତ ନଭେମ୍ବର ୮ ତାରିଖରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ଖୋସଲା ଉମରକୋଟ ପୁନର୍ବସତି ଅଞ୍ଚଳକୁ ଦିନକିଆ ଗସ୍ତରେ ଯାଇ ସେଠାରେ ପୂଜାରିଗୁଡ଼ା ନାମକ ଗୋଟିଏ ଆଦିବାସୀ ଗ୍ରାମ ପରିଦର୍ଶନ କରିଥିଲେ ।



ଚିତ୍ରରେ—ପୂଜାରିଗୁଡ଼ାର ଗ୍ରାମବାସୀମାନେ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧନା କରୁଛନ୍ତି

ଗତ ଅକ୍ଟୋବର ୯ ତାରିଖରେ ଉତ୍ତର ପ୍ରଦେଶ ରାଜ୍ୟପାଳ ଶ୍ରୀ ବିଶ୍ୱନାଥ ଦାଶ ଦଣ୍ଡକାରଣ୍ୟ ଗସ୍ତ ସମୟରେ କୋରାପୁଟସ୍ଥ ଉମରକୋଟ ପୁନର୍ବସତି ଅଞ୍ଚଳ ପରିଦର୍ଶନ କରିଥିଲେ । ଉମରକୋଟଠାରେ ଥିବା ୧୦୦ ଏକର ପରିମିତ ମିଶ୍ରିତ କୃଷି-କ୍ଷେତ୍ର ଯୋଜନା ମଧ୍ୟ ସେ ପରିଦର୍ଶନ କରିଥିଲେ ।

ରାଜ୍ୟପାଳଙ୍କ ପରିଦର୍ଶନ ଉପଲକ୍ଷେ ଉମରକୋଟଠାରେ ବିଭିନ୍ନ କୃଷି ସାମଗ୍ରୀର ଗୋଟିଏ ପ୍ରଦର୍ଶନୀ ଖୋଲାଯାଇଥିଲା ।



ଚିତ୍ରରେ—
ରାଜ୍ୟପାଳ ଶ୍ରୀ ଦାଶ ପ୍ରଦର୍ଶନୀ କକ୍ଷରେ ପ୍ରଦର୍ଶିତ କୃଷିଜାତ ସାମଗ୍ରୀ ପରିଦର୍ଶନ କରୁଛନ୍ତି

## ରାଷ୍ଟ୍ରପତିଙ୍କ ଦେହରକ୍ଷୀମାନଙ୍କୁ ପୁରସ୍କାର ପ୍ରଦାନ

ଗତ ନଭେମ୍ବର ୧୧ ତାରିଖରେ ନୂଆଦିଲ୍ଲୀସ୍ଥ ରାଷ୍ଟ୍ରପତି ଭବନରେ ଭାରତର ରାଷ୍ଟ୍ରପତି ଡକ୍ଟର ରାଧାକୃଷ୍ଣନ୍ ତାହାଙ୍କ ଦେହରକ୍ଷୀମାନଙ୍କୁ ରାଷ୍ଟ୍ରପତିଙ୍କ ପତାକା ଓ ରେଜିମେଣ୍ଟ ପତାକା ଦେଇ ପୁରସ୍କୃତ କରିଥିଲେ । ସେମାନଙ୍କ କର୍ତ୍ତବ୍ୟନିଷ୍ଠା ପାଇଁ ସେମାନଙ୍କୁ ଏହି ଭାବରେ ପୁରସ୍କୃତ କରିବା ଲାଗି ରାଷ୍ଟ୍ରପତି ଭବନରେ ସେଦିନ ଗୋଟିଏ ଉତ୍ସବ ଅନୁଷ୍ଠିତ ହୋଇଥିଲା ।



ଚିତ୍ରରେ—ରାଷ୍ଟ୍ରପତିଙ୍କ ଦେହରକ୍ଷୀ ବାହିନୀର ଦ୍ୱିତୀୟ ସେନାପତି କ୍ୟାପଟେନ ଏଚ. ଏସ୍. ସୋଧି ରାଷ୍ଟ୍ରପତିଙ୍କଠାରୁ ପତାକା ଉପହାର ଗ୍ରହଣ କରୁଛନ୍ତି । ବାମପଟେ ରେଜିମେଣ୍ଟ ପତାକା ଦେଖାଯାଉଛି ।

# ଋଷୀୟ ମହାକାଶଯାତ୍ରୀମାନଙ୍କ ସମ୍ବର୍ଦ୍ଧନା




ନଭେମ୍ବର ୧୭—ଭୁବନେଶ୍ୱର ଏରୋଡ୍ରୋମ୍ ପାଖରେ ଦିନ ୧୦ଟା ପୂର୍ବରୁ ଅପେକ୍ଷା କରି ରହିଥାନ୍ତି—ଭୁବନେଶ୍ୱର ନୂଆରାଜଧାନୀର ହଜାର ହଜାର ନରନାରୀ । ସମସ୍ତଙ୍କ ମୁହଁରେ ଗୋଟିଏ କଥା, କେତେବେଳେ ପୃଥିବୀର ମହିଳା ମହାକାଶ-ଯାତ୍ରୀଙ୍କ ଉଡ଼ାଜାହାଜ ଆସି ପହଞ୍ଚିବ । ଦିନ ୧୧ଟା ପାଖାପାଖି—ଭାଲେଣ୍ଟିନା ଟେରେସ୍କୋଭା ଓ ତାଙ୍କର ସହଯାତ୍ରୀମାନଙ୍କୁ ନେଇ ଗୋଟିଏ ସ୍ୱତନ୍ତ୍ର ଉଡ଼ାଜାହାଜ ବିମାନ ପଡ଼ିଆରେ ଓହ୍ଲାଇଲା । ଉପସ୍ଥିତ ଜନତା ଭାଲେଣ୍ଟିନାଙ୍କୁ ଦେଖିବା ପାଇଁ ପୋଲିସ ବେଢ଼ ଭାଙ୍ଗି ଆଗକୁ ମାଡ଼ିଗଲେ । ସମସ୍ତଙ୍କୁ ହସ ହସ ମୁହଁରେ ଅଭିବାଦନ ଜଣାଇ ଉଡ଼ାଜାହାଜରୁ ଅବତରଣ କଲେ ଭାଲେରି ବାଇକୋଭସ୍କି ଓ ତାଙ୍କ ପତ୍ନୀ ଏବଂ ଭାଲେଣ୍ଟିନା ନିକୋଲାଏଭା ଓ ତାଙ୍କ ସ୍ୱାମୀ ନିକୋଲାଏଭ ।



ଉଡ଼ାଜାହାଜ ପଡ଼ିଆରେ ମହାକାଶଯାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଓଡ଼ିଶାର ଚିଫ୍ ସେକ୍ରେଟାରୀ ଶ୍ରୀ ଶିବରମଣ ପ୍ରମୁଖ ବିଶିଷ୍ଟ ସରକାରୀ କର୍ମଚାରୀ ଓ ବିଶିଷ୍ଟ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ ।



ଚିତ୍ରରେ—ଏରୋଡ୍ରୋମରେ ମହାକାଶଯାତ୍ରୀଙ୍କ ସମ୍ବର୍ଦ୍ଧନା

ପରେ ସେମାନେ ରାଜ୍ୟ ଅତିଥି ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ସାମ୍ବାଦିକମାନଙ୍କ କୌତୂହଳ ଚରିତାର୍ଥ କରିଥିଲେ । ଏହି ସମ୍ମିଳନୀରେ ଗାଲେନ ବାଇକୋଭସ୍କି ଜଣେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ଯେ ବର୍ତ୍ତମାନ ଚନ୍ଦ୍ରଲୋକକୁ କୌଣସି ଲୋକ ପଠାଇବା ପାଇଁ ଋଷିଆର କିଛି ଯୋଜନା ନାହିଁ । ଆଉ କେତେକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ ମହାକାଶକୁ ସ୍ପୁଟ୍‌ନିକ ପଠାଇବା ଓ ଲୋକ ପଠାଇବାରେ ସୋଭିଏଟ୍ ଋଷିଆ ପ୍ରଥମ ଦେଶ । × × × ମହାକାଶରେ କ୍ଷେପଣାସ୍ତ୍ର ଘାଟି ପ୍ରତିଷ୍ଠା କରିବା ପାଇଁ ଋଷିଆର କୌଣସି ଯୋଜନା ନାହିଁ ।

ବସାଇଥିଲେ ।

ତତ୍ପରେ ଭୁବନେଶ୍ୱର ରାଜଭବନରେ ରୁଷୀୟ ମହାକାଶଯାତ୍ରୀମାନଙ୍କୁ ଏକ ଭୋଜନରେ ଆପ୍ୟାୟିତ କରାଯାଇଥିଲା ।



ଚିତ୍ରରେ—(ବାମରୁ ଡାହାଣକୁ) ମେଜର ବାଇକୋଭସ୍କି, ଶ୍ରୀମତୀ ଖୋସଲା, ଭଲେଣ୍ଟିନା ନିକୋଲାଏଭା, ରାଜ୍ୟପାଳ ଡକ୍ଟର ଖୋସଲା, ଶ୍ରୀମତୀ ବାଇକୋଭସ୍କି ଓ ମେଜର ନିକୋଲାଏଭ ।



ସେଦିନ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପରେ ମହାକାଶଯାତ୍ରୀମାନଙ୍କ ସମ୍ବର୍ଦ୍ଧନା ପାଇଁ ନୃତ୍ୟଗୀତର ଆୟୋଜନ ହୋଇଥିଲା




ଉପରେ—ଷ୍ଟେଟ ପ୍ଲାନିଂ ବୋର୍ଡର ଡେପୁଟି ଚେୟାରମ୍ୟାନ ଓ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପ୍ରମୁଖଙ୍କ ପ୍ରଦତ୍ତ ପୌର ସମ୍ବର୍ଦ୍ଧନା । Valentina Tereskova in BBSR

ସେହିଦିନ ଅପରାହ୍ଣରେ କଟକସ୍ଥ ବାରବାଟୀ ଷ୍ଟାଡ଼ିୟମରେ ସୋଭିଏଟ୍ ମହାକାଶଯାତ୍ରୀମାନଙ୍କୁ ପୌର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ଏବଂ କଟକ ମ୍ୟୁନିସିପାଲିଟି, ଓଲମ୍ପିକ ଆସୋସିଏସନ ଓ ଅନ୍ୟାନ୍ୟ ଅନୁଷ୍ଠାନ ତରଫରୁ ବହୁବିଧ ଉପହାର ଦିଆଯାଇଥିଲା ।

ସେଠାରେ ବହୁ ଲୋକଙ୍କର ଏକ ସଭାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ ମିତ୍ର କହିଥିଲେ ଯେ, ଭାଲେଣ୍ଟିନା ନିଜର ସାହସ ଯୋଗୁଁ ସାରା ପୃଥିବୀର ମହିଳାମାନଙ୍କ ଗୌରବ ବଢ଼ାଇ ଦେଇଛନ୍ତି । ଓଡ଼ିଶାର ମହିଳାମାନେ ଭାଲେଣ୍ଟିନାଙ୍କ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଅନୁସରଣ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ । ଶ୍ରୀ ବିଜୁ ପଟ୍ଟନାୟକ ସୋଭିଏଟ୍ କୃତିତ୍ୱର ପ୍ରଶଂସା କରି କହିଥିଲେ ଯେ, ଏହା ଭାରତୀୟମାନଙ୍କ ସମ୍ମୁଖରେ କର୍ମନିଷ୍ଠା, ଶୃଙ୍ଖଳା ଓ ଦୃଢ଼ ପ୍ରତିଜ୍ଞାର ମଶାଲରୂପେ କାର୍ଯ୍ୟ କରିବ ।

ବାରବାଟୀ ଷ୍ଟାଡ଼ିୟମଠାରେ ବିରାଟ ଜନତାଙ୍କୁ ଭାଲେଣ୍ଟିନାଙ୍କ ଅଭିବାଦନ



# ପଥ ଭ୍ରାନ୍ତି

ଯଦି ଭାରତରେ ଗ୍ରାମଗୋଷ୍ଠୀ ଉନ୍ନୟନ ପାଇଁ ମାହେନ୍ଦ୍ର ମୁହୂର୍ତ୍ତ ବୋଲି କିଛି ଘଟିଥାଏ, ତାହା ଘଟିଥିଲା ୧୯୫୨ ଅକ୍ଟୋବର ମାସରେ, ଯେତେବେଳେ କି ୫୨ଟି ଉନ୍ନୟନ ଯୋଜନା ଦେଶର ବିଭିନ୍ନ ଅଞ୍ଚଳରେ ଚାଲୁ କରାଯାଇ ସମସ୍ତଙ୍କଠାରୁ ପ୍ରଶଂସା ଅର୍ଜନ କରିଥିଲା ଓ ଦୂରଆଡ଼େ ସେହିଭଳି କାର୍ଯ୍ୟକ୍ରମ ପାଇଁ ଦାବୀ ଉଠିଲା । ଭାରତ ଇତିହାସରେ ପ୍ରଥମ ଥର ପାଇଁ ସରକାରୀ କର୍ମଚାରୀମାନେ ସେବକରୂପେ ଗାଁଆଡ଼କୁ ଧାଇଁବା ଦେଖାଗଲା ଓ ଲୋକଙ୍କ ମନରେ ଏହାର ଖୁବ୍ ପ୍ରଭାବ ମଧ୍ୟ ପଡ଼ିଥିଲା ।

ତା ପରବର୍ତ୍ତୀ ଏହି କାର୍ଯ୍ୟକ୍ରମକୁ ଜାତୀୟ ସଂପ୍ରସାରଣ ନାମରେ ବ୍ୟାପକଭାବେ କାର୍ଯ୍ୟକାରୀ କରାଗଲା । ସେତେବେଳେ ଲୋକେ ବଡ଼ ଆଶା ମନରେ ବାନ୍ଧି ଏସବୁ କାର୍ଯ୍ୟକ୍ରମ ଦ୍ରୁତ ଚାଲୁ କରାଯାଇଥିଲା । କିନ୍ତୁ ସାତ ଜାତ ମଧ୍ୟରେ ସଂପ୍ରସାରଣ-କାର୍ଯ୍ୟ ଓ ବହୁସଂଖ୍ୟକ କର୍ମଚାରୀ ନିଯୁକ୍ତି ସଙ୍ଗେ ସଙ୍ଗେ ଦେଖାଗଲା ଯେ ଜିଲ୍ଲା ଓ ରାଜ୍ୟସ୍ତରୀୟ ଅମଲାତନ୍ତ୍ର ସହିତ ଗ୍ରାମ୍ୟସ୍ତରୀୟ କର୍ମଚାରୀମାନଙ୍କ ବ୍ୟକ୍ତିଗତ ସଂପର୍କ କମିବାକୁ ଲାଗିଲା ଓ ଗ୍ରାମ୍ୟସ୍ତରୀୟ କର୍ମଚାରୀମାନଙ୍କୁ କେବଳ ଗୋଟିଏ ଲେଖାଏଁ ଥାକ ବୋଲି ମନେ କରାଗଲା । କ୍ରମେ ପ୍ରକୃତ କାର୍ଯ୍ୟ ଉପରେ ଗୁରୁତ୍ୱ କମିଯାଇ ପରିସଂଖ୍ୟାନ ଉପରେ ବେଶି ଦୃଷ୍ଟି ଦିଆଗଲା । କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରିବା ପାଇଁ ଯେଉଁ ଗ୍ରାମସେବକମାନଙ୍କୁ ରଖାଗଲା ସେମାନଙ୍କ ଉପରେ ତଧ ନେଇ ନ ପାରିବା ଓଜନର ରେଜିଷ୍ଟର ଓ ଫର୍ମ ଲଦି ଦେଇ ସେଗୁଡ଼ିକୁ ପୂରଣ କରିବା ପାଇଁ ତାଙ୍କୁ କୁହାଗଲା ।

କ୍ରମେ ଯେତେବେଳେ ଲୋକେ କାର୍ଯ୍ୟକ୍ରମ ପ୍ରତି ତଥା ଉନ୍ନୟନ କର୍ମଚାରୀମାନଙ୍କ ପ୍ରତି ଉଦାସୀନ ହୋଇପଡ଼ିଲେ, ସେତେବେଳେ ଯାଇ ଅସୁବିଧାଟା ସମସ୍ତଙ୍କ ଆଖିରେ ପଡ଼ିଲା । ସରକାର ଶ୍ରୀ ବଳବନ୍ତରାୟ ମେହେଟାଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ଗଠନ କଲେ । ଏହି କମିଟି ବହୁଥର ଏକାଠି ହୋଇ ଆଲୋଚନା ଓ ବିସ୍ତର ତଳାଇବା ପରେ ସ୍ଥିର କଲେ ଯେ ଲୋକଙ୍କ ମନ ପାଇବାର ଅସଲ ଗୁରୁକାଠି ହେଉଛି ବିକେନ୍ଦ୍ରୀକରଣ । ଲୋକେ ନିଜର ଯୋଜନା ଗଢ଼ି ସେଗୁଡ଼ିକୁ କାର୍ଯ୍ୟକାରୀ କରନ୍ତୁ ଓ ଅଫିସର-ମାନେ ଲୋକମାନଙ୍କୁ ଏହି ସ୍ୱାବଲମ୍ବନଶୀଳତା ହାସଲ କରିବାରେ ସାହାଯ୍ୟ କରନ୍ତୁ ବୋଲି କମିଟି ମତ ଦେଇଥିଲେ ।

## ପଞ୍ଚାୟତିରାଜ ଓ ତା'ର ସମସ୍ୟା

ତା'ପରେ ଗୋଷ୍ଠୀ ଉନ୍ନୟନର ତୃତୀୟ ସନ୍ଧି-ସ୍ଥଳ ଆସି ପହଞ୍ଚିଥିଲା । ଏହାକୁ ଆଜି ପଞ୍ଚାୟତିରାଜ କୁହାଯାଉଛି । ତାହା ଗାଁଗହଳକୁ 'ସ୍ୱୟଂରାଜ' ଆଣି ଗଣତନ୍ତ୍ରର ମୂଳଦୁଆ ମଜବୁତ କରିବ ବୋଲି ଆଶା କରାଯାଉଥିଲା । କିନ୍ତୁ ସେ ଆଶା ବ୍ୟର୍ଥ ହେବାର ସୂଚନା ଶୀଘ୍ର ଦେଖାଦେଇଥିଲା । ପଞ୍ଚାୟତ-ଗୁଡ଼ିକ ଦଳଗତ ମନୋଭାବର କେନ୍ଦ୍ରସ୍ଥଳୀ ହୋଇ-ପଡ଼ିଲା । ସମଗ୍ର ଗୋଷ୍ଠୀର ହିତରେ ଆସିବା ଭଳି କୌଣସି ଉନ୍ନତ କାର୍ଯ୍ୟ ହେବା ଅସମ୍ଭବ ହୋଇ ଉଠିଲା । ପଞ୍ଚାୟତମାନେ ଯାହା କିଛି କଲେ ବା ଯେଉଁ ଯୋଜନା ପ୍ରସ୍ତୁତ କଲେ, ସେସବୁ ଦଳଗତ

୯

ସ୍ୱାର୍ଥ ଓ ସଙ୍କୋଚ ଲକ୍ଷ୍ୟର ଦୃଷ୍ଟିରୁ ପ୍ରସ୍ତୁତ କରାଗଲା । ଅବଶ୍ୟ କେତେକ କ୍ଷେତ୍ରରେ ସେ ଭଲ କାର୍ଯ୍ୟ ହୋଇ ନ ଥିଲା ତା ନୁହେଁ । କିନ୍ତୁ ମୋଟ ଉପରେ ପଞ୍ଚାୟତି-ରାଜ ନିଜ କାର୍ଯ୍ୟର ଭଲମନ୍ଦ ବାଛିବା ପାଇଁ ସ୍ୱଳ୍ପମାତ୍ର ଅବସର ପାଇବା ପୂର୍ବରୁ ସରକାରୀ କର୍ମଚାରୀ ଓ ଲୋକମାନେ ତାହାକୁ ମୃତ ବୋଲି ଧରିନେଲେ ।

ଏହି ଅବସ୍ଥାରେ ଗ୍ରାମଗୋଷ୍ଠୀ ଉନ୍ନୟନ ଆନ୍ଦୋଳନ ଏକ 'ନଯଯୌ ନତସ୍ଥୌ' ଅବସ୍ଥାରେ ପହଞ୍ଚିଲା । ଏକ ବିଭ୍ରାନ୍ତିକର ଚିନ୍ତା ମଧ୍ୟରେ ସମଗ୍ର ଆନ୍ଦୋଳନଟି ଦୋଳାୟମାନ ହେବାକୁ ଲାଗିଲା । ଏବେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଉନ୍ନୟନ କମିଶନରମାନଙ୍କ ଏକାଦଶ ବାର୍ଷିକ ଅଧିବେଶନରେ ଭାଷଣ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଆମନ୍ତ୍ରଣ କଲାବେଳେ ଗ୍ରାମଗୋଷ୍ଠୀ ଉନ୍ନୟନ ମନ୍ତ୍ରୀ ଶ୍ରୀ ଏସ୍. କେ. ଦେ ଯେ ଏହି ବିପର୍ଯ୍ୟୟକୁ ହୃଦୟଙ୍ଗମ କରିଥିଲେ, ଏଥିରେ ସନ୍ଦେହ ନାହିଁ । ସମଗ୍ର କାର୍ଯ୍ୟକ୍ରମକୁ ଏକ ନୂଆ ଗତିଧାରା କିମ୍ବା ନିର୍ଦ୍ଦେଶ ଦେବା ପାଇଁ ସେ ଶ୍ରୀ ନେହରୁଙ୍କୁ ଅନୁରୋଧ କରି ଦୁଃଖର ସହିତ ଜଣାଇଥିଲେ ଯେ ପୂର୍ବରୁ ଯେଉଁସବୁ ନୂଆ ଯୋଜନା ହୋଇସାରିଛି, ସେଗୁଡ଼ିକୁ ପୂରାପୂରି କାର୍ଯ୍ୟକାରୀ କରି ନ ଦେବା ପର୍ଯ୍ୟନ୍ତ ସେ ଆଉ କୌଣସି ନୂଆ ଉଠାଇବେ ନାହିଁ କିମ୍ବା ଯୋଜନା ବଢ଼ାଇବେ ନାହିଁ ।

ପ୍ରଧାନମନ୍ତ୍ରୀ ଏଥିପାଇଁ ପ୍ରସ୍ତୁତ ନ ଥିଲେ ପରି ଜଣାପଡ଼ୁଥିଲେ । ସେ କୃଷି ଉତ୍ପାଦନ ବୃଦ୍ଧି ବଢ଼ାଇବା ପାଇଁ ସବୁପ୍ରକାର ଚେଷ୍ଟା କରାଯିବା ଉପରେ ଜୋର ଦେଇଥିଲେ । କିନ୍ତୁ କିଛି ସମୟ ଭିନ୍ନ ରହିବାପରେ ସେ ଆବେଗର ସହିତ କହିଥିଲେ ଯେ ଅନ୍ୟସବୁ କାର୍ଯ୍ୟ ଅପେକ୍ଷା ଗାଁଗହଳରେ ନରନାରୀମାନଙ୍କୁ ଗଢ଼ିବା ହିଁ ଗ୍ରାମଗୋଷ୍ଠୀ ଉନ୍ନୟନର ଲକ୍ଷ୍ୟ ହେବା ଉଚିତ । ଏହି ଅଗ୍ରଗତି ସଂପର୍କରେ ପ୍ରଧାନମନ୍ତ୍ରୀଙ୍କ ବକ୍ତୃତାରେ ଯେଉଁ ଅନିଶ୍ଚିତ ଭାବ ଦୃଢ଼ରହିଥିଲା, ତାହା ବର୍ତ୍ତମାନ ଚତୁର୍ଥ ପର୍ଯ୍ୟାୟରେ ପ୍ରବେଶ କରିବାକୁ ଯାଉଥିବା ଗୋଷ୍ଠୀ-ଉନ୍ନୟନ ଆନ୍ଦୋଳନକୁ ଅନ୍ଧାରରେ ପକାଇଛି । ବର୍ତ୍ତମାନ ପ୍ରଶ୍ନ ହେଉଛି, ଯଦି ଗୋଷ୍ଠୀ-ଉନ୍ନୟନ ଆନ୍ଦୋଳନ ନିଜର ସମଗ୍ର ଧ୍ୟାନ କୃଷି-ଉତ୍ପାଦନ ଉପରେ ନିବଦ୍ଧ ରଖେ ତେବେ ଏହି ଆନ୍ଦୋଳନ ଖାଦ୍ୟ ଓ କୃଷି ମନ୍ତ୍ରାଳୟର ଉଦରସ୍ଥ ହୋଇଯିବ । ଯଦି କେବଳ ନରନାରୀଙ୍କ ଯୋଗ୍ୟତାର ଉନ୍ନତି ଘଟାଇବା ଦିଗରେ ଏହି ଆନ୍ଦୋଳନ ଚେଷ୍ଟା କରେ ତେବେ ବର୍ତ୍ତମାନର ଆବଶ୍ୟକତା ପୂରଣ ହୋଇ ପାରିବ ନାହିଁ ଏବଂ ଏହି କାର୍ଯ୍ୟକ୍ରମ ସମାଲୋଚକମାନଙ୍କ କ୍ରୋଧ ଆମନ୍ତ୍ରଣ କରିବ ମାତ୍ର ।

## ଗ୍ରାମସଭାକୁ କ୍ଷମତା ଦିଆଯାଉ

କେଉଁ କାରଣରୁ କାର୍ଯ୍ୟକ୍ରମଟି ଏଭଳି ଅବାଞ୍ଛିତ ପରିସ୍ଥିତିରେ ପହଞ୍ଚିଛି ? ଏହାର ପ୍ରଧାନ କାରଣ ହେଉଛି ଯେ ଲୋକମାନଙ୍କ ସହଯୋଗ ପାଇବାରେ ଅସମର୍ଥ ହେବା ଫଳରେ ତାହା ଦୁର୍ବଳ ହୋଇପଡ଼ିଛି । ଲୋକେ ଏହାକୁ ସମର୍ଥନ କରି ନାହାନ୍ତି କାହିଁକି ? ତାର ପ୍ରଥମ କାରଣ ହେଉଛି ଏହି ଯେ ପଞ୍ଚାୟତିରାଜ ଅଧୀନସ୍ଥ ଗ୍ରାମ୍ୟ ସଂସ୍ଥାଗୁଡ଼ିକଦ୍ୱାରା ଲୋକମାନଙ୍କ କଲ୍ୟାଣ ସାଧିତ ହେବା ପାଇଁ ସେମାନଙ୍କଠାରେ ଯଥେଷ୍ଟ କ୍ଷମତା ବା ସମ୍ବଳ ନାହିଁ । ଯଦି ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ କାର୍ଯ୍ୟକ୍ରମ ଚଳାଇବା ପାଇଁ ପୂର୍ଣ୍ଣ କର୍ତ୍ତୃତ୍ୱ ଓ ଯଥେଷ୍ଟ ସମ୍ବଳ ପାଆନ୍ତି, ତେବେ ସେମାନେ ଲୋକମାନଙ୍କ ଆନୁଗତ୍ୟ ଲାଭ କରିପାରିବେ । କିନ୍ତୁ ଯେଉଁଠି ଏହି କ୍ଷମତା ଦିଆଯାଇଥିଲା, ସେଠାରେ ଦେଖାଯାଇଛି ଯେ ପଞ୍ଚାୟତ ଗଠନରେ ବିକେନ୍ଦ୍ରୀକରଣ-ପ୍ରକ୍ରିୟା ସମାପ୍ତି ଲଭିଛି ଓ ଦଳାଦଳିରେ ହିଁ ପଞ୍ଚାୟତର ବଳ ନିହିତ ରହିଛି । ଗାଁ'ର ସବୁ ସାବାଳକଙ୍କୁ ନେଇ ଯେଉଁ

ଗ୍ରାମସଭା ଗଢ଼ାଯାଇଥିଲା, ତାହା କିଛି କାମ ଦେଉନାହିଁ । ଯେଉଁଠି ଅବା ଗ୍ରାମସଭାକୁ ଆନୁଷ୍ଠାନିକ ମଞ୍ଜୁରୀ ମିଳିଛି, ସେଠାରେ ତାହା ନିଷ୍କ୍ରିୟ ହୋଇ ପଡ଼ିଛି । ଯଦି ଗ୍ରାମସଭାକୁ ସକ୍ରିୟ କରିବା ପାଇଁ ଏବଂ ଗ୍ରାମସଭା ନିକଟରେ କୈଫିୟତ ଦେବା ନିମନ୍ତେ ପଞ୍ଚାୟତ ଦାୟୀ ରହିବା ପାଇଁ ବ୍ୟବସ୍ଥା କରାଯାଇ-ଥାନ୍ତା, ତେବେ ଦଳୀୟତନ୍ତ୍ର ବ୍ୟକ୍ତିର ମୁହଁରେ ମଧ୍ୟ ହସ ଦେଖାଦେଇଥାନ୍ତା । ଗଣଶିକ୍ଷାହିଁ ଲୋକମାନଙ୍କୁ ତାଙ୍କର ନୂତନ ଦାୟିତ୍ୱ ପାଇଁ ପ୍ରସ୍ତୁତ କରିପାରିବ । କିନ୍ତୁ ଏହା ଏବେ ବି ଅବହେଳିତ । ଏହାର ପ୍ରଚଳନ କରିବା ସଙ୍ଗେ ସଙ୍ଗେ ଦରକାର ପଡ଼ୁଛି ଏକ ଅର୍ଥନୈତିକ କାର୍ଯ୍ୟକ୍ରମ ଯାହାକି ଠିକ୍ ଜାଗାକୁ ଆସିବ ପାଖାପାଖି କମ୍ବା ଜାଗାରୁ ଆୟର୍ କମ୍ ଆୟ କରୁଥିବା ପରିବାରମାନଙ୍କ ସ୍ୱାର୍ଥ ଉଦ୍ଦିଷ୍ଟ ହେବ । ପ୍ରଥମତଃ ସେହିମାନେ କ୍ରମିକ ଖାତରା କରି ରହିବା ପାଇଁ ଚାହାଁ କରିବେ, ସେମାନେ ଯେପରି ମିଳିମିଶି କୃଷି-ପ୍ରତିଷ୍ଠାନ ଗଢ଼ିବେ ଓ ସମସ୍ତଙ୍କର ସମ୍ବଳ ପୂଳ କରି କୋଠ ଭୂସଂରେ ଖଟାଇବେ, ସେଥିପାଇଁ ଉତ୍ସାହ ଦେବା ଆବଶ୍ୟକ । ଏହା ଫଳରେ ସେମାନଙ୍କ ବୋଝ ହାଲୁକା ହେବ ଓ ନୂଆ ନୂଆ ବିଷୟ ଶିଖିବା ପାଇଁ ବେଶି ସମୟ ମିଳିବା ସଙ୍ଗେ ସଙ୍ଗେ ସେତିକି ଅଧିକ ଲାଭ ମିଳିବ । ବିଶେଷତଃ ବହୁପରିମାଣରେ ନିଯୁକ୍ତିର ସୁବିଧା ଯୋଗାଇଦେବା ପାଇଁ ଜୋରସୋରରେ ଶିଳ୍ପ କାର୍ଯ୍ୟକ୍ରମ ଅନୁସୃତ ହେବା ଦରକାର ଯେପରିକି ଲୋକେ କ୍ରମେ କ୍ରମେ କୃଷିଧନ୍ଦାକୁ ବୃତ୍ତି ନ କରି ଶିଳ୍ପକୁ ଆଦରି ନେବେ ।

ମୋଟ ଉପରେ ବର୍ତ୍ତମାନ ମୁହୂର୍ତ୍ତରେ ତିନୋଟି ବିଷୟ ତୁରନ୍ତ ଆବଶ୍ୟକ—(୧) ଗ୍ରାମସଭାକୁ ସବୁଥିରୁ କ୍ଷମତା ଓ ସମ୍ବଳ ଦେଇ ତାହାକୁ କାର୍ଯ୍ୟକ୍ଷମ କରାଇବା, (୨) ଗଣଶିକ୍ଷା, (୩) ସମବାୟ କୃଷି ଓ ଗ୍ରାମ୍ୟଶିଳ୍ପ ଯୋଜନା । କିନ୍ତୁ ଏଭଳି ମୌଳିକ ବିଷୟକୁ ଆୟତ୍ତ କରିବା ପାଇଁ ଗ୍ରାମଗୋଷ୍ଠୀ ଉନ୍ନୟନର ସାମର୍ଥ୍ୟ ଅଛି କି ?

ଲୋକେ ଏହି କାର୍ଯ୍ୟକ୍ରମକୁ ସମର୍ଥନ ନ କରିବା ପର୍ଯ୍ୟନ୍ତ ଏ କାର୍ଯ୍ୟକ୍ରମ ନିରର୍ଥକ ହୋଇ ରହିବ ଓ ଖୁବ୍ ଶୀଘ୍ର ନିଜ ବନ୍ଧନରେ ବିପ୍ଳବକୁ ଆହ୍ୱାନ କରିବ । ଏଠାରେ ଲୋକେ କହିଲେ, କେବଳ ଯେଉଁ କେତେକ ମୁଷ୍ଟିମେୟ ବ୍ୟକ୍ତି ଉକ୍ତ କାର୍ଯ୍ୟକ୍ରମଦ୍ୱାରା ଉପକୃତ ହୋଇଛନ୍ତି, ସେମାନଙ୍କୁ ନ ବୁଝି ଯେଉଁ ଅଗଣିତ ଜନତା ଏବେ ବି ଉପକୃତ ହୋଇନାହାନ୍ତି, ସେମାନଙ୍କୁ ବୁଝାଇବ ।

ଯେ କେହି ବର୍ତ୍ତମାନ ଗାଁଗଣ୍ଡାକୁ ଗଲେ ଦେଖିବ—ସବୁ ଗ୍ରାମରେ ଗୋଷ୍ଠୀ ଉନ୍ନୟନ ଯୋଜନାର ସଫଳତା; ସତେ କି ଯେପରି ବଡ଼ ବଡ଼ ଅକ୍ଷରରେ ଲେଖାହୋଇଛି ! କୌଣସିଠାରେ ହେଲେ ବିଭିନ୍ନ ଜାତିର ସମ୍ମିଶ୍ରଣ ଦେଖାଯାଇ ନାହିଁ । ଆମେ ଭିନ୍ନ ଭିନ୍ନ ରହିବୁ ଅଥଚ ସମାନ ବୋଲି ବିବେଚିତ ହେବୁ—ଏହି ଖଣ୍ଡରେ ବର୍ତ୍ତମାନ ସବୁ କାମ ଚାଲିଛି; ଗୋଷ୍ଠୀ-ଚେତୋଭାବ ଦେଖାଯାଉନାହିଁ । ଧନୀଲୋକମାନେ ସରକାରୀ ସାହାଯ୍ୟ ମାଗିନେଉଛନ୍ତି—ଆତ୍ମସାହାଯ୍ୟ ଓ ସ୍ୱାବଲମ୍ବନଶୀଳତାର ଏକ ବିଚିତ୍ର ଦୃଷ୍ଟାନ୍ତ ଏ ! ଗରିବଙ୍କର ଅବସ୍ଥା ଯଥାପୂର୍ବଂ ତଥା ପରଂ ରହିଛି । ତାଙ୍କର କେଉଁ ଜମି ହୋଇନାହିଁ କି ସୁଖପ୍ରଦ ବୃତ୍ତି ନାହିଁ । ଶହ ଶହ ବର୍ଷର ଲୋକାଚାର ଓ ଅନ୍ଧବିଶ୍ୱାସକୁ ଏବେ ବି ଲୋକେ ଧରିବସିଛନ୍ତି । ଉନ୍ନତ ପ୍ରଣାଳୀର ଜୀବନଯାପନ ଧରରେ ଲୋକମାନଙ୍କୁ ଚଳାଇନେବା ପାଇଁ ଗ୍ରାମଗୋଷ୍ଠୀ ଉନ୍ନୟନ କ'ଣ କରିଛି ?

ଦରମାଖିଆ କର୍ମଚାରୀ ଓ ସମଭାଗୀଳ ବେସରକାରୀ ଲୋକଙ୍କ ସଂଖ୍ୟା ବଢ଼ାଇଦେଲେ ତ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମର ସଫଳତା ଆସିଯିବ

ନାହିଁ—ଏମାନଙ୍କ ବ୍ୟବହାର ଉପରେ ହିଁ ଉକ୍ତ କାର୍ଯ୍ୟକ୍ରମର ସଫଳତା ନିର୍ଭର କରିବ । ବର୍ତ୍ତମାନ ଦେଖାଯାଉଛି, ସମ୍ବଳର ଅଭାବଯୋଗୁଁ ଯେତେ ସଙ୍କଟ ଉପୁଜୁନାହିଁ, କର୍ମସୂଚୀ ଓ ବେସରକାରୀ କର୍ମୀମାନଙ୍କ ନିଷ୍ଠାର ଅଭାବଯୋଗୁଁ ତଦପେକ୍ଷା ବେଶି ସଙ୍କଟ ଉପୁଜୁଛି । କାରଣ ସେମାନେ ହିଁ ତ ଗ୍ରାମ୍ୟ ଜୀବନର ରୂପ ବଦଳାଇବେ ।

ଏଥିରୁ ଉତ୍ତୁରିବା ପାଇଁ ଗ୍ରାମଗୋଷ୍ଠୀ ଉନ୍ନୟନର ଯୋଜନାକାରମାନେ ବ୍ୟଗ୍ର ହେଉଛନ୍ତି । 'ଗ୍ରାମ ସହାୟକ' କାର୍ଯ୍ୟକ୍ରମ ପ୍ରାୟ କାଲିଗଲାଣି—ଗ୍ରାମ୍ୟ ସ୍ୱେଚ୍ଛାସେବୀ ବାହିନୀ କାର୍ଯ୍ୟକ୍ରମର ଫଳାଫଳ ଯେ ତା'ଠାରୁ ଭଲ ହେବ, ସେପରି ଲକ୍ଷଣ ଦେଖାଯାଉ ନାହିଁ । ଗାଁଗଣ୍ଡାର ଦରିଦ୍ରତମ ଓ ନିମ୍ନତମ ଜନତା ମଧ୍ୟରେ ଉଦ୍ଦୀପନା ଆଣିବା ଲକ୍ଷ୍ୟରେ ସମଗ୍ର କାର୍ଯ୍ୟକ୍ରମରେ ପରିବର୍ତ୍ତନ ଅଣା ନ ଗଲେ ଏହି ଅନ୍ୱେଷଣ ବୃଥାରେ ଗଲାଥିବ । ଏଭଳି ଏକ କାର୍ଯ୍ୟକ୍ରମର ଯୋଜନା ଓ ସମ୍ପାଦନ ପାଇଁ ରାଜନୈତିକ ସାହସ ଥିବା ଆବଶ୍ୟକ ।

ଆଜିକାଲି ଶିଳ୍ପ-ସଭ୍ୟତାର ଯୁଗ । ଯନ୍ତ୍ରଯୁଗରେ ସବୁଆଡ଼େ ସହର ଗଢ଼ିଉଠିବା ସ୍ୱାଭାବିକ; ବାଞ୍ଛନୀୟ ମଧ୍ୟ । କିନ୍ତୁ ଶିଳ୍ପ କହ ବା ସହର କହ, ସବୁରି ପାଇଁ ଦରକାର ଯଥେଷ୍ଟ ଖାଦ୍ୟ । ଖାଦ୍ୟ ଯୋଗାଣ ବୃଦ୍ଧି ପାଇଁ ଆବଶ୍ୟକ ବ୍ୟକ୍ତିଗତ ବା ସମଷ୍ଟିଗତ ଉଦ୍ୟମରେ ଖାଦ୍ୟ ସାମଗ୍ରୀର ଅଧିକା ଉତ୍ପାଦନ । ଏହାର ଅର୍ଥ ହେଉଛି ଯେ ସର୍ବମୋଟ ଆର୍ଥନୀତିକ ବିକାଶ ପାଇଁ ଏକ ପ୍ରଗତିଶୀଳ କୃଷି କାର୍ଯ୍ୟକ୍ରମ ଆବଶ୍ୟକ । କିନ୍ତୁ କୃଷି ପାଇଁ ଜମି ଦରକାର ଅଥଚ ଚାଷଜମି ସହରରେ ବେଶି ନ ଥାଏ;—ଥାଏ ଗାଁଗଣ୍ଡାରେ । ଏଥିରୁ ଦେଖାଯାଉଛି ଯେ ଗ୍ରାମବିକାଶ ଓ ସହର-ବିକାଶ ପରସ୍ପରର ଅନୁପୂରକ ମାତ୍ର ।

କମ୍ୟୁନିଷ୍ଟ ଦେଶମାନଙ୍କରେ ଯୌଥ କୃଷିକ୍ଷେତ୍ର ପ୍ରତିଷ୍ଠା କରି ଓ ସେଥିରେ ଗ୍ରାମ୍ୟ ଶ୍ରମିକଙ୍କୁ ଜୋର-ଜବରଦସ୍ତି ଖଟାଇ କୃଷି-ଉତ୍ପାଦନରେ ବୈପ୍ଳବିକ ପରିବର୍ତ୍ତନ ଘଟାଇବା ଦିଗରେ ଉଦ୍ୟମ ହୋଇଥିଲା । ଚୀନ୍‌ରେ ମଧ୍ୟ ଏହି ପଦ୍ଧତିରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଚେଷ୍ଟା କରାଯାଇଥିଲା । ଚାଷକାମ ପାଇଁ ନାନା ଉପଦେଶ, ନିର୍ଦ୍ଦେଶ ଓ ପରିବର୍ତ୍ତନର ବ୍ୟବସ୍ଥା ମଧ୍ୟ ହୋଇଥିଲା; କିନ୍ତୁ ସବୁ ସାଙ୍ଗଠନିକ ଓ ବୈଷୟିକ ପରିବର୍ତ୍ତନ ସତ୍ତ୍ୱେ ସେସବୁ ଦେଶରେ ତ କାହିଁ ସନ୍ତୋଷଜନକ ଫଳ ମିଳିପାରିଲା ନାହିଁ । ସମ୍ଭବତଃ ଯଦି କୃଷି ଉପରେ ସରକାରୀ ପ୍ରଭାବ ଅପେକ୍ଷାକୃତ କମ୍ ହୋଇଥାନ୍ତା, ତେବେ ବିକାଶର ବେଗ କ୍ଷିପ୍ରତର ହୋଇଥାନ୍ତା ।

ଅଣ-କମ୍ୟୁନିଷ୍ଟ ଦେଶମାନଙ୍କରେ କୃଷି ନବୀକରଣ ଓ ଗୋଷ୍ଠୀ ଉନ୍ନୟନ ପ୍ରତି ସରକାରଙ୍କର ଦୃଷ୍ଟି ଏକାଭଳି ନୁହେଁ । ସରକାରଙ୍କ କୋଟ୍‌ପ୍ୟାଣ୍ଟ-ପିନ୍ଧା କର୍ମଚାରୀମାନେ ଗ୍ରାମ୍ୟ ଜୀବନ ସମ୍ପର୍କରେ ଖୁବ୍ କମ୍ ଜାଣନ୍ତି । ସେଥିପ୍ରତି ସେମାନଙ୍କର ଯତ୍ନ ନ ଥିବା ଭଳି ମନେ ହୁଏ । ଏମାନଙ୍କ ମଧ୍ୟରୁ କେତେକ ହୁଏତ ପୁରୁଷେ ବା ଦୁ'ପୁରୁଷ ହେଲା ଗ୍ରାମ୍ୟ ଜୀବନ ଛାଡ଼ି ସହରବାସୀ ହୋଇଥିବେ । ଆମ ଦେଶରେ ଏବେ ବି ଚାଷକାମକୁ ଲୋକେ ଏକ ନିମ୍ନମାନ ଓ ଅବାଞ୍ଛନୀୟ ଜୀବିକା ବୋଲି ମନେ କରିଥାନ୍ତି । କାହିଁକି ନା ସେଥିରେ 'ପ୍ରେଷ୍ଟିଜ୍' ନାହିଁ, ଉନ୍ନତି (ପ୍ରମୋଶନ)ର ଆଶା ତ ଖୁବ୍ କମ୍; ସରକାରୀ ଚାକିରିରେ ଯେଉଁ ସୁବିଧା ଯୁବକମାନଙ୍କୁ ଆକୃଷ୍ଟ କରିଥାଏ, ତାହା ଚାଷକାର୍ଯ୍ୟରେ ନାହିଁ । କୃଷି ବର୍ତ୍ତମାନ ଯେଉଁଭଳି ଅପେକ୍ଷାକୃତ ନିମ୍ନ ସ୍ଥାନରେ ରହିଛି, ତାହାହିଁ ଏଭଳି ମନୋବୃତ୍ତିର କାରଣ । କୃଷି ପାଇଁ ବହୁତ ପାଣି ଢାଳିଗଲେ ସୁଦ୍ଧା ଶିଳ୍ପ ଉପରେ

ଅଧିକ ସ୍ତରର ରହିଛି । କିନ୍ତୁ ଆମର ଲକ୍ଷ୍ୟ ହେଉଛି ଆମ ଅର୍ଥନୀତିର କ୍ଷିପ୍ର ଓ ସୁଷମ ବିକାଶ ଘଟାଇବା— ଅର୍ଥାତ କୃଷି-ବିପ୍ଳବ ଓ ଶିଳ୍ପ-ବିପ୍ଳବ ସମପରିମାଣରେ କାର୍ଯ୍ୟକାରୀ ହେଉ ବୋଲି ଆମେ ଚାହୁଁଥାଉଁ । ତେଣୁ ଏ ଦିଗରେ ରହିଥିବା ସାଂଗଠନିକ ଓ ଅନ୍ୟାନ୍ୟ ଅସୁବିଧା ଦୂର ପାଇଁ ବ୍ୟବସ୍ଥା କରିବାକୁ ହେବ ।

ଏ ଦିଗରେ କେତୋଟି ମୌଳିକ ପ୍ରଶ୍ନ ଉଠିବା ସ୍ୱାଭାବିକ—ବର୍ତ୍ତମାନ ଗାଁଗହଳରେ ଜମି-ଜୋତ ବ୍ୟବସ୍ଥା ଯେଉଁ ଆକାରରେ ଅଛି, ସେହି ଅବସ୍ଥାରେ କୃଷକମାନଙ୍କ ଉନ୍ନତି କରାଯାଇପାରିବ କି ? ବଡ଼ ବଡ଼ ଗ୍ରାମର ଗଢ଼ଣ ଓ ସଂଗଠନରେ ବୈପ୍ଳବିକ ପରିବର୍ତ୍ତନ ନ ଆଣି କୃଷିକାର୍ଯ୍ୟକୁ ଆଗେଇ ନିଆଯାଇପାରେ କି ? ବର୍ତ୍ତମାନ ପରିସ୍ଥିତିରେ ଏ ଦିଗରେ କିଛି କରାଯାଇ ପାରିବ ବା ନାହିଁ ?

ମନେ କରାଯାଉଛି ଯେ ଜମିମାଲିକ ଗାଁରେ ନ ରହି ଯେପରି ଜମିର ମାଲିକାନା ଭୋଗ କରୁଛି, ତାହା କୃଷି ଅନଟନର ପ୍ରଧାନ କାରଣ । ଧରିନିଆଯାଉଛି ଯେ ଜମିର ମାଲିକାନାରେ ପରିବର୍ତ୍ତନ ଆଣିଗଲେ ଉତ୍ପାଦନ ବୃଦ୍ଧି ପାଇବ । ସାଧାରଣତଃ ଧରି- ନିଆଯାଉଛି ଯେ ଅବିଚ୍ଛିନ୍ନ ଦଖଲ ଓ ଚରଣାମରେ ମାଲିକାନାର ବ୍ୟବସ୍ଥା ହୋଇଗଲେ ଚାଷୀମାନେ କୃଷି ଉଦ୍ୟମ ବଢ଼ାଇବା ଦିଗରେ ପ୍ରେରଣା ପାଇବେ ।

ଏହିପରି ନାନା ଯୁକ୍ତି ଭିତରେ କିନ୍ତୁ ଅସଲ ସମସ୍ୟା ଯେଉଁଠି ଥିଲା, ସେଇଠି ରହିଛି । କଥା ହେଲା ଚାଷୀ ତାର ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ତୁରନ୍ତ ଯେତିକି ଦରକାର, ତା ଅପେକ୍ଷା ଅଧିକ ଉତ୍ପାଦନ କଲେ ବା ଜମିରୁ ରୋଜଗାର କଲେ ଯିନା ସମୃଦ୍ଧ ଉତ୍ପାଦନ ବୃଦ୍ଧିର ସମ୍ଭାବନା ରହୁଥାନ୍ତା; କିନ୍ତୁ ଜମି ଉପରେ ଲୋକସଂଖ୍ୟାର ଚାପ, ଖଣ୍ଡି-ଖଣ୍ଡିକିଆ ଜମି, ମୂଳଧନର ଅଭାବ ଇତ୍ୟାଦି କାରଣ ଯୋଗୁଁ ସାଧାରଣ ଚାଷୀ ହୁଏତ ବଳକା ଉତ୍ପାଦନ କରିବା ଅବସ୍ଥାରେ ନାହିଁ । ଅନ୍ୟ କଥାରେ କହିବାକୁ ଗଲେ, ଖାଲି ସାମାଜିକ ପରିବର୍ତ୍ତନ ଯଥେଷ୍ଟ ହେବ ନାହିଁ । ଅବଶ୍ୟ ଏହା ଆବଶ୍ୟକ; କିନ୍ତୁ ଉତ୍ପାଦନ ପ୍ରଣାଳୀର ଆଗିଦୁଗିଆ ପରିବର୍ତ୍ତନ ନ ହେଲେ ସାମାଜିକ ପରିବର୍ତ୍ତନ ଏକୁଟିଆ କିଛି କରି ନ ପାରେ । ଏପରି କି ଯଦି ସମସ୍ତ ଜମି- ମାଲିକଙ୍କୁ ବେଦଖଲ କରି ଦିଆଯାଏ ଅଥଚ ଚାଷ ପ୍ରଣାଳୀ ପୁରୁଣା ରହେ, ତେବେ ବି କୃଷି ବିକାଶ ଏକ ସମସ୍ୟା ହୋଇ ରହିଥିବ ।

ଯଦି କୃଷିର ଉନ୍ନତିଦ୍ୱାରା ସୁସ୍ଥିର ଆର୍ଥନୀତିକ ବିକାଶ ଘଟାଇବା ଲକ୍ଷ୍ୟ ହୁଏ, ତେବେ ବ୍ୟକ୍ତିଗତ ଉତ୍ପାଦନ ସାମର୍ଥ୍ୟ ତଥା ଜମିର ଉତ୍ପାଦିକାଶକ୍ତି ବୃଦ୍ଧି ପାଇବା ଉଚିତ । ତେଣୁ ଜୀବନଧାରଣ କ୍ଷେତ୍ରରୁ କୃଷିକାର୍ଯ୍ୟ ଆଧୁନିକୀକରଣ ଆଡ଼କୁ ଗତି କରିବା ଉଚିତ । ଏଥିପାଇଁ ଗ୍ରାମ୍ୟଜୀବନର ବିପୁଳ ପରିବର୍ତ୍ତନ ଆବଶ୍ୟକ । ଆଉ ମଧ୍ୟ କୃଷିକାର୍ଯ୍ୟ ନିମନ୍ତେ ପ୍ରତ୍ୟେକ ପରିବାର ଗୋଟିଏ ଗୋଟିଏ ଆର୍ଥନୀତିକ ଏକକ ନ ହୋଇ ପ୍ରତ୍ୟେକ ଗ୍ରାମ ଏକକ ହେବା ଉଚିତ । ବର୍ତ୍ତମାନ ଜମିଖଣ୍ଡମାନ ଖୁବ୍ ଛୋଟ ଆକାରରେ ଥିବାରୁ ଯେତେ ଭୂସଂସ୍କାର କଲେ ସୁଦ୍ଧା ସାଧାରଣତଃ ଅଧିକ ଉତ୍ପାଦନ ହେଉ ନାହିଁ । ଯେତେ ବୁଦ୍ଧିମତ୍ତାର ସହିତ କୃଷିକାର୍ଯ୍ୟ କରାଗଲେ ସୁଦ୍ଧା କୃଷି ବିକାଶ ଦିଗରେ ଏହା ଯଥେଷ୍ଟ ଫଳପ୍ରଦ ହେବ ନାହିଁ । ଯଦି ଜମିଗୁଡ଼ିକୁ ଚକବନ୍ଦୀ କରି ନ ଦିଆଯାଏ, [illegible] ଉତ୍ପାଦନ କରା ନ ଯାଏ ଓ ମୂଳଧନ ବିନିଯୋଗ ମଧ୍ୟ ପ୍ରୟୋଗ କରା ନ ଯାଏ, ତେବେ କୃଷିକ୍ଷେତ୍ରରେ [illegible] ରହିବ ହିଁ ରହିବ । ବଡ଼ ବଡ଼ [illegible] ଯେଉଁସବୁ ମତ ଅନୁସରଣ କରାଯାଏ, ତାହାଙ୍କ ସମଗ୍ର କୃଷିକ୍ଷେତ୍ର ପ୍ରତି ପ୍ରଯୁଜ୍ୟ ।

ଦ୍ୱିତୀୟତଃ ଯେଉଁସବୁ ସାଂଗଠନିକ ବ୍ୟବସ୍ଥା ଯୋଗୁଁ କୃଷିକାର୍ଯ୍ୟ ବ୍ୟାହତ ହେଉଛି, ସେଗୁଡ଼ିକୁ


ଦୂର କରିବାକୁ ହେବ । ବର୍ତ୍ତମାନ ଶିକ୍ଷାନୁଷ୍ଠାନଗୁଡ଼ିକ ସେତେ ଭଲ ଅବସ୍ଥାରେ ନାହିଁ । ବ୍ଲକ ଉନ୍ନୟନ ସଂସ୍ଥାଗୁଡ଼ିକରେ ଯଥେଷ୍ଟ ସଂଖ୍ୟାରେ ଯୋଗ୍ୟତା-ସମ୍ପନ୍ନ କର୍ମଚାରୀ ନାହାନ୍ତି । ଗୁଡ଼ାଏ ବାଜେ କାମ ସେମାନେ କରୁଛନ୍ତି; ଯାହାକି ସେମାନଙ୍କୁ କାର୍ଯ୍ୟ ପାଇଁ ଉଦ୍ଦୀପନା ନ ଦେଇ ବରଂ ଅଳସୁଆମିକୁ ଖୋଡ଼ାଇବା ପାଇଁ ପ୍ରଶସ୍ତ ହେଉଛନ୍ତି । ସମବାୟ ସଂସ୍ଥାଗୁଡ଼ିକ ସହଯୋଗ ମନୋବୃତ୍ତିହୀନ ସ୍ୱାର୍ଥାନ୍ୱେଷୀଙ୍କ ଦ୍ୱାରା ଭାରାକ୍ରାନ୍ତ ହୋଇଥିବାରୁ ପରିବର୍ତ୍ତନର ଆଶାନୁରୂପେ କାର୍ଯ୍ୟ କରିପାରୁ ନାହାନ୍ତି । ଯଦି ପ୍ରକୃତରେ ସର୍ବାଙ୍ଗୀନ ଗୋଷ୍ଠୀଉନ୍ନୟନ କାର୍ଯ୍ୟରେ ଲୋକମାନଙ୍କୁ ଜଡ଼ିତ କରିବାକୁ ଲକ୍ଷ୍ୟ ରଖାଯାଏ, ତେବେ କଡ଼ାକଡ଼ି କେତେକ ଆଇନ ତଥା ଅଭାବ-ଅସୁବିଧାର ଲୋପସାଧନଦ୍ୱାରା ଲୋକମାନଙ୍କ ମନରେ ଏମାନ ଅନୁଷ୍ଠାନ ପ୍ରତି ଆସ୍ଥା ଓ ଶ୍ରଦ୍ଧା ଜନ୍ମାଇବା ଆବଶ୍ୟକ ।

ଦ୍ୱିତୀୟତଃ ଗ୍ରାମାଞ୍ଚଳରେ ବେକାର ଶ୍ରମଶକ୍ତିକୁ ଶିଳ୍ପ ଜଗତରେ ଗ୍ରହଣ କରିବା ପ୍ରଶ୍ନର ସମାଧାନ ନ ହେବା ପର୍ଯ୍ୟନ୍ତ କୃଷିକାର୍ଯ୍ୟର ସମୀକରଣ ଓ ଆଧୁନିକୀକରଣ ହୋଇପାରିବ ନାହିଁ । ଲୋକ-ସଂଖ୍ୟାର ଉପଯୋଗୀ ବିଶେଷ ବିଶେଷ ଧରଣର କୃଷି ଓ ମୂଳଧନର ବିନିଯୋଗ ଆବଶ୍ୟକ ପଡ଼ୁଛି । ଯେଉଁଠି ବହୁସଂଖ୍ୟକ ଲୋକ ଜୀବିକାନିର୍ବାହ ପାଇଁ ଅପେକ୍ଷାକୃତ ଅଳ୍ପ ଜମି ଉପରେ ନିର୍ଭର କରନ୍ତି, ସେଠାରେ ବିକ୍ରୀ ପାଇଁ ବଳକା ମାଲ ଖୁବ୍ କମ୍ ରହୁଛି । ସ୍ୱତନ୍ତ୍ର ଧରଣର କୃଷି ପାଇଁ ସେଠାରେ ପ୍ରେରଣା ଦେଖାଯାଉ ନାହିଁ, କାରଣ ଏଥିପାଇଁ ଅର୍ଥ ବିନିଯୋଗ ଆବଶ୍ୟକ । ଯଦି ସ୍ୱତନ୍ତ୍ର ଧରଣର କୃଷି କରାଯାଏ, ତେବେ ଉତ୍ପାଦିତ ବଳକା ମାଲର ବିକ୍ରୟ କରିବାକୁ ପଡ଼ିବ । ଏହା ଫଳରେ ଲୋକମାନଙ୍କୁ ମାଲ ଚଳାଣ ଓ ବ୍ୟବସାୟ ପାଇଁ ଧନ୍ଦା ମିଳିପାରିବ ଏବଂ ଗାଁଗହଳର ଲୋକଙ୍କ ହାତକୁ ଅଧିକ ଟଙ୍କା-ପଇସା ଆସିପାରିବ ।

ଯଦି ସମସ୍ତ ରାଜନୈତିକ ଓ ଅନ୍ୟାନ୍ୟ ସଂଗଠନକୁ ଏ କାର୍ଯ୍ୟରେ ଲଗାଯାଏ, ତେବେ କୃଷିକ୍ଷେତ୍ରରେ ଲାଭପ୍ରଦ ନୂତନ ପ୍ରଣାଳୀର ଦ୍ରୁତ ବିକାଶ ସମ୍ଭବ ହୋଇପାରିବ । ଭାରତରେ ସାଂଗଠନିକ ସାମର୍ଥ୍ୟର ଅଭାବ ରହିଛି । ଆଗରୁ ରହିଥିବା ରାଜନୈତିକ ଓ ସାମାଜିକ ଅନୁଷ୍ଠାନଗୁଡ଼ିକୁ କାର୍ଯ୍ୟରେ ଲଗାଇବା ପାଇଁ ବି ଯଥେଷ୍ଟ ଉଦ୍ୟମ ହୋଇନାହିଁ । ତାହାଛଡ଼ା କୃଷିକାର୍ଯ୍ୟ ଚଳାଇବା ପାଇଁ ସୈନ୍ୟବାହିନୀର ଲୋକମାନଙ୍କୁ ମଧ୍ୟ ନିଯୁକ୍ତ କରାଯାଇପାରେ । କିନ୍ତୁ ଏଥିପାଇଁ ସେନାବାହିନୀକୁ ଏକ ଅଲଗା ପ୍ରକାରର ଆର୍ଥିକ ଓ ସାମାଜିକ ଆଭିମୁଖ୍ୟ ପ୍ରଦାନ କରିବାକୁ ପଡ଼ିବ । କୃଷି ସମ୍ପର୍କରେ ନୂଆ ନୂଆ ପନ୍ଥା ଅନ୍ୱେଷଣ କରିବାରେ ସୈନିକମାନେ ପଥ-ପ୍ରଦର୍ଶକ ହୋଇ ପାରିବେ । ବର୍ତ୍ତମାନ ପ୍ରତିରକ୍ଷା ଛଡ଼ା ଅନ୍ୟ କୌଣସି କାର୍ଯ୍ୟରେ ଆମର ସେନାବାହିନୀକୁ ଲଗାଯାଉ ନାହିଁ । ଆର୍ଥିକ ଦୃଷ୍ଟିକୋଣରୁ ପ୍ରତିରକ୍ଷା ବ୍ୟୟ ଏକ କ୍ଷତିବହୁଳ ବ୍ୟୟ ମାତ୍ର । କିନ୍ତୁ ଯଦି ଏହାକୁ ଆର୍ଥିକ କର୍ତ୍ତବ୍ୟ ତୁଲାଇବାରେ ନିଯୁକ୍ତ କରାଯାଏ, ତେବେ ଏହା ପ୍ରତିରକ୍ଷା କାର୍ଯ୍ୟ ତୁଲାଇବା ସଙ୍ଗେ ସଙ୍ଗେ ଦେଶର ଉନ୍ନୟନରେ ବିଶେଷ ଭାଗ ନେଇପାରିବ । ସେତେବେଳେ ସେନା-ବାହିନୀ ପିଛା ହେଉଥିବା ଖର୍ଚ୍ଚ ଆମ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିବ ନାହିଁ । ସୈନିକମାନଙ୍କ କର୍ତ୍ତବ୍ୟର ଏହିଭଳି ନୂତନ ଆଭିମୁଖ୍ୟ ଫଳରେ ସେମାନେ ଜନ୍ମଭୂମିର ପ୍ରକୃତ ସେବକ ହୋଇପାରିବେ ।

(ଯୋଜନା ପତ୍ରିକାରେ ପ୍ରକାଶିତ 'The Village as the Unit' ନାମକ ପ୍ରବନ୍ଧର ମର୍ମାନୁସରଣରେ ।)

# ଭାରତୀୟ କୃଷି-ଗବେଷଣା ପରିଷଦ




( ଭାରତୀୟ କୃଷି-ଗବେଷଣା ପରିଷଦ, ନୂଆଦିଲ୍ଲୀ )

ଭାରତ ଭଳି ଗୋଟିଏ କୃଷିପ୍ରଧାନ ଦେଶରେ କୃଷକମାନେ ଯେପରି ଜମିରୁ ଅଧିକରୁ ଅଧିକ ଫସଲ ଆମଦାନୀ କରିପାରିବେ, ସେ ଦିଗରେ ସେମାନଙ୍କୁ ସାହାଯ୍ୟ କରିବା ଗୋଟିଏ ପ୍ରଧାନ କାମ । ଗତ ଶତାବ୍ଦୀର ଶେଷଭାଗରେ ଆମ ଦେଶରେ ଘନ ଘନ ଦୁର୍ଭିକ୍ଷ ପଡ଼ିବା ଫଳରେ ବହୁଲୋକ ମରିଥିଲେ ଓ ବହୁଲୋକଙ୍କର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା । ଏହି ଦୁର୍ଭିକ୍ଷରୁ ଦେଶକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଦେଶର କୃଷି-ପଦ୍ଧତିକୁ ଆଧୁନିକ ଯୁଗୋପଯୋଗୀ କରିବାର ଆବଶ୍ୟକତା ଉପଲବ୍ଧି କରାଗଲା । ସେ ପର୍ଯ୍ୟନ୍ତ ଭାରତ ସରକାର କେବଳ କୃଷି ସମ୍ପର୍କରେ ପରିସଂଖ୍ୟାନ ସଂଗ୍ରହ କରୁଥିଲେ ଓ ଘନ ଘନ ଦୁର୍ଭିକ୍ଷ କବଳରୁ କିପରି ରକ୍ଷା ମିଳିବ, ସେ ଦିଗରେ ଗବେଷଣା କରିବା ପାଇଁ ଗୋଟିଏ ଅନୁଷ୍ଠାନର ପରିକଳ୍ପନା କରୁଥିଲେ ।

କ୍ରମେ ସରକାର ଉପଲବ୍ଧି କଲେ ଯେ ଦୁର୍ଭିକ୍ଷ ନିବାରଣ କରିବାକୁ ହେଲେ ନିର୍ଦ୍ଦିଷ୍ଟ ଚେଷ୍ଟା କରିବାକୁ ହେବ । ଏହାପରେ ଭାରତୀୟ କୃଷି-ସେବା ଆରମ୍ଭ କରାଗଲା, ବିହାରର ପୁସାଠାରେ ଗୋଟିଏ କୃଷି ଗବେଷଣା ଅନୁଷ୍ଠାନ ସ୍ଥାପନ କରାଗଲା, ପ୍ରଦେଶଗୁଡ଼ିକରେ କୃଷି ବିଭାଗ ସୃଷ୍ଟି କରାଗଲା ଓ ବିଭିନ୍ନ ସ୍ଥାନରେ କୃଷି ଓ ପଶୁ-ଚିକିତ୍ସା ମହାବିଦ୍ୟାଳୟମାନ ସ୍ଥାପନ କରାଗଲା ।

୧୯୦୫-୦୬ ଖ୍ରୀଷ୍ଟାବ୍ଦ ବେଳକୁ ଏହିସବୁ କାମ ହୋଇସାରିଥିଲା ।

ପ୍ରଦେଶଗୁଡ଼ିକରେ କୃଷି-ନିର୍ଦ୍ଦେଶକମାନେ ଜମି ଓ ଏହାର ଉର୍ବରତା ପରୀକ୍ଷା, କୃଷି-ଉପକରଣର ଉନ୍ନତି ସାଧନ, ମୃତ୍ତିକା ସଂରକ୍ଷଣ ଆଦି କାମ ଆରମ୍ଭ କରି ଦେଲେ । ବିଭିନ୍ନ ରାଜ୍ୟରେ ଏ ସମ୍ପର୍କରେ ଯେଉଁସବୁ କାମ ହେଉଥିଲା, ସେଗୁଡ଼ିକର ତଥ୍ୟ ସଂଗ୍ରହ କରିବା ଓ ବିଭିନ୍ନ ଗବେଷଣା ଅନୁଷ୍ଠାନରେ ହେଉଥିବା ଗବେଷଣା ମଧ୍ୟରେ ସମନ୍ୱୟ ସ୍ଥାପନ କରିବା କେନ୍ଦ୍ରରେ ଥିବା ଜଣେ କୃଷି ଇନ୍‌ସପେକ୍ଟରର ଜେନେରାଲଙ୍କ ପକ୍ଷରେ ସମ୍ଭବ ହେଉ ନ ଥିଲା । ୧୯୧୯ର ଭାରତ ସରକାରଙ୍କ ଆଇନ ପ୍ରବର୍ତ୍ତିତ ହେବା ଫଳରେ କୃଷି-ଗବେଷଣା, ଉନ୍ନୟନ ଓ ଶିକ୍ଷା ପ୍ରସାର ପ୍ରଦେଶ ସରକାରଙ୍କ ଦାୟିତ୍ୱରେ ରହିଲା । ଏହି ଆଇନରେ, କେନ୍ଦ୍ରୀୟ ଓ ପ୍ରାଦେଶିକ କୃଷି



( କେନ୍ଦ୍ରୀୟ ଅଳୁ ଗବେଷଣା କେନ୍ଦ୍ର, ସିମଳା )


ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ପାଇଁ କୌଣସି ବ୍ୟବସ୍ଥା ନ ଥିଲା ।

୧୯୨୭ ମସିହାରେ ଦେଶର କୃଷି ଓ ଗ୍ରାମ୍ୟ ଅର୍ଥନୀତି ସମ୍ପର୍କରେ ଅନୁସନ୍ଧାନ କରି ରିପୋର୍ଟ ଦେବା ପାଇଁ ଏକ ରାଜକୀୟ କମିଶନ୍ ନିଯୁକ୍ତ କରାଗଲା । ଏହି କମିଶନ୍‌ଙ୍କ ସୁପାରିଶକ୍ରମେ ୧୯୨୯ ମସିହାରେ ଭାରତୀୟ କୃଷି-ଗବେଷଣା ପରିଷଦ୍ ସ୍ଥାପିତ ହେଲା । ସମଗ୍ର ଦେଶରେ କୃଷି ଓ ପଶୁପାଳନର ଉନ୍ନତି ସାଧନ କରିବା, ଏ ସମ୍ପର୍କରେ ପରାମର୍ଶ ଦେବା ଓ ଏତଦ୍ ସମ୍ପର୍କରେ ହେଉଥିବା କାର୍ଯ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ଏହି ପରିଷଦର ମୌଳିକ ଲକ୍ଷ୍ୟ ଥିଲା ।


ଭାରତୀୟ କୃଷି-ଗବେଷଣା ପରିଷଦ ଗୋଟିଏ ରେଜେଷ୍ଟ୍ରିକୃତ ସଂସ୍ଥା । ବିଭିନ୍ନ ରାଜ୍ୟର କୃଷି ଓ ପଶୁପାଳନ ବିଭାଗୀୟ ମନ୍ତ୍ରୀ ଏବଂ କୃଷି ବିଭାଗୀୟ ଡିରେକ୍ଟର, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରତିନିଧି, ଭାରତୀୟ ବିଜ୍ଞାନ ଓ ଶିଳ୍ପ-ଗବେଷଣା ପରିଷଦର ପ୍ରତିନିଧି, ଡେରାଡୁନର ବନ-ଗବେଷଣା ଅନୁଷ୍ଠାନର ପ୍ରତିନିଧି, କେନ୍ଦ୍ର ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ, ଅର୍ଥ ମନ୍ତ୍ରାଳୟ ଓ ସମ୍ପୃକ୍ତ ବିଭାଗ ମନ୍ତ୍ରାଳୟର ପ୍ରତିନିଧିମାନେ ଏହି ପରିଷଦର ସଭ୍ୟ । ଭାରତ ସରକାରଙ୍କ ଖାଦ୍ୟ ଓ କୃଷି ମନ୍ତ୍ରୀ ଏହାର ସଭାପତି । ପରିଷଦର ବୈଠକରେ ଦେଶର କୃଷି ଗବେଷଣା ସମ୍ପର୍କରେ ଉଚ୍ଚସ୍ତରୀୟ ନୀତିଗତ ଆଲୋଚନା କରାଯାଇଥାଏ ।

ଆମ ଦେଶର କୃଷି ଓ ପଶୁପାଳନ କ୍ଷେତ୍ରରେ ଏପରି କୌଣସି ଅନୁଷ୍ଠାନ ନାହିଁ, ଯେଉଁଠିକି ଏହି ପରିଷଦର ପ୍ରଭାବ ନ ପଡ଼ୁଛି ।

ସମଗ୍ର ଦେଶରେ ଯେଉଁସବୁ କୃଷି-ଗବେଷଣା ହେଉଛି, ସେଗୁଡ଼ିକ ମଧ୍ୟରେ ସମନ୍ୱୟ ସ୍ଥାପନ, ଏହି ପରିଷଦର ମୁଖ୍ୟ କାର୍ଯ୍ୟ ହେଲେହେଁ ପରିଷଦର ପ୍ରତ୍ୟକ୍ଷ ନିୟନ୍ତ୍ରଣରେ କୌଣସି ଗବେଷଣା ଅନୁଷ୍ଠାନ ନାହିଁ । ପରିଷଦର ବୈଜ୍ଞାନିକ ସମିତି ଓ ପରାମର୍ଶଦାତା ବୋର୍ଡ଼ ବିଭିନ୍ନ ଗବେଷଣା ଯୋଜନାର ଆଲୋଚନା କରି କେଉଁଗୁଡ଼ିକ ରାଜ୍ୟ ସ୍ତରରେ ଓ କେଉଁଗୁଡ଼ିକ କେନ୍ଦ୍ରୀୟ ସ୍ତରରେ କାର୍ଯ୍ୟକାରୀ ହେବ, ତାହା ସ୍ଥିର କରନ୍ତି । ରାଜ୍ୟ ସ୍ତରୀୟ ଗବେଷଣାଗୁଡ଼ିକର ଖର୍ଚ୍ଚ



( ଭାରତୀୟ କୃଷି ଗବେଷଣା ଅନୁଷ୍ଠାନ, ନୂଆଦିଲ୍ଲୀ )



( ଆଖୁ ପ୍ରଜନନ ଅନୁଷ୍ଠାନ, କୋଏମ୍ବାଟୁର )

ସଂପୃକ୍ତ ରାଜ୍ୟ ସରକାର ଓ ପରିଷଦ ଅଧା ଅଧା ବହନ କରନ୍ତି । ଯେଉଁ ଯୋଜନାଗୁଡ଼ିକ ସମଗ୍ର ଦେଶର ଦୃଷ୍ଟିକୋଣରୁ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ବିବେଚିତ ହୁଏ, ପରିଷଦ ସେଭଳି ଯୋଜନାଗୁଡ଼ିକର ସମସ୍ତ ଖର୍ଚ୍ଚ ବହନ କରନ୍ତି ।

କୃଷିକର୍ମ ରାଜ୍ୟ ସରକାରମାନଙ୍କ ନିୟନ୍ତ୍ରଣାଧୀନ ହୋଇଲେହେଁ ଏ ସମ୍ପର୍କୀୟ ଗବେଷଣା ପ୍ରଧାନତଃ କେନ୍ଦ୍ର ସରକାରଙ୍କ ଦାୟିତ୍ୱ । କୃଷି ଓ ପଶୁପାଳନ ସମ୍ପର୍କରେ ବିଭିନ୍ନ ସମସ୍ୟାର ଗବେଷଣା ପାଇଁ ଭାରତ ସରକାର କେତେଗୁଡ଼ିଏ ଗବେଷଣା ଅନୁଷ୍ଠାନ ସ୍ଥାପନ କରିଅଛନ୍ତି ।


ନିମ୍ନଲିଖିତ ଅନୁଷ୍ଠାନଗୁଡ଼ିକ ସେଥିମଧ୍ୟରୁ ପ୍ରଧାନ :

୧। ଭାରତୀୟ କୃଷି ଗବେଷଣା ଅନୁଷ୍ଠାନ, ନୂଆଦିଲ୍ଲୀ
୨। କେନ୍ଦ୍ରୀୟ ଧାନ୍ୟ ଗବେଷଣା ଅନୁଷ୍ଠାନ କଟକ
୩। କେନ୍ଦ୍ରୀୟ ଆଳୁ ଗବେଷଣା ଅନୁଷ୍ଠାନ, ସିମଲା
୪। ଆଖୁ ପ୍ରଜନନ ଅନୁଷ୍ଠାନ, କୋଏମ୍ବାଟୁର
୫। ଭାରତୀୟ ପଶୁପାଳନ ଗବେଷଣା ଅନୁଷ୍ଠାନ, ଇଜ୍ଜାତନଗର ଓ ମୁକ୍ତେଶ୍ୱର
୬। ଭାରତୀୟ ଡାଏରି ଗବେଷଣା ଅନୁଷ୍ଠାନ, କର୍ଣ୍ଣାଲ ଓ ବାଙ୍ଗାଲୋର ।

ଏଗୁଡ଼ିକ ଛଡ଼ା ଦେଶର ବିଭିନ୍ନ ଅଞ୍ଚଳରେ ଅନେକଗୁଡ଼ିଏ ଗବେଷଣା ଷ୍ଟେସନ ଓ ସବଷ୍ଟେସନ ଅଛି । ଏ ଗୁଡ଼ିକରେ ବିଭିନ୍ନ ଫସଲ ଓ ପଶୁପାଳନ ସମ୍ପର୍କୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଗବେଷଣା କରାଯାଉଛି । ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ସଂପୃକ୍ତ ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟଦ୍ୱାରା ନିୟନ୍ତ୍ରିତ ହୋଇଲେହେଁ, ପ୍ରକୃତ ଗବେଷଣା ଓ ସେଗୁଡ଼ିକ ମଧ୍ୟରେ ସମନ୍ୱୟ ସ୍ଥାପନ ଦିଗରେ ପରିଷଦ ଉଦ୍ୟମ କରିଥାନ୍ତି । ଏଥିମଧ୍ୟରୁ ଅଧିକାଂଶ ପରିଷଦର ଆର୍ଥିକ ସାହାଯ୍ୟରେ ପରିଚାଳିତ ।

ବିଭିନ୍ନ ପଣ୍ୟ ଦ୍ରବ୍ୟ ବା ଶସ୍ୟ ସମ୍ପର୍କରେ ଗବେଷଣା କରିବା ପାଇଁ ମଧ୍ୟ ସମିତିମାନ ରହିଛି । ପରିଷଦର ଉପ-ସଭାପତି ଏହି ସମିତିଗୁଡ଼ିକର ସଭାପତି । ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଶସ୍ୟ ଓ ପଣ୍ୟଦ୍ରବ୍ୟ ସମ୍ପର୍କରେ ଯେଉଁସବୁ ଗବେଷଣା ହୁଏ, ଉପରୋକ୍ତ ଗବେଷଣା ସେଗୁଡ଼ିକର ପରିପୂରକ । ଏ ବାବଦରେ ଯାହା ଖର୍ଚ୍ଚ ହୁଏ, ତାହା ବିଭିନ୍ନ ପଣ୍ୟ-ଦ୍ରବ୍ୟ ଉପରୁ ଶୁଳ୍କ ଆକାରରେ ଆଦାୟ କରାଯାଏ ବା ଭାରତ ସରକାରଙ୍କ ସାହାଯ୍ୟରେ ଭରଣା କରାଯାଏ । ରାଜ୍ୟ ସରକାରମାନେ ଏ ଦିଗରେ ଯାହା ଖର୍ଚ୍ଚ କରନ୍ତି, ତାହା ସେମାନଙ୍କୁ ସାହାଯ୍ୟ ଆକାରରେ ଦିଆଯାଏ । କପା, ଝୋଟ, ଆଖୁ, ତୈଳବୀଜ, ତମାଖୁ, ଗୁଆ, ନଡ଼ିଆ, ଲାଖ, ଲଙ୍କାଆମ୍ବ ଓ ମସଲା ପାଇଁ ଏହିଭଳି ସମିତିମାନ ସ୍ଥାପନ କରାଯାଇଛି ।

ସ୍ୱାଧୀନତାପରେ ଓ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଦେଶର କୃଷି ଉନ୍ନୟନ ଦିଗରେ ଅଧିକ ଧ୍ୟାନ ଦିଆଯାଇଛି । ଫଳରେ ପରିଷଦର କାର୍ଯ୍ୟ ବହୁ ପରିମାଣରେ ବଢ଼ିଯାଇଛି । କୃଷି ସମ୍ପର୍କରେ ଗବେଷଣା ଛଡ଼ା କୃଷିଶିକ୍ଷା ଓ କୃଷି-ସୂଚନାର ପ୍ରସାର ମଧ୍ୟ ବର୍ତ୍ତମାନ ପରିଷଦର



(କେନ୍ଦ୍ରୀୟ ଧାନ-ଗବେଷଣା ଅନୁଷ୍ଠାନ, କଟକ)

କାର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ । ବର୍ତ୍ତମାନ ଖାଦ୍ୟ ଓ କୃଷି ମନ୍ତ୍ରାଳୟ ଅଧୀନରେ ଥିବା କୃଷି-ସଂପ୍ରସାରଣ ନିର୍ଦ୍ଦେଶାଳୟ କୃଷି-ଶିକ୍ଷା-ବିସ୍ତାର କାର୍ଯ୍ୟ ନିୟନ୍ତ୍ରଣ କରୁଅଛି ।

କୃଷିର ସାମୁହିକ ବିକାଶ ସଙ୍ଗେ ସଙ୍ଗେ କୃଷି-ଶିକ୍ଷାର ପ୍ରସାର ଓ ସମନ୍ୱୟ ଏକାନ୍ତ ଆବଶ୍ୟକ ହୋଇପଡ଼ୁଛି । ସ୍ୱାଧୀନତା ପରେ ଦେଶର କୃଷି-ଶିକ୍ଷା ବିଶେଷ ବିସ୍ତାର ଲାଭ କରିଛି । ୧୯୪୭ ମସିହାରେ ସମଗ୍ର ଦେଶରେ ୧୭ଟି କୃଷି ଓ ୭ଟି ପଶୁଚିକିତ୍ସା କଲେଜ ଥିଲା । ବର୍ତ୍ତମାନ ଏଗୁଡ଼ିକର ସଂଖ୍ୟା ଯଥାକ୍ରମେ ୭୨ ଓ ୧୮ ହୋଇଅଛି । ଏହାଛଡ଼ା ଦେଶରେ ଚାରିଟି କୃଷି-ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଛି ଓ ଆହୁରି କେତୋଟି ନିକଟରେ ସ୍ଥାପିତ ହେଉଛି । ସମଗ୍ର ଦେଶରେ ମାଧ୍ୟମିକ ଶିକ୍ଷାସ୍ତରରେ କୃଷି-ଶିକ୍ଷା ଦିଆଯାଉଛି ।

କୃଷି ସମ୍ପର୍କୀୟ ସୂଚନା ଦୁଇଟି ସ୍ତରରେ ପ୍ରସ୍ତୁତ କରାଯାଉଛି । କୃଷୀମାନେ ଯେପରି ଉନ୍ନତ କୃଷି ପ୍ରଣାଳୀ ସମ୍ପର୍କୀୟ ଗବେଷଣାର ତଥ୍ୟଗୁଡ଼ିକ ସିଧାସଳଖ ପାଇପାରିବେ, ସେ ଦୃଷ୍ଟିରୁ "ଫାର୍ମ ବୁଲେଟିନ"-ମାନ ପ୍ରକାଶ କରାଯାଉଛି । ଏହାଛଡ଼ା 'ଫାର୍ମ ସୂଚନା ସେବା' ଆନୁକୂଲ୍ୟରେ ବିଭିନ୍ନ ସାମୟିକ ପତ୍ର-ପତ୍ରିକାରେ ଏ ସମ୍ପର୍କୀୟ ଗବେଷଣାର ତଥ୍ୟଗୁଡ଼ିକ ଇଂରାଜୀ ଓ ବିଭିନ୍ନ ଭାରତୀୟ ଭାଷାରେ ପ୍ରକାଶ ପାଇଁ ପଠାଯାଉଅଛି । ଦେଶର ଖବର କାଗଜ-ଗୁଡ଼ିକ ଏହି ଧରଣର ଲେଖା ପ୍ରକାଶ କରିବାରେ କ୍ରମେ ଅଧିକରୁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି ।

ପରିଷଦ ତରଫରୁ ଇଂରାଜୀ ଓ ହିନ୍ଦୀରେ କେତେଗୁଡ଼ିଏ ପତ୍ରିକା ପ୍ରକାଶ କରାଯାଉଛି । ତନ୍ମଧ୍ୟରୁ Indian Farming (ଇଣ୍ଡିଆନ୍ ଫାର୍ମିଂ), Indian Horticulture (ଇଣ୍ଡିଆନ୍ ହର୍ଟିକଲ୍‌ଚର), 'ଖେତୀ' ଓ 'ପଶୁପାଳନ' ଉଲ୍ଲେଖଯୋଗ୍ୟ । ଏହାଛଡ଼ା ଧାନ, ଆଳୁ ଓ କୃଷିଶିକ୍ଷା ସମ୍ପର୍କରେ କେତେଗୁଡ଼ିଏ ସାମୟିକ ପତ୍ରିକା ପ୍ରକାଶ କରାଯାଉଛି । ସାଧାରଣ କୃଷୀଙ୍କଠାରୁ ଆରମ୍ଭ କରି ବୈଜ୍ଞାନିକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଏସବୁ ପତ୍ରପତ୍ରିକା ପାଠ କରି ବହୁ ମୂଲ୍ୟବାନ ତଥ୍ୟ ଜାଣିପାରୁଛନ୍ତି । ଅନ୍ୟାନ୍ୟ ପ୍ରକାଶିତ ହେଉଥିବା କେତେକ ବୈଜ୍ଞାନିକ ପତ୍ରିକାକୁ ମଧ୍ୟ ପରିଷଦ ଆର୍ଥିକ ସାହାଯ୍ୟ ଦିଅନ୍ତି ।

ପଶୁପାଳନ ଦିଗରେ ଗୋ-ବସନ୍ତ, ପଶୁମାନଙ୍କର ଖାଦ ଓ ପାଟି ରୋଗ, କୁକୁଡ଼ାମାନଙ୍କର ରାଣୀଖେତ ରୋଗ ସମ୍ପର୍କରେ ପରିଷଦ ଯେଉଁ ପ୍ରତିଷେଧକ ଟୀକା ବାହାର କରିଛି, ତାହା ଉଲ୍ଲେଖଯୋଗ୍ୟ । ଉନ୍ନତ-ଧରଣର ପ୍ରଜନନ ଓ ସଙ୍କର-ପ୍ରଜନନ ପ୍ରକ୍ରିୟା ସାହାଯ୍ୟରେ ଗୋଜାତି ଓ କୁକୁଡ଼ା ପ୍ରଜନନରେ ଉନ୍ନତି ସାଧନ କରାଯାଇଛି ।

ଉନ୍ନତଧରଣର ଆଖୁ, ଗହମ, ଧାନଚାଷ ଫଳରେ ଆମଦାନୀ ବହୁପରିମାଣରେ ବୃଦ୍ଧି ପାଇଛି । ରୋଗ ଓ ପୋକ ଆକ୍ରମଣରୁ ଫସଲ ରକ୍ଷା କରିବା ଦିଗରେ ମଧ୍ୟ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରାଯାଇଛି ।

ଏହିସବୁ ଗବେଷଣା ଓ ଉନ୍ନତି ଫଳରେ ଆମ ଦେଶର କୃଷୀ ଆଜି ନସ୍ତରର କୃପା ଉପରେ ନିର୍ଭର ନ କରି ଫସଲର ରୋଗ ଓ ଶତ୍ରୁ ବିରୁଦ୍ଧରେ ଲଢ଼ିବାକୁ ସମର୍ଥ ହୋଇପାରିଛି ।

ଭାରତୀୟ କୃଷି-ଗବେଷଣା ପରିଷଦ କୃଷି ଓ ପଶୁପାଳନ କ୍ଷେତ୍ରରେ ଯେତେଗୁଡ଼ିଏ ଗବେଷଣା କରିଛି ବା କରୁଛି, ତାହାଛଡ଼ା ଏସବୁ କ୍ଷେତ୍ରରେ ଆହୁରି ଯେ ଅନେକ କିଛି କରିବାକୁ ଅଛି, ତାହା ଅସ୍ୱୀକାର କରି ହେବ ନାହିଁ । ଆମେରିକା-ଯୁକ୍ତରାଷ୍ଟ୍ର ଓ ରୁଷିଆ ଭଳି ଉନ୍ନତ ଦେଶଗୁଡ଼ିକ ସେମାନଙ୍କ ଜାତୀୟ ଆୟର ଶତକଡ଼ା ଦୁଇ ଭାଗ ଏହିସବୁ ଗବେଷଣାରେ ବ୍ୟୟ କରୁଥିବାବେଳେ ଆମ ଦେଶରେ ଶତକଡ଼ା ଏକ ଭାଗର ଏକ-ଚତୁର୍ଥାଂଶ ମାତ୍ର ଖର୍ଚ୍ଚ କରାଯାଉଛି । ଅଥଚ ସେସବୁ ଦେଶର ଜାତୀୟ ଆୟ ଆମ ଦେଶଠାରୁ ଯଥେଷ୍ଟ ବେଶି । ତେଣୁ ଆମର ଗବେଷଣା କାର୍ଯ୍ୟକ୍ରମରେ ଯଦି କେଉଁଠି କିଛି ଭୁଲ ଥାଏ, ତାହା କ୍ଷମଣୀୟ । ତେବେ ଅସଲ କଥା ହେଉଛି ଆମେ ଆମର ଦୋଷ-ଦୁର୍ବଳତା ଜାଣି ଏହାର ପ୍ରତିକାର ପାଇଁ ଯଥାସାଧ୍ୟ ଚେଷ୍ଟା କରିବାକୁ ହେବ ଏବଂ ଆମ ସମ୍ବଳର ଯଥାଯୋଗ୍ୟ ଉପଯୋଗ କରି ତାହାର ସୁଫଳ କୃଷୀମାନଙ୍କ ପାଖରେ ପହଞ୍ଚାଇ ଦେବାକୁ ହେବ । ତାହାହେଲେ ଆମର କୃଷି-ଉତ୍ପାଦନ ବୃଦ୍ଧି ପାଇବ । ଏହାହିଁ ପରିଷଦର ମୁଖ୍ୟ ଉଦ୍ଦେଶ୍ୟ ।

ଗତ ୫୦ ବର୍ଷ ମଧ୍ୟରେ ପରିଷଦ କୃଷି ଓ ପଶୁପାଳନର ଉନ୍ନତି କ୍ଷେତ୍ରରେ ଯାହା କିଛି କରି ପାରିଛି, ସେଥିପାଇଁ ଗୌରବ ଅନୁଭବ କରିବାର ଯଥେଷ୍ଟ କାରଣ ଅଛି ।

## କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟ ଉତ୍ପାଦନ ତଦନ୍ତ କମିଟି ଗଠିତ ହେଲା

ଶ୍ରୀ ହୋଦାରାମ ସୋରେନଙ୍କ ଅଧିନାୟକତ୍ୱରେ ଗୋଟିଏ 'କ୍ଷୁଦ୍ର ଜଙ୍ଗଲ ଜାତ ଦ୍ରବ୍ୟ ଉତ୍ପାଦନ ତଦନ୍ତ କମିଟି' ଗଠିତ ହୋଇଛି । ଏହି କମିଟିରେ ସର୍ବଶ୍ରୀ ସାରଙ୍ଗଧର ପ୍ରଧାନ; ଏମ୍.ଏଲ୍.ଏ., ଗୁରୁ ଚରଣ ନାଏକ; ଏମ୍.ଏଲ୍.ଏ.; ଜି. ଏନ୍. ଦାସ, ଆଦିବାସୀ ଓ ଗ୍ରାମମଙ୍ଗଳ ଡାଇରେକ୍ଟର; ଏମ୍. ଅହମଦୁଲ୍ଲା, ଜଙ୍ଗଲ କନ୍‌ଜରଭେଟର, ଜୟପୁର; ଆଇ. ଦାସ, ଡେପୁଟି ରେଜିଷ୍ଟ୍ରାର, ମାର୍କେଟିଂ; ଏସ୍. ସି. ପାଣିଗ୍ରାହୀ, ସମବାୟ ଓ ଜଙ୍ଗଲ ବିଭାଗ ଡେପୁଟି ସେକ୍ରେଟେରି, ସଭ୍ୟ ରୂପେ ଅଛନ୍ତି । ଶ୍ରୀ ଏସ. ସି. ପାଣିଗ୍ରାହୀ, ଡେପୁଟି ସେକ୍ରେଟେରୀ, ଏହି ତଦନ୍ତ କମିଟିର ସେକ୍ରେଟେରୀରୂପେ କାର୍ଯ୍ୟ କରିବେ ।

ଏହି କମିଟିର ପ୍ରଥମ ବୈଠକ ୧୯୭୮ ମସିହା ନଭେମ୍ବର ୯ ତାରିଖରେ ଅନୁଷ୍ଠିତ ହୋଇଥିଲା । ଜଙ୍ଗଲ ବିଭାଗ ମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀ ଏବଂ ଗ୍ରାମମଙ୍ଗଳ ଓ ଆଦିବାସୀ ମନ୍ତ୍ରୀ ଶ୍ରୀ ଟି. ସାଙ୍ଗାନା ଆମନ୍ତ୍ରଣକ୍ରମେ ଏଥିରେ ଯୋଗ ଦେଇଥିଲେ । ଏହି ବୈଠକରେ ସ୍ଥିର କରାଯାଇଛି ଯେ ଏହି କମିଟି ପ୍ରଥମେ କୋରାପୁଟ, କଳାହାଣ୍ଡି, ଫୁଲବାଣୀ ଜିଲ୍ଲା ପରିଦର୍ଶନରେ ଯିବେ ଓ ଏହି ଜିଲ୍ଲାଗୁଡ଼ିକୁ ତଦନ୍ତ କରି ଦେଖିସାରିବା ପରେ ଜଙ୍ଗଲ ପରିଚାଳନା ସମ୍ପର୍କରେ ଶାସନର ସ୍ୱରୂପ କ'ଣ ହେବ, ସେ ବିଷୟରେ ଗୋଟିଏ ପ୍ରସ୍ତାବ ଦେବେ । ଆହୁରି ମଧ୍ୟ ସ୍ଥିର କରାଯାଇଛି ଯେ ଯଥାସମ୍ଭବ ଏ ସମ୍ପର୍କରେ ଗୋଟିଏ ପ୍ରଶ୍ନାବଳୀ ପ୍ରସ୍ତୁତ କରାଯିବ ଏବଂ ଏହାକୁ ଜଙ୍ଗଲ, ସମବାୟ, ଶିଳ୍ପ ବିଭାଗ, ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ଏବଂ ସରକାରୀ ଅନୁଷ୍ଠାନ, ବିଧାନସଭାର ସଭ୍ୟ, ଏମ୍. ପି., ଓ କଲେକ୍ଟରମାନଙ୍କୁ ବଣ୍ଟନ କରାଯିବ । ଏହାର ଚୂଡ଼ାନ୍ତ ରିପୋର୍ଟ ୧୯୭୯ ମସିହା ମାର୍ଚ୍ଚ ମାସ ଶେଷ ସପ୍ତାହରେ ମିଳିପାରିବ ବୋଲି ଆଶା କରାଯାଉଛି ।

# ଉନ୍ନତ ବିହନ ଉତ୍ପାଦନ

'ଭଲ ଫସଲ ପାଇବାକୁ ହେଲେ ଭଲ ବିହନ ବୁଣିବା ଦରକାର'—ଏହା ଗୋଟିଏ ଅତି ଜଣାଶୁଣା କଥା । ବହୁ ପ୍ରାଚୀନ କାଳରୁ ଆମ ଦେଶର କୃଷୀମାନେ ଏ କଥାର ଗୁରୁତ୍ୱ ବୁଝିପାରିଥିଲେ । ପୂର୍ବ କାଳରେ ଭଲ ବିହନ ସଂଗ୍ରହ କରି ରଖିବା ପ୍ରତ୍ୟେକ କୃଷୀର ପ୍ରଧାନ କର୍ତ୍ତବ୍ୟ ଥିଲା । ସେ କାଳରେ ଲୋକେ ନିଜ ଜମି ପାଇଁ ବିହନ ଅନ୍ୟଠାରୁ ଆଣିବାକୁ ଅପମାନଜନକ ମନେ କରୁଥିଲେ । ଆଜିକାଲି ଯେମିତି ବିହନ ଫାର୍ମ ସ୍ଥାପନ କରାଯାଇ ବିହନ ସୃଷ୍ଟି ଓ ଅମଳ କରାଯାଉଛି ଏବଂ କୃଷୀମାନଙ୍କୁ ତାହା ଯୋଗାଇ ଦିଆଯାଉଛି, ପୂର୍ବେ ସେପରି ନ ଥିଲା । ପ୍ରତି କୃଷୀ ତାଙ୍କର ଆବଶ୍ୟକୀୟ ବିହନ ନିଜ ବିଲରୁ ସଂଗ୍ରହ କରି ରଖୁଥିଲେ ।

ଇଂରେଜ ଶାସନ ଅମଳରେ ଆମ ଦେଶରେ କୃଷିର ଅଧୋଗତି ହେଲା—କୃଷୀମାନେ ବିହନ ସଂପାଦି ରଖିବାରେ ଅବହେଳା ଦେଖାଇଲେ; ଫଳରେ ଉତ୍ପାଦନ କମିଗଲା ।

୧୯୨୭ ମସିହାରେ କୃଷି ସମ୍ପର୍କରେ ଯେଉଁ ରାଜକୀୟ କମିଶନ ବସିଥିଲା, ତାହା ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଫସଲ ପାଇଁ ବିହନ ଫାର୍ମ ସ୍ଥାପନ କରିବା, ବିହନକୁ କପରି ଅମିଶ୍ର ଅବସ୍ଥାରେ ରଖିବାକୁ ହେବ ଓ କୃଷୀମାନଙ୍କୁ ଉନ୍ନତ ବିହନ କପରି ଯୋଗାଇ ଦେବାକୁ ହେବ, ସେ ସମ୍ପର୍କରେ କେତେ ଗୁଡ଼ିଏ ସୁପାରିଶ କରିଥିଲେ । ବିହନ ବଣ୍ଟନ ଓ ପରୀକ୍ଷା କରିବା ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ସଂସ୍ଥା ସ୍ଥାପନ କରିବା ପାଇଁ ମଧ୍ୟ ଏହି କମିଶନ ମତ ଦେଇଥିଲେ । ଏହାପରେ ବିଭିନ୍ନ ରାଜ୍ୟରେ ଉନ୍ନତ ବିହନ ସୃଷ୍ଟି କରିବା ଓ ବଣ୍ଟନ କରିବା ଦିଗରେ ଅନେକ କାମ ହୋଇଥିଲା ।

୧୯୫୨ ମସିହାରେ ଯେଉଁ "ଗ୍ରୋ-ମୋର ଫୁଡ୍" ଅନୁସନ୍ଧାନ କମିଟି ବସିଥିଲା, ତାହା ଅଧିକ ବିହନ ଫାର୍ମ ଖୋଲିବା ଓ ଗ୍ରାମ୍ୟ ସ୍ତରରେ ଉନ୍ନତ ବିହନ ବିଷୟର ପ୍ରସାର କରିବା ପାଇଁ ସୁପାରିଶ କରିଥିଲେ ।

ପ୍ରଥମ ଓ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ଆମ ଦେଶରେ ଉନ୍ନତ ଧରଣର ବିହନ ଉତ୍ପାଦନ ଓ ବଣ୍ଟନ ଦିଗରେ ଅନେକ କାମ ହୋଇଥିଲା । ଦ୍ୱିତୀୟ ଯୋଜନା କାଳରେ ବିହନର ମାନ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଗଲା । ଏହା ଫଳରେ କୃଷୀମାନେ ଉନ୍ନତ ବିହନ ପ୍ରତି ଅଧିକ ଆକୃଷ୍ଟ ହେଲେ ।

ଉନ୍ନତ ବିହନରେ ଦୁଇଟି ବିଶେଷ ଗୁଣ ଥିବା ଆବଶ୍ୟକ । ଗୋଟିଏ ହେଉଛି, ଏହାର ପ୍ରଜନନ-ଶକ୍ତି ଓ ଅନ୍ୟଟି ହେଉଛି ଏହାର ପ୍ରାକୃତିକ ଅବସ୍ଥା । ବିହନ ଯେତେ ଉନ୍ନତ ଧରଣର ହେବ, ତାହାର ପ୍ରଜନନ-ଶକ୍ତି ସେତେ ବେଶୀ ହେବ । ନିର୍ଦ୍ଧାରିତ ପନ୍ଥାରେ ଓ ଅନୁକୂଳ ପରିସ୍ଥିତିରେ ଉନ୍ନତ ବିହନ ବୁଣିଲେ ଆମଦାନୀ ନିଶ୍ଚୟ ଅଧିକ ହେବ । ବିହନର ପ୍ରାକୃତିକ ସ୍ୱଭାବ ଏହାର ଗଜା ହେବା ଶକ୍ତି ଉପରେ ନିର୍ଭର କରେ । ବାରମିଶା ଓ ଅପରିଷ୍କାର ବିହନର ପ୍ରାକୃତିକ ଶକ୍ତି ଖାଣ୍ଟି ବିହନଠାରୁ ବହୁଗୁଣରେ କମ୍ । ବିହନର ଭଲ-ମନ୍ଦ ଏଥିରେ ଥିବା ଜଳୀୟ ଅଂଶ ଉପରେ ମଧ୍ୟ ନିର୍ଭର କରିଥାଏ । ଆନ୍ତର୍ଜାତିକ ବିହନ ପରୀକ୍ଷା ସଂଘ ଭଲ ବିହନର କେତେଗୁଡ଼ିଏ ମାନ ନିର୍ଦ୍ଧାରଣ କରି ଦେଇଅଛି । ଭଲ ବିହନ ସଂଗ୍ରହ କରିବା ପାଇଁ ବିହନ ପରୀକ୍ଷାଗାର ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଆମ ଦେଶରେ ଦିଲ୍ଲୀ, ହାଇଦ୍ରାବାଦ, ପାଟନା ଓ ଲୁଧିଆନାଠାରେ ବିହନ ପରୀକ୍ଷାଗାରମାନ ଅଛି । ଚଳିତ ବର୍ଷ ଆହୁରି ଚାରିଗୋଟି ପରୀକ୍ଷାଗାର ସ୍ଥାପନ କରାଯିବାର ପ୍ରସ୍ତାବ ଅଛି । ଏହି ପରୀକ୍ଷାଗାରଗୁଡ଼ିକରେ ବିହନ ପରୀକ୍ଷା କରାଯାଇ ତହିଁର ଗଜା ହେବା ଶକ୍ତି,

ଜଳୀୟ ଅଂଶ ଇତ୍ୟାଦି ନିରୂପଣ କରାଯାଏ ଓ ପରୀକ୍ଷିତ ବିହନଗୁଡ଼ିକୁ ପ୍ରମାଣପତ୍ର ଦିଆଯାଏ । ଯେଉଁ ବିହନ ଆନ୍ତର୍ଜାତିକ ମାନ-ବିଶିଷ୍ଟ, ତାହାକୁ "ପ୍ରମାଣିତ ବୀଜ" କୁହାଯାଏ ।

## ବିହନ ନିଗମ

ଆମ ଦେଶରେ ଉନ୍ନତ ଓ ପ୍ରମାଣିତ ବିହନର ପ୍ରସାର କରିବା ନିମନ୍ତେ ଗୋଟିଏ "ଜାତୀୟ ବୀଜ-ନିଗମ" ସ୍ଥାପନ କରାଯାଇଅଛି । ସରକାରୀ ଓ ବେସରକାରୀ ଉଭୟ କ୍ଷେତ୍ରରେ ଉନ୍ନତ ବିହନ ଉତ୍ପାଦନ ଓ ପ୍ରସାର କରାଇବା ଏ ନିଗମର ଲକ୍ଷ୍ୟ । କୌଣସି କୃଷୀ ଉନ୍ନତ ବିହନ ଉତ୍ପାଦନ କରିବାକୁ ଚାହିଁଲେ ଏହି ନିଗମ ତରଫରୁ ତାଙ୍କୁ ଉନ୍ନତ ବିହନ ଯୋଗାଇ ଦିଆଯାଏ ଏବଂ ବୈଷୟିକ ପରାମର୍ଶ ତଥା ଆବଶ୍ୟକୀୟ ସରଂଜାମ ଯୋଗାଇ ଦିଆଯାଏ । ନିଗମର ତାଲିମପ୍ରାପ୍ତ କର୍ମଚାରୀମାନେ ଉନ୍ନତ ବିହନ ଚାଷ ହେଉଥିବା ଜମି ବିଭିନ୍ନ ସମୟରେ ପରିଦର୍ଶନ କରି କୃଷୀଙ୍କୁ ଆବଶ୍ୟକୀୟ ପରାମର୍ଶ ଦିଅନ୍ତି । ବିହନ ଅମଳ ହେବା ପରେ ତାହାର ଜଳୀୟ ଅଂଶ ପରୀକ୍ଷା କରାଯାଏ ଓ ଯେତିକି ଜଳୀୟ ଅଂଶ ରହିଲେ ବିହନ ବହୁତ ଦିନ ରହିପାରିବ, ସେତିକି ରଖି ଅବଶିଷ୍ଟ ଜଳୀୟ ଅଂଶ ବାହାର କରି ଦିଆଯାଏ । ତାହାପରେ ବିହନକୁ ବାଛିଦେଇ ଅପରିପକ୍ୱ ବିହନଗୁଡ଼ିକୁ ବାହାର କରି ଦିଆଯାଏ । ଏହାପରେ ବିହନରେ ଯେପରି ପୋକ ନ ହେବେ ଓ ସେଥିରେ ଯେପରି ଛତୁଆ ମାଡ଼ି ନ ଯିବ, ସେଥିପାଇଁ ତାହାକୁ ଉପଯୁକ୍ତ ରାସାୟନିକ ଦେଇ ବିଶୋଧନ କରାଯାଏ । ତା'ପରେ ବିହନ ପରୀକ୍ଷାଗାରରେ ପରୀକ୍ଷା କରାଯାଇ ମୁଣିରେ ରଖାଯାଏ । ମୁଣିକୁ ବାନ୍ଧିବାର ସେଥିରେ ନୀଳରଙ୍ଗର ଚିଠା ଝୁଲାଇ ଦିଆଯାଏ । ଏହି ଚିଠାରେ ବିହନର ଗଜା ହେବା ଶକ୍ତି, ଜଳୀୟ ଅଂଶର ପରିମାଣ ଇତ୍ୟାଦି ଲେଖାଥାଏ । ସବା ଶେଷରେ ମୁଣିଗୁଡ଼ିକରେ ଜାତୀୟ ବୀଜ ନିଗମର ମୋହର ଦିଆଯାଇ ସିଲ୍ କରାଯାଏ ।

ବର୍ତ୍ତମାନ କେବଳ ସଙ୍କର ମକାର ପ୍ରମାଣିତ ବିହନ ଉତ୍ପାଦନ କରାଯାଉଛି । ଗଙ୍ଗା ୧, ଗଙ୍ଗା ୧୦୧, ରଣଜିତ ଓ ଡେକାନ ଏହି ଚାରି ପ୍ରକାର ମକା ବିହନ ବର୍ତ୍ତମାନ କୃଷୀମାନଙ୍କୁ ଯୋଗାଇ ଦିଆଯାଉଅଛି । ଛ' କେଜି ଓ ତିନ କେଜି ମୁଣିରେ ଏହା ରଖାଯାଉ-ଅଛି । ଏକରେ ଜମି ପାଇଁ ଛ' କେଜି ବିହନ ଯଥେଷ୍ଟ । ଏହାର ମୂଲ୍ୟ ପ୍ରାୟ ଆଠ ଟଙ୍କା । ଏହି ପ୍ରମାଣିତ ସଙ୍କର ମକା ବିହନ କୃଷୀମାନଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇପାରିଅଛି ଓ ଏହାକୁ ବୁଣି କୃଷୀମାନେ ବିଶେଷ ଲାଭବାନ ହେଉ ଅଛନ୍ତି । ସାଧାରଣ ମକା ମହଣ ଟ୧୨ଙ୍କାରୁ ଟ୧୫ଙ୍କା ମଧ୍ୟରେ ବିକ୍ରି ହେଉଥିଲାବେଳେ, ସଙ୍କର ମକା ମହଣ ଟ୫୦ଙ୍କାରୁ ଟ୭୦ଙ୍କା ମଧ୍ୟରେ ବିକ୍ରି ହେଉଛି । ଆଉ ମଧ୍ୟ ସାଧାରଣ ମକାଠାରୁ ଏହି ମକା ଏକର ପ୍ରତି ପ୍ରାୟ ଦଶ ମହଣ ଅଧିକା ଫଳୁଛି ।

ଜାତୀୟ ବୀଜ ନିଗମ ଅନ୍ୟାନ୍ୟ ଫସଲ—ଯଥା ଝୋଟ, ପନିପରିବା, ଗୋ-ଖାଦ୍ୟର ଉନ୍ନତ ବିହନ ଉତ୍ପାଦନ କରିବା ଦିଗରେ ଚେଷ୍ଟା କରୁଅଛି ।

● ●

# ଭାଷଣ ଓ ମତାମତ

୧। କେନ୍ଦ୍ର ସ୍ୱରାଷ୍ଟ୍ର-ବ୍ୟାପାର ମନ୍ତ୍ରୀ ଶ୍ରୀ ଆର୍. ଏନ୍. ହଜାରନବିସ୍
ନୂଆଦିଲ୍ଲୀଠାରେ ଦୁର୍ନୀତି ନିବାରଣ ଅଫିସରମାନଙ୍କ
ସମ୍ମିଳନୀରେ ୨୧।୧୦।୬୩ରେ କହିଛନ୍ତି :—

ଦୋଷୀମାନଙ୍କୁ ଦଣ୍ଡଦେବା ଯେତିକି ଗୁରୁତ୍ୱପୂର୍ଣ୍ଣ, ନିରପରାଧମାନଙ୍କୁ ରକ୍ଷା କରିବା ସେତିକି ଗୁରୁତ୍ୱପୂର୍ଣ୍ଣ। × × × ବିଭିନ୍ନ ସରକାରୀ ବିଭାଗରେ ଓ କେନ୍ଦ୍ର ଦେଖାରଖା ବିଭାଗ ତଥା ରାଜ୍ୟ ଦୁର୍ନୀତି ବିଭାଗମାନଙ୍କରେ ଏପରି ଶହ ଶହ ଦରଖାସ୍ତ ଆସି ପହଞ୍ଚୁଛି; ଯେଉଁଥିରେ ପୂରାପୂରି ମିଥ୍ୟା ଅଭିଯୋଗମାନ କରାଯାଇଛି। ଏସବୁ ଅଭିଯୋଗକୁ ପଢ଼ିବା ମଧ୍ୟ କାଠିକର-ପାଠ। ଏଗୁଡ଼ିକ କେବଳ ଯେ ଅଯଥା କାମ ବଢ଼ାଉଛି ତାହା ନୁହେଁ; ପରନ୍ତୁ ସରକାରୀ କର୍ମଚାରୀମାନଙ୍କ ସାଧୁତା ସଂପର୍କରେ ସନ୍ଦେହ ଜନ୍ମାଇ ଶାସନ-ସଂସ୍ଥା ଉପରୁ ଲୋକମାନଙ୍କ ବିଶ୍ୱାସ ତୁଟାଇ ଦେଉଛି। ××× ଯଦି ଦୁର୍ନୀତି ବିଭାଗର କର୍ମଚାରୀମାନେ ଶାସନ ଅଧ୍ୟକ୍ଷମାନଙ୍କ ସହିତ କ୍ରମାଗତ ଓ ଧାରାବାହିକ ସମ୍ପର୍କ ରଖିପାରନ୍ତେ, ତେବେ ଖୁବ୍ ଭଲ ହୁଅନ୍ତା। ××× ଦୁର୍ନୀତି ନିବାରଣ ସମ୍ପର୍କରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଅତି ବେଶି। ତାହାହେଲେ ଅସାଧୁ ସରକାରୀ କର୍ମଚାରୀମାନେ ଲୋପ ପାଇଯିବେ। ତାହାହେଲେ ଦ୍ୱିଧାଗ୍ରସ୍ତ କର୍ମଚାରୀମାନେ ପ୍ରଲୋଭନର ଶିକାର ହେବେ ନାହିଁ ଏବଂ ସାଧୁ କର୍ମଚାରୀମାନେ ସାହସ ଓ ସେବାଭାବରେ ଅନୁପ୍ରାଣିତ ହୋଇ କର୍ତ୍ତବ୍ୟ ତୁଲାଇବେ। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଅଧୀନରେ ୨୩ ଲକ୍ଷ ଓ ସରକାରୀ ପ୍ରତିଷ୍ଠାନ-ମାନଙ୍କରେ ୮ ଲକ୍ଷ ସିଭିଲିଆନ୍ କର୍ମଚାରୀ ଅଛନ୍ତି। ଏମାନଙ୍କ ତୁଳନାରେ ଯେଉଁସବୁ ଅଭିଯୋଗ ସରକାରଙ୍କ ଦୃଷ୍ଟିକୁ ଆସିଛି ବା ଅନୁସନ୍ଧାନ କରାଯାଇଛି, ତାହାର ସଂଖ୍ୟା ନଗଣ୍ୟ। ×××

୨। ଶ୍ରୀ ସି. ସୁବ୍ରମନିୟମ, କେନ୍ଦ୍ରମନ୍ତ୍ରୀ, ଇସ୍ପାତ୍ ଓ
ଗୁରୁଶିଳ୍ପ—ଅଟୋମୋବାଇଲ ଶିଳ୍ପ-ବିକାଶ
ପରିଷଦରେ (୨୧।୧୦।୬୩ ନୂଆଦିଲ୍ଲୀ) :—

ଅଟୋମୋବାଇଲ୍ ଶିଳ୍ପ କାର୍, ଟ୍ରକ୍, ମଟର ସାଇକେଲ୍ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣଦ୍ୱାରା ଜାତୀୟ ପ୍ରତିରକ୍ଷା ଉଦ୍ୟମକୁ ସାହାଯ୍ୟ କରୁଛି। × × × କିନ୍ତୁ ଏହି ଶିଳ୍ପ ବର୍ତ୍ତମାନ କେତେକ ସମସ୍ୟାର ସମ୍ମୁଖୀନ। × × × ସବୁଠାରୁ ବଡ଼ ସମସ୍ୟା ହେଉଛି ବୈଦେଶିକ ବିନିମୟର ଅଭାବ। ବର୍ତ୍ତମାନର ଅବସ୍ଥାରେ ଅଟୋମୋବାଇଲ ଶିଳ୍ପ ପାଇଁ ବିଭିନ୍ନ ଅଂଶ ଓ କଞ୍ଚାମାଲ୍ ଆମଦାନୀ କରିବାରେ ପ୍ରତିବର୍ଷ ୩୦ କୋଟି ଟଙ୍କା ମୂଲ୍ୟର ବୈଦେଶିକ ମୁଦ୍ରା ଦରକାର କରୁଛି ×××। ଏହାକୁ ଏଡ଼ିବା ପାଇଁ ଅଟୋମୋବାଇଲ ଶିଳ୍ପପତିମାନେ ଖୁବ୍ କମ୍‌ରେ ଶତକଡ଼ା ୯୦ ଭାଗ ଦେଶୀ ଜିନିଷ ବ୍ୟବହାର କରି

ସେମାନଙ୍କ ଗାଡ଼ି ତିଆରି କରିବା ପାଇଁ ବ୍ୟବସ୍ଥା କରିଛନ୍ତି । × × × ଅବଶ୍ୟ ଏ ଦେଶରେ ବୈଷୟିକ ଅସୁବିଧା ବା ଗୁରୁତା ଅନୁଯାୟୀ କେତେକ ଖୁଚୁରା ଅଂଶ ବିଦେଶରୁ ଆମଦାନି କରିବାକୁ ପଡ଼ିବ । ତଥାପି ସବୁପ୍ରକାର ଅଂଶ ଯେପରି ଅବିଳମ୍ବେ ଏ ଦେଶରେ ତିଆରି ହୋଇପାରିବ, ସେଥିପାଇଁ ଚେଷ୍ଟା କରିବା ଆବଶ୍ୟକ । × × × ଟ୍ରକ ତିଆରି ବଢ଼ାଇ ଦେବା ପାଇଁ ଆମ୍ଭେମାନେ ସମ୍ମତ ହୋଇଛୁ । କିନ୍ତୁ ତୃତୀୟ ଯୋଜନାର ଲକ୍ଷ୍ୟ ପର୍ଯ୍ୟନ୍ତ ମଟର-କାର୍ ତିଆରି ବଢ଼ାଇଦେବା ପାଇଁ ଆମ୍ଭେମାନେ ଅନୁମତି ଦେବାକୁ ସମର୍ଥ ହୋଇ ପାରୁନାହୁଁ । କାରଣ ସେଗୁଡ଼ିକର ରକ୍ଷଣାବେକ୍ଷଣ ବାବଦରେ ବହୁତ ବୈଦେଶିକ ମୁଦ୍ରା ଦରକାର ପଡ଼ିବ । × × × ଆଜି ମଧ୍ୟ ବର୍ତ୍ତମାନ ଯେଉଁ ପରିମାଣରେ ମଟର-କାର୍ ତିଆରି ହେଉଛି, ତାହା ଯଥେଷ୍ଟ ହେଉନାହିଁ । କିନ୍ତୁ ବୈଦେଶିକ ମୁଦ୍ରା ଅଭାବ ଥିବାଯାଏ ବହୁସଂଖ୍ୟାରେ ମଟର-କାର୍ ତିଆରି ହୋଇ ପାରୁନାହିଁ । ତେଣୁ ମଟର-କାର ନିର୍ମାତାମାନେ ଦେଶୀ ଉପକରଣ ଅଧିକରୁ ଅଧିକ ବ୍ୟବହାର କରି ମଟର-କାର ତିଆରି ନ କଲେ ଏହି ଶିଳ୍ପର ପ୍ରସାର ସମ୍ଭବ ନାହିଁ । × × × ଏ ସମ୍ପର୍କରେ ଜାପାନୀ ମଟର-ଶିଳ୍ପର ଅଗ୍ରଗତି ଉଲ୍ଲେଖଯୋଗ୍ୟ । ଗତ ମହାଯୁଦ୍ଧ ପରେ ପାଶ୍ଚାତ୍ୟ ଦେଶମାନଙ୍କରୁ ନକ୍ସା ଧାର ଆଣି ତାହାର ଭିତ୍ତିରେ ଜାପାନରେ ମଟର-କାର ତିଆରି ଆରମ୍ଭ ହେଲା । ଉଦାହରଣ ସ୍ୱରୂପ, ଜାପାନର ନିଶାନ ମଟର କମ୍ପାନୀ 'ଅଷ୍ଟିନ ଏ ୫୦' ଓ 'ହିନୋ ମୋଟରସ୍' ନାମକ କମ୍ପାନୀ ରେନଲ୍ଟସ୍ ଡଫିନ୍ ଧରଣର ମଟର-କାର ତିଆରି କରୁଥିଲେ । କିନ୍ତୁ ଆଜି ହିନୋ ଇଞ୍ଜିନିୟରମାନେ ପଛରେ ଇଞ୍ଜିନ ଲାଗିଥିବା ଏକପ୍ରକାର ଶ୍ରେଷ୍ଠ କାର୍ ନିଜେ ନିଜେ ଉଦ୍ଭାବନ କରିଛନ୍ତି, ଯାହା କି ଆନ୍ତର୍ଜାତିକ ଅଟୋମୋବାଇଲ ବଜାରରେ ପ୍ରତିଯୋଗିତା କରିପାରୁଛି । ଆମେ ମଧ୍ୟ ଜାପାନ ପରି ଆମର ସହଯୋଗୀମାନଙ୍କ ଶିକ୍ଷଣ-ଗଣ୍ଡୀରୁ ଖସିଯାଇ ଭାରତୀୟ ପରିସ୍ଥିତିକୁ ସୁହାଇଲା ଭଳି କାର୍ ତିଆରି କରିବାର ସମୟ ଆସିଛି । ୧୯୫୨ରେ ଜାପାନରେ ୪,୮୩୭ଟି ଯାତ୍ରୀବାହୀ କାର ତିଆରି ହୋଇଥିବାସ୍ଥଳେ ୧୯୫୭ ସୁଦ୍ଧା ୪୭,୧୨୧ ଓ ୧୯୬୨ ସୁଦ୍ଧା ୨,୬୮,୦୦୦ କାର୍ ତିଆରି ହୋଇଥିଲା । ଅଥଚ ଯୋଗ୍ୟତା, ଶକ୍ତି ଓ ରଙ୍ଗ ଦୃଷ୍ଟିରୁ ଏହି କାରଗୁଡ଼ିକ ନିକୃଷ୍ଟ ନୁହେଁ । ଆମର ଶିଳ୍ପ ମଧ୍ୟ କେତେ ବର୍ଷ ହେଲା ଚାଲିଆସିଲାଣି । ମୋର ମନେହୁଏ, ଆମେ ଆମ ଅବସ୍ଥା ଉପଯୋଗୀ ମଟରଗାଡ଼ି ତିଆରି କରିବାର ଅବସ୍ଥାକୁ ଆସିଲୁଣି । × × × ସ୍କୁଟର, ମଟର ସାଇକେଲ ଓ ମୋପେଡ଼ ପ୍ରଭୃତି ସମ୍ପର୍କରେ ମଧ୍ୟ ଏହି ମତ ପ୍ରଯୁଜ୍ୟ । × × × ଦୁଃଖର କଥା, ଗତ ବର୍ଷେ ଦୁଇବର୍ଷ ଭିତରେ ଆମର ଆନୁଷଙ୍ଗିକ ଶିଳ୍ପଗୁଡ଼ିକ ବେଶ୍ ଅଗ୍ରଗତି କରିଛନ୍ତି । ବର୍ତ୍ତମାନ ଗୋଟିଏ ଗୋଟିଏ ପୂର୍ଣ୍ଣାଙ୍ଗ ଗାଡ଼ି ପାଇଁ ଶତକଡ଼ା ୩୦ ଭାଗ ଆନୁଷଙ୍ଗିକ ଅଂଶ ଏହି ଶିଳ୍ପରୁ ମିଳିପାରୁଛି । × × × କିନ୍ତୁ ଏସବୁ ଜିନିଷର ଗୁଣମାନ ଭଲ ନ ଥିବା ସମ୍ପର୍କରେ ବହୁ ଅଭିଯୋଗ ମିଳୁଛି । ସେଥିପ୍ରତି ଶିଳ୍ପ ନିର୍ମାତାମାନେ ଦୃଷ୍ଟି ଦେବା ଆବଶ୍ୟକ ।

୩ । କେନ୍ଦ୍ର ଗ୍ରାମଗୋଷ୍ଠୀ ଉନ୍ନୟନ ମନ୍ତ୍ରୀ ଶ୍ରୀ ଏସ୍. କେ. ଦେ
( ନୂଆଦିଲ୍ଲୀ ୮।୧।୧୯୬୩ ):—

ଆମେ ଯେଉଁ ସମାଜବାଦୀ ଢାଞ୍ଚାର ସମାଜ ଗଠନ କରିବା ପାଇଁ ପ୍ରସ୍ତୁତ ହୋଇଛୁ, ତାହାର ଏକ ପ୍ରଧାନ ଭିତ୍ତି ହେଉଛି 'ସମବାୟ' । କିନ୍ତୁ ଏ ସତ୍ୟର ଉପଲବ୍ଧି ସଙ୍ଗେ ସଙ୍ଗେ ଆଉ ଗୋଟିଏ ଧାରଣା

ହେଉଛି ଯେ ଭାରତର କୃଷିମୂଳକ ଅର୍ଥନୀତିରେ ସମବାୟ ଋଣର ଗୁରୁତ୍ୱ ଥିଲେ ସୁଦ୍ଧା ଆମ ଅର୍ଥନୀତିର ଅନ୍ୟାନ୍ୟ ବିଭାଗଗୁଡ଼ିକ ସମବାୟ ଢଗରେ ଗଠିତ ନ ହେଲେ ଏକା ସମବାୟ ଋଣ ବିଶେଷ କାର୍ଯ୍ୟ କରିପାରିବ ନାହିଁ । ଯୋଜନା କମିଶନ, ସମବାୟ ମନ୍ତ୍ରାଳୟ ଓ କେନ୍ଦ୍ରର ଅନ୍ୟାନ୍ୟ ସଂପୃକ୍ତ ମନ୍ତ୍ରାଳୟମାନଙ୍କ ତରଫରୁ ଯେଉଁ ୬ଟି କାର୍ଯ୍ୟକାରୀ ଦଳ ଗଢ଼ାଯାଇଥିଲା, ସେମାନେ ପୂର୍ବରୁ ନିଯୁକ୍ତ କାର୍ଯ୍ୟକାରୀ ଦଳଙ୍କ କାର୍ଯ୍ୟରେ ବିଶେଷ ସାହାଯ୍ୟ କରିବେ । × × × ଜାତୀୟ ସମବାୟ ୟୁନିଅନ ସମବାୟ ସମ୍ପର୍କୀୟ ସବୁପ୍ରକାର ତାଲିମ ଓ ଶିକ୍ଷାର ଦାୟିତ୍ୱ ନିଜ କାନ୍ଧକୁ ନେଇ ସାହସର ସହିତ ଆଗେଇଛି । ଅବଶ୍ୟ ସରକାର ସମବାୟ କ୍ଷେତ୍ରର ବିକାଶ ଦିଗରେ ସାହାଯ୍ୟ କରିବାର କଥା, ତାହା କରିବେ । କିନ୍ତୁ ସବୁଠାରୁ ବଡ଼ କଥା ହେଉଛି ଯେ ବିକାଶ ଲାଗି ପ୍ରାଥମିକ ପ୍ରେରଣା ସେହି ସମବାୟ ଆନ୍ଦୋଳନରୁ ହିଁ ଆସିବା ଆବଶ୍ୟକ । ତେଣୁ ସମବାୟ ଆନ୍ଦୋଳନ ଯେପରି ଜନସେବା ଦିଗରେ ନିଜକୁ ଚଳାଇବ, ସେଥିପାଇଁ ଲୋକେ ଏହି ଆନ୍ଦୋଳନକୁ ବାଧ୍ୟ କରିବା ଦରକାର । × × × ସମଗ୍ର ପରିସ୍ଥିତିର ଅସଲ ଚାବିକାଠି ହେଉଛି ଶିକ୍ଷା । ଜାତୀୟ ସମବାୟ ୟୁନିଅନର ଏକ ଐତିହାସିକ ଭୂମିକା ରହିଛି । ଏହିସବୁ ସଂଘବଦ୍ଧ ସଂସ୍ଥାମାନଙ୍କୁ ଅର୍ଥ ସାହାଯ୍ୟ ଦେଇ ଚଳାଇବା ନିମନ୍ତେ ଏବଂ ତଦ୍ୱାରା ସେମାନଙ୍କୁ ସରକାରୀ ସାହାଯ୍ୟ ଉପରେ ନିର୍ଭରଶୀଳ ନ ହେବା ନିମନ୍ତେ ପ୍ରାଥମିକ ଓ ଅନ୍ୟ ସମବାୟ ସମିତିମାନେ ଯେଉଁ ପରିମାଣରେ ଆର୍ଥିକ ସାହାଯ୍ୟ ଦେବା ପାଇଁ ପ୍ରସ୍ତୁତ ରହିବେ, ତାହାରି ଦୃଷ୍ଟିରୁ ସେମାନଙ୍କର କାର୍ଯ୍ୟକାରିତା ବିଚାର କରାଯିବ । କାରଣ ଦୃଷ୍ଟାନ୍ତ ବିଶ୍ଳେଷଣରୁ ଦେଖାଯାଉଛି ଯେ ସରକାରୀ ନିୟନ୍ତ୍ରଣରୁ କୌଣସି ଆନ୍ଦୋଳନ ସ୍ୱାଧୀନ ରହିବ ଓ ତାର ପ୍ରତ୍ୟେକ କାର୍ଯ୍ୟ ପାଇଁ ସରକାରୀ ସବ୍‌ସିଡ଼ି ଓ ସାହାଯ୍ୟ ଉପରେ ନିର୍ଭର କରିବ— ଏ ଦୁଇଟି ପରସ୍ପର-ବିରୁଦ୍ଧାତ୍ମକ କଥା ।

## ଭାରତୀୟ ମାଧ୍ୟମିକ ଶିକ୍ଷା ପରିଷଦ

୪ । ଭାରତୀୟ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀ ପି. ଏନ୍. କିରପାଲ୍
୧୯୬୩ ମସିହା ଅକ୍ଟୋବର ୨୮ ତାରିଖରେ ଅନୁଷ୍ଠିତ
ପରିଷଦର ୭ମ ବୈଠକରେ

ଯେଉଁ ଯୁଗରେ ମାନବ ମହାକାଶକୁ ଜୟଯୁକ୍ତ କରିବା ପାଇଁ ଚେଷ୍ଟା କରୁଛି, ସେହି ଯୁଗରେ ମାଧ୍ୟମିକ ଶିକ୍ଷାସ୍ତରରେ ଯନ୍ତ୍ରପାତିର ଉପଯୁକ୍ତ ବ୍ୟବସ୍ଥା ନ ଥାଇ ପଦାର୍ଥ ଓ ପ୍ରାଣୀବିଜ୍ଞାନ ସମ୍ପର୍କରେ ଛାତ୍ରମାନଙ୍କୁ ଶିକ୍ଷାଦେବା ଅତ୍ୟନ୍ତ ପରିତାପର ବିଷୟ । × × × ଜାତୀୟ ଗବେଷଣା ଓ ତାଲିମ ପରିଷଦର ସହଯୋଗକ୍ରମେ ବିଶ୍ୱବିଦ୍ୟାଳୟ ମଞ୍ଜୁରି କମିଶନ ଯେଉଁ ଗ୍ରୀଷ୍ମ-ଶିବିରର ଆୟୋଜନ କରୁଛନ୍ତି, ତାହା ବେଶ ଫଳପ୍ରଦ ଓ ଉତ୍ସାହଜନକ । ଆଗାମୀ ବର୍ଷମାନଙ୍କରେ ଏହି କାର୍ଯ୍ୟକ୍ରମକୁ ପ୍ରସାରିତ କରାଯିବା ଉଚିତ । ଦେଶରେ ବିଜ୍ଞାନ-ଶିକ୍ଷକଙ୍କର ଅଭାବ ସବୁବେଳେ ଲାଗିରହିଛି; ବିଶେଷତଃ ଉଚ୍ଚ-ମାଧ୍ୟମିକ ଶ୍ରେଣୀମାନଙ୍କରେ ଏହି ଅଭାବ ବହୁ ପରିମାଣରେ ଅନୁଭୂତ ହେଉଛି । ଏହା ସ୍ୱତଃସିଦ୍ଧ ଯେ ସ୍କୁଲମାନଙ୍କରେ ଅଧ୍ୟାପନା କାର୍ଯ୍ୟ କରିବା ପାଇଁ ଏମ୍. ଏସ୍‌ସି. ପାଶ କରିଥିବା ଶିକ୍ଷକ ମିଳିବା ସମ୍ଭବପର

ନୁହେଁ । ତେଣୁ ବର୍ତ୍ତମାନ କାର୍ଯ୍ୟ କରୁଥିବା ବିଜ୍ଞାନ-ଶିକ୍ଷକମାନଙ୍କୁ ଗୋଟିଏ ସଂକ୍ଷିପ୍ତ ପାଠ୍ୟକ୍ରମରେ ତାଲିମ ଦେବାପାଇଁ ସମସ୍ତ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା । ଏହି ତାଲିମ ଫଳରେ ସେମାନେ ଉଚ୍ଚ-ମାଧ୍ୟମିକ ଶ୍ରେଣୀମାନଙ୍କରେ ଶିକ୍ଷା ପ୍ରଦାନ କରିପାରିବେ ।

ସାଧାରଣତଃ ଆମ ଛାତ୍ରମାନେ ମାଧ୍ୟମିକ ଶିକ୍ଷା ଶେଷ କଲାପରେ ବି ଦୈନନ୍ଦିନ ବ୍ୟବହୃତ ସାଧାରଣ ଯନ୍ତ୍ରପାତିର ବ୍ୟବହାର ଜାଣନ୍ତି ନାହିଁ । କିନ୍ତୁ କୃଷି-ଶିଳ୍ପ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରିବାକୁ ହେଲେ ଛାତ୍ରମାନଙ୍କୁ ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ତାଲିମ ଦେବାକୁ ହେବ । ତେଣୁ ଆମର ବିଦ୍ୟାଳୟମାନଙ୍କରେ ସାଧାରଣ ଶିକ୍ଷା ସହିତ ଏ ସଂକ୍ରାନ୍ତ ଶିକ୍ଷାର ପ୍ରବର୍ତ୍ତନ କରିବା ସମ୍ପର୍କରେ ବିଚାର କରାଯାଉଛି । ପଞ୍ଜାବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଗୋଟିଏ ଉଚ୍ଚସ୍ତରୀୟ କମିଟି ଏହି ବିଷୟଟିକୁ ପରୀକ୍ଷା କରି ଦେଖୁଛନ୍ତି । × × × କେତେକ ବଛା-ବଛା ବିଦ୍ୟାଳୟରେ କୃଷି ବିଷୟରେ ଶିକ୍ଷା ଦେବା ପାଇଁ କାର୍ଯ୍ୟାନୁଷ୍ଠାନ କରାଯାଉଛି । ଏହା ଫଳରେ ମାଧ୍ୟମିକ ସ୍ତରରୁ ଛାତ୍ରମାନଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଧାରା ଦ୍ୱାରା ଅନୁପ୍ରାଣିତ କରାଯାଇପାରିବ । ସେହିଭଳି ବୈଷୟିକ ପାଠ୍ୟକ୍ରମକୁ ଦୁଇଟି ସ୍ତରରେ ବ୍ୟବସ୍ଥା କରିବାକୁ ପଡ଼ିବ; ଅର୍ଥାତ୍ ଯେଉଁମାନେ ବିଜ୍ଞାନ ତଥା ଶିଳ୍ପ-ବିଜ୍ଞାନରେ ଉଚ୍ଚଶିକ୍ଷା ପାଇବା ପାଇଁ ଯାଉଛନ୍ତି, ସେମାନଙ୍କର ବିଜ୍ଞାନ ଓ ଗଣିତରେ ବିଶେଷ ଦକ୍ଷତା ଥିବା ସଙ୍ଗେ ସଙ୍ଗେ ସେମାନେ ମେକାନିକାଲ, ଡ୍ରଇଁ ଓ ଓ୍ୱାର୍କସପ୍ କାର୍ଯ୍ୟରେ ଆବଶ୍ୟକୀୟ ତାଲିମ ପାଇଥିବା ଉଚିତ । ଏହାଛଡ଼ା ଯେଉଁମାନେ ଶିଳ୍ପକ୍ଷେତ୍ରରେ ମଝିଆ-ଧରଣର ନିଯୁକ୍ତି ପାଇବା ପାଇଁ ଆଗ୍ରହୀ, ସେମାନଙ୍କ ପାଇଁ ଜୁନିୟର ଟେକ୍‌ନିକାଲ ସ୍କୁଲରେ ଯେଉଁ ପାଠ୍ୟକ୍ରମ ପ୍ରଚଳନ ହେଉଛି, ସେ ଧରଣ ପାଠ୍ୟକ୍ରମର ବ୍ୟବସ୍ଥା କରିବାକୁ ପଡ଼ିବ ।

ମାଧ୍ୟମିକ ଶିକ୍ଷାର ମାନ ବୃଦ୍ଧି କରିବା ଦିଗରେ ଉଚିତ୍ କାର୍ଯ୍ୟାନୁଷ୍ଠାନ କରିବା ସପକ୍ଷରେ କ୍ରମଶଃ ଅଧିକ ମତାମତ ପ୍ରକାଶ ପାଉଛି । × × × ମାଧ୍ୟମିକ ଶିକ୍ଷାର ଲକ୍ଷ୍ୟ ସୁସ୍ପଷ୍ଟ ହୋଇଗଲେ ମାଧ୍ୟମିକ ଶିକ୍ଷା କିଭଳି ହେବା ଉଚିତ, ତାହା ଆପେ ଆପେ ଠିକ୍ ହୋଇଯିବ । ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବା ସକାଶେ ଯେଉଁ ପ୍ରସ୍ତୁତିମୂଳକ ଶିକ୍ଷା ଆବଶ୍ୟକ, ତାହା ସହିତ ସାଧାରଣ ଶିକ୍ଷାକୁ ସାମିଲ କଲାପରେ ବିଦ୍ୟାଳୟରେ ଅଧ୍ୟୟନର ମୋଟ ସମୟ ୧୧ ବର୍ଷରୁ କମ୍ ହେବା ଉଚିତ ନୁହେଁ ।

ମାଧ୍ୟମିକ ଶ୍ରେଣୀମାନଙ୍କରେ ଛାତ୍ରସଂଖ୍ୟା ଯେଉଁଭଳି ବୃଦ୍ଧି ପାଉଛି, ସେ ଦୃଷ୍ଟିରୁ ଶିକ୍ଷାର ମାନକୁ ବଜାୟ ରଖିବା ଦିଗରେ ଫଳପ୍ରଦ ବ୍ୟବସ୍ଥା ଗ୍ରହଣ କରିବା ସମ୍ପର୍କରେ ଏହି ପରିପ୍ରେକ୍ଷୀରେ ଆଲୋଚନା କରାଯାଉଛି । ଅନୁନ୍ନତ ଶ୍ରେଣୀମାନଙ୍କ ମଧ୍ୟରେ ମାଧ୍ୟମିକ ଶିକ୍ଷାପ୍ରତି ଯଥେଷ୍ଟ ଆଗ୍ରହ ପ୍ରକାଶ ପାଉଛି ଓ ରାଜ୍ୟ ସରକାରମାନେ ମଧ୍ୟ ଏ ଦିଗରେ ଯଥେଷ୍ଟ ବ୍ୟବସ୍ଥା କରୁଛନ୍ତି । ଏସବୁ ଦିଗରୁ ପ୍ରତି ୫ କିମ୍ବା ୬ ବର୍ଷରେ ମାଧ୍ୟମିକ ସ୍ତରରେ ଛାତ୍ରସଂଖ୍ୟା ଦୁଇଗୁଣକୁ ବୃଦ୍ଧି ପାଉଛି । କିନ୍ତୁ ଭୟ ହେଉଛି—ଯଦି ନିମ୍ନସ୍ତରୀୟ ସ୍କୁଲସଂଖ୍ୟା ବୃଦ୍ଧି ପାଏ, ତାହାହେଲେ ଭବିଷ୍ୟତରେ ଏହା ଏକ ଗୁରୁତର ସମସ୍ୟା ସୃଷ୍ଟି କରିବ । × × × ତୃତୀୟ ଯୋଜନା ଶେଷ ସୁଦ୍ଧା ୯ମ, ୧୦ମ ଓ ୧୧ଶ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କ ସଂଖ୍ୟା ୪୫.୬ ଲକ୍ଷକୁ ବୃଦ୍ଧି ପାଇବ ବୋଲି ହିସାବ କରାଯାଇଥିଲେ ସୁଦ୍ଧା ପ୍ରକୃତରେ ଏହା ... ଆଶା କରାଯାଉଛି ଯେ ଚତୁର୍ଥ ଯୋଜନା ଶେଷ ସୁଦ୍ଧା ଏହି ସଂଖ୍ୟା ୧୦୨ ୫.୨ ଲକ୍ଷକୁ ବୃଦ୍ଧି ପାଇବ । ୨୫

ଲକ୍ଷକୁ ବୃଦ୍ଧି ପାଇବ । ତେଣୁ ଶତକଡ଼ା ଅଧିକା ୩୦ରୁ ୪୦ ଭାଗ ଛାତ୍ରମାନଙ୍କୁ ଧନ୍ଦାଗତ ଓ ଅର୍ଦ୍ଧ ଧନ୍ଦାଗତ ପାଠ୍ୟକ୍ରମପ୍ରତି ଆକୃଷ୍ଟ କରା ନ ଗଲେ ଶିକ୍ଷିତ ବେକାରସଂଖ୍ୟା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଏହାର କୁପ୍ରଭାବ ବି ପଡ଼ିବ । କିନ୍ତୁ ଧନ୍ଦାମୂଳକ ଶିକ୍ଷାଦାନ ଅତ୍ୟନ୍ତ ବ୍ୟୟସାପେକ୍ଷ ହୋଇଥିବାରୁ ପ୍ରଚୁର ଅର୍ଥର ବ୍ୟବସ୍ଥା କରିବାକୁ ପଡ଼ିବ । ଏହା ବ୍ୟତୀତ ଯୋଜନାରେ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିବ । ପ୍ରଥମଟି ହେଲା—କୋହଳ ବୃତ୍ତିପ୍ରଦାନ ବ୍ୟବସ୍ଥାର ପ୍ରଚଳନ । ଏହା ଫଳରେ ମେଧାବୀ ଛାତ୍ରମାନେ କୌଣସିମତେ ଅଧ୍ୟୟନରୁ ବଞ୍ଚିତ ହେବେ ନାହିଁ । ଦ୍ୱିତୀୟତଃ ବହୁସଂଖ୍ୟକ ଉନ୍ନତ ଧରଣର ବିଦ୍ୟାଳୟସ୍ଥାପନ । ଏହି ବିଦ୍ୟାଳୟମାନଙ୍କରେ ଛାତ୍ରାବାସର ସୁବିଧା ରହିବା ସଙ୍ଗେ ସଙ୍ଗେ ଉପଯୁକ୍ତ ଯନ୍ତ୍ରପାତି ରହିବ ଓ ଶିକ୍ଷକମାନଙ୍କୁ ନିଯୁକ୍ତ କରାଯିବ । ଏହା ଫଳରେ ପ୍ରତ୍ୟେକ ଅଞ୍ଚଳର ମେଧାବୀ ଛାତ୍ରମାନେ ଉପଯୁକ୍ତ ଶିକ୍ଷାଲାଭର ସୁଯୋଗ ପାଇବେ ।

## ଜାତିସଂଘ-ଦିବସ

● । ୧୯୬୩ ମସିହା ଅକ୍ଟୋବର ୨୧ ତାରିଖରେ 'ଜାତିସଂଘ ଦିବସ' ପାଳନ ଉପଲକ୍ଷେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସଭାରେ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହରୁ—

ଏହି ବିଶ୍ୱ ସଂସ୍ଥା ଗଠିତ ହେବା ଦିନଠାରୁ ଗତ ୧୮ ବର୍ଷବ୍ୟାପୀ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି, ସେ ସମ୍ପର୍କରେ ଆମେ ସଚେତନ ହେବା ନିତାନ୍ତ ପ୍ରୟୋଜନ ।

ଆମେ ଯଦିଓ ଜାତିସଂଘକୁ ସମାଲୋଚନା କରିଥାଉଁ, ତଥାପି ଆମକୁ ଏହାର ମହତ୍ କାର୍ଯ୍ୟ ଆଦି ସ୍ୱୀକାର କରିବାକୁ ପଡ଼ିବ । ଏହା ସବିଶେଷ ସ୍ୱଭାବେ ସାର୍ବଜନ ଧରି ଯେପରି ତିଷ୍ଠି ରହିଛି ଓ ବିଭିନ୍ନ ରାଷ୍ଟ୍ରର ପ୍ରତିନିଧିଗଣ ଯେପରିଭାବରେ ଏଠାକୁ ଆସି ବିଭିନ୍ନ ସମସ୍ୟାର ଆଲୋଚନା କରୁଛନ୍ତି, ତାହା ବାସ୍ତବିକ ଏକ ବିଶିଷ୍ଟ ପରିବର୍ତ୍ତନ । ନଚେତ୍ ବିଭିନ୍ନ ଗୋଷ୍ଠି ବଡ଼ ରାଷ୍ଟ୍ର ମଧ୍ୟରେ ଉପୁଜୁଥିବା କଳହ ସଂଗ୍ରାମର ପଥ ପରିଷ୍କାର କରୁଥାନ୍ତା । ଆନ୍ତର୍ଜାତିକ କ୍ଷେତ୍ରରେ ବାରମ୍ବାର ଗୁରୁତର ସଂଘର୍ଷ ଦେଖାଦେଉଛି । ରାଷ୍ଟ୍ରନେତାମାନଙ୍କ ପ୍ରତ୍ୟୁତ୍ପନ୍ନମତି ଯୋଗୁଁ ସେ ସମସ୍ତ ସଂଘର୍ଷର ସମାଧାନ କରାଯାଇ ପାରୁଛି; କିନ୍ତୁ ଏସବୁର ପଶ୍ଚାଦ୍‌ଦେଶରେ ରହିଛି ଏହି ଜାତିସଂଘ । × × × × ଜାତିସଂଘର ଅନ୍ୟ ଏକ ବିରାଟ ସମସ୍ୟା ହେଲା—ନିରସ୍ତ୍ରୀକରଣ । ଏପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇପାରି ନାହିଁ । ଗତ ବିଶ୍ୱଯୁଦ୍ଧ ପୂର୍ବରୁ ନିରସ୍ତ୍ରୀକରଣ ଉଦ୍ଦେଶ୍ୟରେ ଗୋଟିଏ କମିଟି ଗଠିତ ହୋଇଥିଲା । ଏହି କମିଟି ଦୀର୍ଘକାଳ ଧରି କାର୍ଯ୍ୟ କରି ବହୁ ବିବରଣୀ ଓ ରିପୋର୍ଟ ପ୍ରକାଶ କରିଥିଲେ; କିନ୍ତୁ ଏହାଦ୍ୱାରା ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ବିଶ୍ୱ-ସଂଗ୍ରାମ ଆରମ୍ଭ ହେଲା ।

ପ୍ରଧାନମନ୍ତ୍ରୀ ଅଣୁଅସ୍ତ୍ର ପରୀକ୍ଷା ବନ୍ଦ ଚୁକ୍ତି ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ କହିଲେ ଯେ ଏହା ଏକ ଦୃଢ଼ ପଦକ୍ଷେପ ନ ହେଲେ ବି ସାରା ବିଶ୍ୱରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା

ଜଣାଯାଉଛି । ନିରସ୍ତ୍ରୀକରଣ କ୍ଷେତ୍ରରେ ହଠାତ୍ କୌଣସି ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଘଟିବ, ଏପରି ଆଶା କରିବା ଠିକ୍ ନୁହେଁ । କିନ୍ତୁ ଏ କ୍ଷେତ୍ରରେ ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । ବର୍ଣ୍ଣବୈଷମ୍ୟ ଓ ଉପନିବେଶବାଦ ମାନବସମାଜପକ୍ଷେ ଅତ୍ୟନ୍ତ କଳଙ୍କ । ଏସବୁ ଦୂର କରିବା ପାଇଁ ଜାତିସଂଘ ବଦ୍ଧପରିକର । ××× ଆମେ ବର୍ତ୍ତମାନ କ୍ଷୁଧା ବିରୁଦ୍ଧରେ ବ୍ୟାପକ ଅଭିଯାନ ଚଳାଇଛୁ । କ୍ଷୁଧା, ରୋଗ, ନିରକ୍ଷରତା ଆଦି ମୂଳରେ ରହିଛି ଦାରିଦ୍ର୍ୟ । ତେଣୁ ଆମକୁ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼ିବ ।

ଲୋକସଂଖ୍ୟା ବୃଦ୍ଧି ଫଳରେ ଏହା ଏକ ସମସ୍ୟାରୂପେ ଦେଖାଦେଇଛି । ଆମ ସଂସ୍ଥାପକ୍ଷେ ବି ଏହା ଏକ ବଡ଼ ସମସ୍ୟା; କିନ୍ତୁ ଆମେ ଆମର ଅର୍ଥନୈତିକ ସମସ୍ୟାର ସମାଧାନ କରିପାରିଲେ ଉପରୋକ୍ତ ସମସ୍ୟାର ସମାଧାନ ସହଜରେ ହୋଇପାରିବ ।

ଆଜି ଜାତିସଂଘ ତଥା ଏହାର ଅନ୍ୟାନ୍ୟ ସଂସ୍ଥା ବିଶ୍ୱ-ମାନବସମାଜର ଦୃଷ୍ଟିଭଙ୍ଗୀକୁ ବଦଳାଇବାରେ କୃତକାର୍ଯ୍ୟ ହୋଇପାରିଛନ୍ତି । ଜାତିସଂଘ ଯଦି ନ ଥାନ୍ତା, ତାହାହେଲେ ଆଜିର ଏ ବିଶ୍ୱ ଅନ୍ୟ ଆକାର ଧାରଣ କରିଥାନ୍ତା ।

# ଭାରତୀୟ ଶିଳ୍ପକାରିଗରୀ ଜ୍ଞାନ ସାହାଯ୍ୟରେ ନୂଆ କୃତ୍ରିମ ସାର-ଶିଳ୍ପ-ସଂସ୍ଥା ସଂସ୍ଥାପନ

୭ । ରାସାୟନିକ ଶିଳ୍ପସଂସ୍ଥା ବିଷୟକ ଉନ୍ନୟନ
ପରିଷଦରେ ଶ୍ରୀ ସି. ସୁବ୍ରମନ୍ୟମ୍‌ଙ୍କ ଅଭିଭାଷଣ—

ଶ୍ରୀ ସି. ସୁବ୍ରମନଂମ୍ କେନ୍ଦ୍ର, ଇସ୍ପାତ୍ ଓ ଗୁରୁଶିଳ୍ପ ବିଭାଗ ମନ୍ତ୍ରୀ ତାଙ୍କର ଅଭିଭାଷଣରେ କହିଲେ ଯେ, ଅନୁଜ୍ଞପ୍ତି ପ୍ରାପ୍ତ ଶକ୍ତି ଅନୁଯାୟୀ ଯବକ୍ଷାରଜାନ-ପ୍ରସ୍ତୁତ ସାର ଏକ ଅଯୁତ ଟନ୍ ପରିମାଣରେ ଉଦ୍ଧୃ-ପାଉଛି । କିନ୍ତୁ ପ୍ରକୃତ ସ୍ଥାପିତ ଶକ୍ତି ହେଉଛି ୩,୮୦,୦୦୦ ଟନ୍ । ତୃତୀୟ ପଞ୍ଚବାର୍ଷିକ ଯୋଜନାର ଶେଷ ବେଳକୁ ଏହା ୭,୫୦,୦୦୦ ଟନ୍‌କୁ ବୃଦ୍ଧି ପାଇଥିବ । ସରକାରୀ କ୍ଷେତ୍ରରେ ପରିଚାଳିତ ସାର-କାରଖାନାର ଏକ ପ୍ରଶଂସନୀୟ ବୈଶିଷ୍ଟ୍ୟ ହେଉଛି—ଭାରତୀୟ ସାର ପ୍ରତିଷ୍ଠାନ କୌଣସି ବିଦେଶୀ ବସ୍ତୁର ବିନା ସାହାଯ୍ୟରେ ଉତ୍କୃଷ୍ଟ ସାର ଉତ୍ପାଦନ କରିପାରିବ । ଭବିଷ୍ୟତରେ ଭାରତୀୟ ଶିଳ୍ପ-କାରିଗରୀ ଜ୍ଞାନ ଓ ଏହି ଅନୁଷ୍ଠାନର ସାହାଯ୍ୟ ଫଳରେ ସାର କାରଖାନା ପ୍ରତିଷ୍ଠା ହେଉଛି ଆମର ଅଭିଳାଷ ବୋଲି ସେ ମଧ୍ୟ ଦର୍ଶାଇଥିଲେ ।

ଗତ ଦଶବର୍ଷ ଭିତରେ ଯବକ୍ଷାରଜାନ-ପ୍ରସ୍ତୁତ ସାର ବର୍ଷପିଛା ୯୦,୦୦୦ ଟନ୍ ଯବକ୍ଷାରଜାନରୁ ୫,୦୦,୦୦୦ ଟନ୍‌କୁ ବୃଦ୍ଧି ପାଇଛି । ଏଥିରୁ ପ୍ରାୟ ଅଧାଅଧି ଆମ ଦେଶରୁ ଉତ୍ପାଦନ କରାଯାଏ । ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବାର ପ୍ରୟୋଜନୀୟତା ସରକାର ଉପଲବ୍ଧି କରି ପ୍ରଚୁର ସାର ଆମଦାନି କରିବା କ୍ଷମତା ଦେଇଅଛନ୍ତି । ଅନୁଜ୍ଞପ୍ତି ପ୍ରାପ୍ତ ଶକ୍ତି ଅନୁଯାୟୀ ଯବକ୍ଷାରଜାନ-ପ୍ରସ୍ତୁତ ସାର ଏକ ଅଯୁତ ଟନ୍ ଅଧିକ

ହୋଇପାରନ୍ତି; କିନ୍ତୁ ପ୍ରକୃତ ସ୍ଥାପିତ ଶକ୍ତି ହେଉଛି ୩,୮୦,୦୦୦ ଟନ୍ । ତୃତୀୟ ପଞ୍ଚବାର୍ଷିକ ଯୋଜନାର ଶେଷବେଳକୁ ଏହା ୬୪୦,୦୦୦ ଟନକୁ ବୃଦ୍ଧି ପାଇଥିବ ।

ଏ ଦୃଷ୍ଟିରୁ ଦେଖିଲେ ଆମେ ବର୍ତ୍ତମାନ ନିର୍ଦ୍ଧାରିତ ଶକ୍ତିର ପରିମାଣରୁ ୩,୫୦,୦୦୦ ଟନ୍ ନିଅଣ୍ଟରେ ଅଛୁ । ସେ ଏହି ନିଗୂଢ଼ ସତ୍ୟ ଉପସ୍ଥାପିତ କରି କହିଲେ ଯେ ସରକାର ବ୍ୟକ୍ତିଗତ ସୂତ୍ରରେ ଯେଉଁ ସାତଟି ସାର ପରିଯୋଜନା ସ୍ଥାପନ କରିବା ନିମିତ୍ତ ଅନୁମୋଦନ କରିଅଛନ୍ତି, ସେଥିରୁ କୋଠଗୁଡ଼ମ୍, ବିଶାଖାପାଟନମ୍ ଏବଂ ଗୁଜୁରାଟ ଏହି ତିନୋଟି ସାର ଉତ୍ପାଦନ କରୁଥିବା କାରଖାନାର ଉତ୍ପାଦନ ପରିମାଣ ସନ୍ତୋଷଜନକ ଅଟେ । ହନୁମାନଗଡ଼, ଟୁଟିକୋରିନ୍ ଏବଂ ମାଙ୍ଗାଲୋରର ପ୍ରସ୍ତାବିତ ସାର ପରିଯୋଜନାର ଅନୁଜ୍ଞାପ୍ରାପ୍ତ ବ୍ୟକ୍ତି ଏପର୍ଯ୍ୟନ୍ତ ସେମାନଙ୍କର ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇ ନାହାନ୍ତି । ଦୁର୍ଗାପୁର ସାର ପ୍ରତିଷ୍ଠାନର କୋକ୍ ଓଭନ ପ୍ଲାଣ୍ଟରୁ ନିଃସୃତ କୋକ୍ ଓଭନ ଗ୍ୟାସ ଏକ ସାର ପ୍ରତିଷ୍ଠାନ ପାଇଁ ଯଥେଷ୍ଟ ନୁହେଁ । ସରକାରୀ କ୍ଷେତ୍ରରେ ପରିଚାଳିତ ସାର କାରଖାନାର ଏକ ପ୍ରଶଂସନୀୟ ବୈଶିଷ୍ଟ୍ୟ ହେଉଛି ଯେ ଭାରତୀୟ ସାର କାରଖାନା କୌଣସି ବିଦେଶୀ ଦସ୍ତୁର୍ ବିନା ସାହାଯ୍ୟରେ ଉତ୍କୃଷ୍ଟ ସାର ଉତ୍ପାଦନ କରିପାରିବ ।

ତୃତୀୟ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ଆମର ଲକ୍ଷ୍ୟ ନିର୍ଦ୍ଧାରିତ ଶକ୍ତିର ପରିମାଣ ହେଉଛି ୧.୫ ଅଯୁତ । ଏପର୍ଯ୍ୟନ୍ତ ଗନ୍ଧକ ଅମ୍ଳ ଉତ୍ପାଦନ ସକାଶେ ଆବଶ୍ୟକୀୟ ଗନ୍ଧକ ବାହାରୁ ଆମଦାନୀ କରାଯାଉଥିଲା । ବର୍ତ୍ତମାନ ପିରାଇଟସ୍ ଏବଂ ରସାୟନିକ ଉନ୍ନୟନ କମ୍ପାନୀ ସିନ୍ଦ୍ରି ସାର କାରଖାନାଠାରେ ସଲଫ୍ୟୁରିକ୍ ଏସିଡ଼ ସଂସ୍ଥା ପାଇଁ ଅନୁମତି ମାଗିଛନ୍ତି । ଆମୋନିୟମ ସଲଫେଟ୍ ତିଆରି କରିବା ସକାଶେ ଏହି କାରଖାନା ସଲଫ୍ୟୁରିକ୍ ଏସିଡ୍ ଯୋଗାଇବ । ଏହା ଆମ ଯୋଗ୍ୟ ଖଣିର ଆବଶ୍ୟକୀୟ ଚାହିଦା ପୂରଣ କରିବ । ସଲଫ୍ୟୁରିକ୍ ଏସିଡ୍ ଉତ୍ପାଦନ କରୁଥିବା ବହୁ କାରଖାନା ସ୍ଥାପନ କରିବା ପାଇଁ ଏହି ଖଣି ସାହାଯ୍ୟ କରିବ । ନିକଟ ଭବିଷ୍ୟତରେ ରିଫାଇନେରୀ ଗ୍ୟାସ, ଜିଙ୍କ୍ ସ୍ମେଲଟର ଗ୍ୟାସ ଏବଂ କୋକ୍ଓଭନ ଗ୍ୟାସ ପ୍ରଭୃତିରୁ ଉତ୍ପାଦିତ ସଲଫର ଟ୍ରାଇଅକ୍ସାଇଡ ଆଦାୟ ହୋଇପାରିବ । ଆସନ୍ତା ପାଞ୍ଚ ବର୍ଷ ଭିତରେ ୧,୬୫,୦୦୦ ଟନ ସଲଫ୍ୟୁରିକ୍ ଏସିଡ୍ ଆଦାୟ ହୋଇପାରିବ ବୋଲି ଅନୁମାନ କରାଯାଉଅଛି ।

ସୋଡ଼ା ଉତ୍ପାଦନର ଉତ୍କର୍ଷ କ୍ଷିପ୍ରତର ହୋଇପାରିଛି । ଏହି ଧରଣର ଦୁଇଟି କାରଖାନା ବର୍ତ୍ତମାନ ସର୍ବାଧିକ ପରିମାଣ ଶକ୍ତିକୁ ଅତିକ୍ରମ କରିସାରିଲାଣି ଏବଂ ଆଉ ଗୋଟିଏ ସମ୍ପ୍ରସାରଣ ପରିକଳ୍ପନା ଶେଷ ହେବା ଉପରେ । ତଥାପି ଆମ ଦେଶ ଆତ୍ମ-ନିର୍ଭରଶୀଳ ହୋଇପାରି ନାହିଁ । ବାହାରୁ ଏହା ସୋଡ଼ାଆଶ୍ ସିଟ ଗ୍ଲାସ ଶିଳ୍ପ ପାଇଁ ଆମଦାନୀ କରୁଛି । ଗୋଟିଏ କିମ୍ବା ଦୁଇଟି ସୋଡ଼ାଆଶ୍ କାରଖାନା ସ୍ଥାପିତ କରି ଦେଶର ଅଭାବ ଦୂରକରି ମେଣ୍ଟାଇବାକୁ ପଡ଼ିବ । କଷ୍ଟିକ୍ ସୋଡ଼ା ଉତ୍ପାଦନର ଉନ୍ନତି ମଧ୍ୟ ସନ୍ତୋଷଜନକ ନୁହେଁ । ଏହାର ବେଶି ପରିମାଣ ଆମକୁ ବାହାରୁ ଆଣିବାକୁ ହେଉଛି । ଅନ୍ତତଃପକ୍ଷେ ଆମକୁ ପ୍ରତ୍ୟେକ ବର୍ଷ ୫୦,୦୦୦ ଟନ୍ କଷ୍ଟିକ ସୋଡ଼ା ଉତ୍ପାଦନ କରିବାକୁ ପଡ଼ିବ । ଯାହା ଅନୁମାନ କରାଯାଇଅଛି, ତୃତୀୟ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ୩,୦୦,୦୦୦ ଟନ୍ ଆଦାୟ ହୋଇପାରିବ । ଆଲୱାଇ ସାର କାରଖାନାର ଆମୋନିୟମ କ୍ଲୋରାଇଡ ଉତ୍ପାଦନ ବୃଦ୍ଧି ପାଇଲେ ଅଧିକ ଉତ୍କୃଷ୍ଟତର କୋଇଲ୍ କଷ୍ଟିକ୍-ସୋଡ଼ା ଉତ୍ପାଦନ ପାଇଁ ସାହାଯ୍ୟ କରିବ ।

ଆଉ ଏକ ଅତି ଜରୁରି ସୁବିଧା ହେଉଛି ସାର ଏବଂ ଅନ୍ୟାନ୍ୟ ରସାୟନିକ କାରଖାନା ପାଇଁ ଆବଶ୍ୟକୀୟ ଉପକରଣାଦି ଉତ୍ପାଦନ କରିବା । ଏ ବିଷୟରେ ଏକ ଶୁଭଲକ୍ଷଣ ହେଉଛି ଏଫ୍. ଏ. ସି. ଟି. ଏବଂ ମିସେର୍ସ ଡି. ଆମୁମୋର ପ୍ରେସର ଭେସେଲ କାରଖାନା ଉଭୟଙ୍କ ସହଯୋଗରେ ଅଲଓ୍ୱେଠାରେ ଏକ କାରଖାନା ସ୍ଥାପନ କରିବା ପାଇଁ ଅନୁମୋଦନ ପ୍ରଦାନ ।

## ଭାରତର ଜାତୀୟ ବିଦ୍ୟୁତ୍ ଓ ଜଳସେଚନ ପରିକଳ୍ପନା

ଅଳ୍ପ ଦିନ ଭିତରେ ଏହି ଯୋଜନାଗୁଡ଼ିକର ସମାପ୍ତି ସକାଶେ କେନ୍ଦ୍ର ସରକାର ସର୍ବୋଚ୍ଚ ପରିମାଣ ସାହାଯ୍ୟ ଦେବେ ବୋଲି ଶ୍ରୀ ମେହେଟା ପ୍ରକାଶ କଲେ । ପ୍ରତ୍ୟେକ ରାଜ୍ୟ ସରକାର କୌଣସି ଗୋଟିଏ ବୃହତ୍ତର ଯୋଜନା ନିର୍ବାଚନ କରି ଗୋଟିଏ କିମ୍ବା ଦୁଇଟି ପଞ୍ଚବାର୍ଷିକ ଯୋଜନା କାଳ ଭିତରେ ତାହାର ପୂର୍ତ୍ତି ସକାଶେ ପ୍ରଭୂତ ପୁଞ୍ଜି ଲଗାଣ କରିବେ ।

### ଜଳସେଚନ ଶକ୍ତିର ସଦୁପଯୋଗ

ନୂତନ ଜଳସେଚନ ପଦ୍ଧତିର କ୍ରମବିକାଶଫଳରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଶେଷବେଳକୁ ୧୨.୧ ନିୟୁତ ଏକର ଜମିରେ ପାଣି ମାଡ଼ିପାରିବ ବୋଲି ହିସାବ ଧରାଯାଇଅଛି । ତୃତୀୟ ଯୋଜନା ଶେଷ ସୁଦ୍ଧା ୨୪.୫ ନିୟୁତ ଏକର ଜମି ଜଳସେଚିତ ହୋଇପାରିବ ବୋଲି ଅଟକଳ କରାଯାଇଅଛି । ଏକ ମୂଲ୍ୟ ନିର୍ଦ୍ଧାରଣ ତାଲିକାରୁ ଜଣାପଡ଼ୁଛି ଯେ ୨୩.୬ ନିୟୁତ ଏକର ଜମି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଛି । ଏସବୁଥିରୁ ଅନୁମାନ କରାଯାଏ ଯେ ୮.୬ ନିୟୁତ ଏକର ଜମି ଦ୍ୱିତୀୟ ଯୋଜନା ଶେଷ ସୁଦ୍ଧା ବାସ୍ତବ ଉପଯୋଗ ଲାଭ କରିଛି । ୧୮.୬ ନିୟୁତ ଏକର ଜମି ତୃତୀୟ ଯୋଜନା ଶେଷ ସୁଦ୍ଧା ଜଳସେଚିତ ହୋଇ ପାରିବ ବୋଲି ନିର୍ଦ୍ଧାରିତ ହୋଇଛି ।

### ବିଦ୍ୟୁତ୍‌ଶକ୍ତିର ବିକାଶ

ବିଦ୍ୟୁତ୍‌ଶକ୍ତିର ବିକାଶ ବିଷୟ ଉଲ୍ଲେଖ କରି ଶ୍ରୀ ମେହେଟା କହିଲେ ଯେ, ସ୍ୱାଧୀନତାପରଠାରୁ ଏହାର ବିକାଶ ଦିଗରେ ପ୍ରଧାନ ଗୁରୁତ୍ୱ ଦିଆଯାଉଅଛି । ବିଶେଷତଃ ଜାତୀୟ ଜରୁରି ପରିସ୍ଥିତି ଏହି ଯେ ଜନା ବିକାଶର ଚରମ ପ୍ରୟୋଜନୀୟତା ବିଷୟରେ ଆମକୁ ସଚେତନ କରିପାରିଛି । ଦ୍ୱିତୀୟ ଯୋଜନା ଶେଷ ସୁଦ୍ଧା ଏହାର ଉତ୍ପାଦିକା ଶକ୍ତି ୫.୭ ନିୟୁତ କିଲୋଓ୍ୱାଟରେ ପହଞ୍ଚିଥିଲା । ତୃତୀୟ ଯୋଜନାର ଶେଷ ସୁଦ୍ଧା ମାତ୍ର ୭ ନିୟୁତ କିଲୋଓ୍ୱାଟ ଶକ୍ତି ଅଧିକ ଉତ୍ପାଦନ କରାଯିବ ବୋଲି ପରିକଳ୍ପନା କରାଯାଇଅଛି ।

### ଯୋଜନାର ଲକ୍ଷ୍ୟ

ଯୋଜନାର ଲକ୍ଷ୍ୟ ପୂରଣ ଦିଗରେ ଆମକୁ ଆମର ବିଦ୍ୟୁତ୍ ଓ ଜଳସେଚନ କାର୍ଯ୍ୟକ୍ରମଗୁଡ଼ିକୁ ତୁରନ୍ତ ଏବଂ ଅଳ୍ପ ସମୟରେ ନିର୍ମାଣ କରିବାକୁ ପଡ଼ିବ । ଏ ବିଷୟରେ କେତେକ ତଥ୍ୟ ପ୍ରକାଶ କରି ସେ ଦର୍ଶାଇଲେ ଯେ, ଯୋଜନାର କାର୍ଯ୍ୟକାଳ ଭିତରେ ଗଭୀର ଅନୁସନ୍ଧାନଦ୍ୱାରା ତ୍ରୁଟି ସଂଶୋଧନ କଲେ ଏହା ଆଉ ପରବର୍ତ୍ତୀ ଯୋଜନାରେ ଦେଖାଦେବ ନାହିଁ । ଏବକୁ ପର୍ଯ୍ୟବେକ୍ଷଣ କରିବା ସକାଶେ ସୁଦକ୍ଷ ଯନ୍ତ୍ର ଆବଶ୍ୟକ । ଭାରତ ସରକାର ପ୍ରତ୍ୟେକ ବଡ଼ ବଡ଼ ନଦୀମାନଙ୍କରେ ପ୍ରାଥମିକ ପର୍ଯ୍ୟାୟ ସମ୍ପନ୍ନତ ଜଳବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରିବା ପାଇଁ ସୁପାରିଶ କରି କୃଷ୍ଣା, ଗୋଦାବରୀ ନଦୀରେ ପରୀକ୍ଷା ସ୍ୱରୂପ ଆରମ୍ଭ କରିଅଛନ୍ତି ।

# ନିଜରକ୍ତ ଦେଇ ବହୁଜୀବନ ସେ ରକ୍ଷା କରିଛନ୍ତି



ଅନେକ ଦିନ ହେଲାଣି—ଜାମସେଦପୁରର ପ୍ରଧାନ ଡାକ୍ତରଖାନାରେ ୧୯୩୫ ସାଲରେ ମଣିଷଟିଏ ମୃତ୍ୟୁମୁଖରେ ପଡ଼ିଥାଏ । ତା ଦେହରେ ଯଦି ରକ୍ତ ଦେଲେ ମଣିଷଟି ସୁସ୍ଥ ହୋଇପାରିବ । ସେତେବେଳେ ଲୋକଙ୍କ ଧାରଣା ଥିଲା ଯେ ନିଜଦେହରୁ ରକ୍ତ ଦେଲେ ତାପରେ ତାଙ୍କ ସ୍ୱାସ୍ଥ୍ୟ ନଷ୍ଟ ହୋଇଯିବ । ତେବେ, ତରୁଣ ଜଣେ ଆଗେଇଆସି ସେହି ମୃତ୍ୟୁମୁଖୀ ଲୋକଙ୍କୁ ବଞ୍ଚାଇବାକୁ ନିଜଦେହର ରକ୍ତଦାନ କରିଥିଲେ । ୧୯୩୫ ଓ ୧୯୫୫ ଭିତରେ ସେଇଲୋକ, ଦାଇବାର ବର୍ଷକୁ ଦୁଇଥର କରି, ଯିବା ଦୁର୍ଘଟଣାରେ ପଡ଼ିଥିବା ଓ ଶରୀରଶକ୍ତିଶୂନ୍ୟ ଲୋକଙ୍କ ପାଇଁ, ୪୦ ଥର ରକ୍ତଦାନ କଲେଣି ।

ସେହି ଅସାଧାରଣ ଲୋକଜଣକ ହେଉଛନ୍ତି ହ. ଏସ୍. ଚାଲ୍ସ—ଜାମସେଦପୁରର ଟାଟାଷ୍ଟିଲର ଜଣେ ଫାଇଟିଷ୍ଟ, ସରଙ୍ଗସାର କରନ୍ତି, ବୟସ ୫୦—ସବୁଦିନ ଅଧିକତର ଓ ସ୍ୱାସ୍ଥ୍ୟବାନ । ବର୍ତ୍ତମାନ ବି ରକ୍ତଦାନ ପାଇଁ ଡାକଆସିଲେ ମଧ୍ୟ ବେଶି ବୟସ ଦୃଷ୍ଟିରୁ ଡାକ୍ତରମାନେ ତାଙ୍କୁ ଫେରାଉଛନ୍ତି ।



ଚାଲ୍ସଙ୍କ ପରି ଲୋକମାନଙ୍କର ଏହି ନିସ୍ୱାର୍ଥ ଭାବ-ଧାରାରେ ଅନୁପ୍ରାଣିତ ହୋଇ ଇସ୍ପାତନଗରୀର ଅଧିକ ଅନେକଲୋକ ରକ୍ତଦାନ କରନ୍ତି । ଟାଟା ଷ୍ଟିଲର ଅନ୍ୟୂନ ୨୦,୦୦୦ କର୍ମଚାରୀ ଦରକାର ପଡ଼ିଲେ ରକ୍ତ ଦେବା ପାଇଁ, ନିଜନିଜର ରକ୍ତ ପରୀକ୍ଷା କରାଇ, ନାମ ତାଲିକାଭୁକ୍ତ କରିଛନ୍ତି ଏବଂ ଏଥିପାଇଁ ଅସ୍ପତାଳ ଅନେକ ବନ୍ଦୋବସ୍ତ ଅଛନ୍ତି—କରାଳ ମୃତ୍ୟୁର ପ୍ରତିରୋଧ କରିବାପାଇଁ, ହଠାତ୍ ଦୁର୍ଘଟଣାରୁ ପଡ଼ୁଥିବାମାନଙ୍କୁ ରକ୍ଷାକରିବାପାଇଁ ସେମାନଙ୍କର ପ୍ରାଣର ବାସନା ।

ସମାଜର ଅତୁଟ ବନ୍ଧନକୁ ଜାତ ସହୃଦୟତାର ଏହା ଅନ୍ୟତମ ଉଦାହରଣ, ସେହି ବନ୍ଧନରେ ଜାମସେଦ-ପୁରର ଇସ୍ପାତନଗରୀବାସୀ ବାନ୍ଧି ହୋଇଛନ୍ତି ; ଏଠାରେ ସ୍ଥିର ଶାନ୍ତି ଉଦାର ପଲ୍ଲୀଭୂମି, ଜନଗଣ ଓ ସେମାନଙ୍କ ମାର୍ଗ ।

## ଜାମସେଦପୁର

ଇସ୍ପାତ ନଗରୀ

**ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ ମୁକ୍ତହସ୍ତରେ ଦାନକରନ୍ତୁ**

The Tata Iron and Steel Company Limited

WTSN 1894

## ଆପଣଙ୍କ ପାଇଁ ସମ୍ବାଦ

### ଆଣବିକ ଯୁଗରେ ବଞ୍ଚିବାର ଯଥାର୍ଥତା ଯୁବ-ଉତ୍ସବରେ ଆଲୋଚନା

ସଂପ୍ରତି ଏଠାରେ ଅନୁଷ୍ଠିତ ହୋଇଥିବା ନିଖିଳ ଭାରତ ବିଶ୍ୱବିଦ୍ୟାଳୟ ଯୁବ-ଉତ୍ସବରେ ଆଣବିକ ଯୁଗରେ ବଞ୍ଚିବାର ଯଥାର୍ଥତା ସଂପର୍କରେ ଇଂରାଜୀରେ ଆଲୋଚନା ହୋଇଥିଲା । ଊନେଇଶଟି ବିଶ୍ୱବିଦ୍ୟାଳୟର ୧୯ ଜଣ ଛାତ୍ର ପାଖ ତିନି ଘଣ୍ଟା ଧରି ଏ ସଂପର୍କରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଥିଲେ । 'ଗାନ୍ଧୀ-ଶାନ୍ତି-ଫାଉଣ୍ଡେସନ'ର ସମ୍ପାଦକ ଶ୍ରୀ ଆର୍. ଆର୍. ଦିବାକର ଏଥିରେ ସଭାପତିତ୍ୱ କରିଥିଲେ

ଆଲୋଚନାରେ ଭାଗ ନେଇଥିବା ଛାତ୍ରମାନେ ଆଣବିକ ଶକ୍ତିର ପ୍ରଭୂତ ଶକ୍ତି ଏବଂ ଧ୍ୱଂସ ଓ ଗଠନ ଦିଗରେ ତାର ବିନିଯୋଗ ସଂପର୍କରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ । ଏହି ଛାତ୍ରମାନେ କହିଥିଲେ ଯେ ଯୁଦ୍ଧ ସଂପର୍କରେ ସାଧାରଣ ଧାରଣା ଆଜି ସଂପୂର୍ଣ୍ଣରୂପେ ବଦଳିଯାଇଛି; କାରଣ ଶକ୍ତିଶାଳୀ ଆଣବିକ ଅସ୍ତ୍ର ବ୍ୟବହାର ଫଳରେ ସମଗ୍ର ପୃଥିବୀ ଧ୍ୱଂସ ହୋଇଯିବ । ଏହା ସାଙ୍ଗକୁ ଧର୍ମ ଓ ପୁରାତନ ବିଚାରଧାରା ଆଜିର ଆଣବିକ ଯୁଗରେ ମୂଲ୍ୟହୀନ ଅଚଳ ହୋଇଯାଇଛି ବୋଲି ଆଲୋଚକମାନେ ପ୍ରକାଶ କରିଥିଲେ ।

ଭବିଷ୍ୟତରେ ଯୁଦ୍ଧ ବନ୍ଦ କରିବାକୁ ହେଲେ ଜାତିସଂଘକୁ ଅତୀବ ଅଧିକ ସକ୍ରିୟ ଓ ଶକ୍ତିଶାଳୀ କରାଯାଉ ବୋଲି ଆଲୋଚକମାନେ ମତ ଦେବା ସଙ୍ଗେ ସଙ୍ଗେ ପ୍ରକାଶ କରିଥିଲେ ଯେ ଆଧୁନିକ ଯୁଗରେ ବାସ କରୁଥିବା ପ୍ରତ୍ୟେକ ମନୁଷ୍ୟର ଦୃଷ୍ଟିଭଙ୍ଗୀରେ ମଧ୍ୟ ପରିବର୍ତ୍ତନ ହେବା ଉଚିତ । ବିଭିନ୍ନ ଦେଶମାନଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ନିରପେକ୍ଷ ରାଷ୍ଟ୍ରମାନଙ୍କ ମତାମତପ୍ରତି ଅଧିକ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ସେମାନେ ମତ ପ୍ରକାଶ କରିଥିଲେ ।

ଆଂଶିକ ଆଣବିକ ଅସ୍ତ୍ର ନିଷିଦ୍ଧୀକରଣ ଚୁକ୍ତି ସଂପର୍କରେ ମତାମତ ଦେଇ ଆଲୋଚକମାନେ କହିଥିଲେ ଯେ ଏହା ସଂପୂର୍ଣ୍ଣ ନ ହେଲେ ମଧ୍ୟ ଏହା ଫଳରେ ନୂତନ ଆଶାର ସଞ୍ଚାର ହୋଇଛି । ଯେ ପର୍ଯ୍ୟନ୍ତ ପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ନ ହୋଇଛି ବା ତିଆରି କରାଯାଇଥିବା ସମସ୍ତ ଆଣବିକ ଅସ୍ତ୍ରକୁ ଧ୍ୱଂସ କରି ଦିଆ ନ ଯାଇଛି, ସେ ପର୍ଯ୍ୟନ୍ତ ବିପଦ ଦୂର ହେବ ନାହିଁ । ଆଲୋଚକମାନେ କହିଲେ ଯେ ଭୟ ଓ ଅବିଶ୍ୱାସ ଯେ କୌଣସି ଶକ୍ତିଶାଳୀ ଅସ୍ତ୍ରଠାରୁ ଅଧିକ ଭୟଙ୍କର । ଏହା ଫଳରେ ଆଜି ପୃଥିବୀରେ କୌଣସି ଦେଶ ନିରସ୍ତ୍ରୀକରଣ ସଂପର୍କରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଆଗଭର ହେଉ ନାହାନ୍ତି । ଏଥିପାଇଁ ସର୍ବପ୍ରଥମେ ବିଶ୍ୱାସର ଏକ ବାତାବରଣ ସୃଷ୍ଟି କରିବାକୁ ହେବ ।

ଆଲୋଚକମାନେ ଆଣବିକ ଶକ୍ତିକୁ କପରି ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ବିନିଯୋଗ କରି ହେବ, ସେ ସଂପର୍କରେ ଆଲୋଚନା କରିଥିଲେ । ପ୍ରଥମରୁ ଶିକ୍ଷା ମନ୍ତ୍ରାଳୟର ଜଏଣ୍ଟ ଆଡ୍‌ଭାଇଜର ଆଲୋଚକମାନଙ୍କୁ ସ୍ୱାଗତ କରିଥିଲେ ।

●

### ଓଡ଼ିଶାର କୂଳରେଖା କ୍ଷୟ ନିରୋଧ ସମ୍ପର୍କରେ ମାର୍କିନ୍ ବିଶାରଦଙ୍କର ଅନୁସନ୍ଧାନ

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଘଟୁଥିବା ଭୂମିକ୍ଷୟର କାରଣ ନିର୍ଣ୍ଣୟ କରିବା ପାଇଁ ଯୁକ୍ତରାଷ୍ଟ୍ର 'ବିଚ୍ ଇରୋଜନ୍ ବୋର୍ଡ଼'ର କାରିଗରୀ ବିଭାଗୀୟ ସହକାରୀ ଅଧିକାରୀ ମିଃ ଜର୍ଜ ଏମ୍. ଓ୍ୱାଟ୍‌ସ୍ ଏବେ ଓଡ଼ିଶା ଆସିଛନ୍ତି ।

ଭାରତର ଜଳସେଚନ ଓ ବିଦ୍ୟୁତ୍‌ଶକ୍ତି ମନ୍ତ୍ରାଳୟର ଅନୁରୋଧକ୍ରମେ ମିଃ ଓ୍ୱାଟ୍‌ସ୍ ଯୁକ୍ତରାଷ୍ଟ୍ର ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥାଙ୍କ ଦ୍ୱାରା ମନୋନୀତ ହୋଇ ଭାରତ ଆସିଛନ୍ତି । ବର୍ଷାଦିନେ କେରଳର ଉପକୂଳବର୍ତ୍ତୀ ଅଞ୍ଚଳରେ କୂଆର ମାଡ଼ିଯାଏ ଏବଂ ଜମି ଧୋଇହୋଇଯାଏ । ସେଠାରେ ଏହି ଅଞ୍ଚଳଟା ହିଁ ଉର୍ବର କୃଷିକ୍ଷେତ୍ରରେ ପୂର୍ଣ୍ଣ ଏବଂ ଘନ ଜନବସତିପୂର୍ଣ୍ଣ । ଏହାଦ୍ୱାରା ପ୍ରତିବର୍ଷ ୧୫ରୁ ୩୦ ଫୁଟ୍ କରି ଜମି ସମୁଦ୍ରକୁ ଧୋଇହୋଇଯାଏ । କେରଳ ସରକାରଙ୍କ ପକ୍ଷରେ ଏହା ଏକ ବିରାଟ ସମସ୍ୟା । ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ସମୁଦାୟ ଜନବସତିପୂର୍ଣ୍ଣ ୨ଶହ ମାଇଲ ଉପକୂଳ ଅଞ୍ଚଳରୁ ମାତ୍ର ଚଉଶ ମାଇଲବ୍ୟାପୀ ଏକ ପ୍ରାଚୀର ନିର୍ମାଣ କରିବାର ଏକ ବ୍ୟବସ୍ଥା ରହିଛି । ଏଥିପାଇଁ ମାଇଲ୍ ପ୍ରତି ୧୨ରୁ୧୮ ଲକ୍ଷ ଟଙ୍କା ଖରଚ ହେବ । ସମୁଦାୟ ୩ କୋଟି ୨୦ ଲକ୍ଷ ଟଙ୍କା ଅଟକଳ ରଖାଯାଇଛି ।

ମିଃ ଓ୍ୱାଟ୍‌ସ୍ କହନ୍ତି ଯେ, ବର୍ଷାଦିନେ ନଦୀମୁହାଣ କିମ୍ବା ନଦୀପାଟରେ ଜଳ ଜମୁଥିବା ସ୍ଥାନମାନଙ୍କରୁ ବାଲି ଆଣି ଯଦି ଏହି ଧୋଇଆ ଅଞ୍ଚଳରେ ଢଳାଯାଏ, ତେବେ ଯଥେଷ୍ଟ କମ୍ ଖର୍ଚ୍ଚରେ ଏହି କ୍ଷତିପୂରଣ କରାଯାଇ ପାରିବ । ତାଛଡ଼ା ଯୁକ୍ତରାଷ୍ଟ୍ର ଭଳି ଏହି ଅଞ୍ଚଳଗୁଡ଼ିକୁ ଉନ୍ନତ କରାଇ ଭ୍ରମଣାର୍ଥୀମାନଙ୍କର ଆମୋଦ ସ୍ଥଳରୂପେ ବ୍ୟବହାର କଲେ ତାହା ସ୍ଥାୟୀ ହେବା ସଙ୍ଗେ ସଙ୍ଗେ ବହୁ ଭ୍ରମଣାର୍ଥୀ ଏଠାକୁ ଆସିବେ ।

ଯୁକ୍ତରାଷ୍ଟ୍ର "ବିଚ୍ ଇରୋଜନ୍ ବୋର୍ଡ଼"ରେ କାମ କରୁଥିବା କାରିଗରମାନଙ୍କର ବିଚକ୍ଷଣ ସାଫଲ୍ୟ ଲକ୍ଷ୍ୟ କରି ଭାରତର ଅନୁରୂପ ସମସ୍ୟା ସଂକ୍ରାନ୍ତ ପରାମର୍ଶ ପାଇବା ଉଦ୍ଦେଶ୍ୟରେ ଭାରତ ସରକାର ମିଃ ଓ୍ୱାଟ୍‌ସ୍‌ଙ୍କୁ ଆମନ୍ତ୍ରଣ କରିଥିଲେ ।

ଜଣାଯାଇଛି, ଚଳିତ ସପ୍ତାହ ଶେଷରେ ଆମେରିକା ଫେରିଯିବା ପୂର୍ବରୁ ମିଃ ଓ୍ୱାଟ୍‌ସ୍ ତାଙ୍କର ରିପୋର୍ଟଟି ନୂଆଦିଲ୍ଲୀସ୍ଥିତ ୟୁ. ଏସ୍. ଏ. ଆଇ. ଡି. କାର୍ଯ୍ୟାଳୟରେ ଦାଖଲ କରି ଦେଇଯିବେ ଏବଂ ପରେ ତାହା କେନ୍ଦ୍ର ଜଳସେଚନ ଓ ବିଦ୍ୟୁତ୍‌ଶକ୍ତି ମନ୍ତ୍ରାଳୟରେ ଉପସ୍ଥାପିତ ହେବ ।

## ଗହନ କାର୍ଯ୍ୟକ୍ରମର ଅଗ୍ରଗତି ବିଶେଷଜ୍ଞ କମିଟିଙ୍କ ରିପୋର୍ଟ

ମୂଲ୍ୟ-ନିର୍ଦ୍ଧାରଣ ବିଶେଷଜ୍ଞ କମିଟି ଜିଲ୍ଲା ପ୍ରଗାଢ଼ କୃଷି କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଥମ ଅଗ୍ରଗତି ରିପୋର୍ଟ ପ୍ରକାଶ କରିଛନ୍ତି । ୧୫ଟି ରାଜ୍ୟର ୧୨ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ କିପରିଭାବେ ଅଗ୍ରଗତି କରୁଛି, ତାହାର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଖାଦ୍ୟ ଓ କୃଷି ମନ୍ତ୍ରାଳୟ ଏହି କମିଟି ଗଠନ କରିଛନ୍ତି । ଯୋଜନା କମିଶନର ଉପଦେଷ୍ଟା ଡକ୍ଟର ଏସ୍. ଆର ସେନ୍ ଏହି କମିଟିର ଚେୟାରମାନ ।

ଉତ୍ପାଦନ ବୃଦ୍ଧି ପାଇଁ ଏହି କାର୍ଯ୍ୟକ୍ରମରେ କେତୋଟି ଉଲ୍ଲେଖଯୋଗ୍ୟ ବିଷୟ ରହିଛି । ପ୍ରଥମତଃ ସମଗ୍ର କାର୍ଯ୍ୟକ୍ରମଟି କୃଷକମାନଙ୍କୁ କେନ୍ଦ୍ରୀଭୂତ କରି ପ୍ରସ୍ତୁତ କରାଯାଇଛି । କୃଷକମାନେ ଫାର୍ମ ଓ ଗ୍ରାମ୍ୟ ଉତ୍ପାଦନ ଯୋଜନା ଜରିଆରେ ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ ସମ୍ବଳ, ଋଣ ପ୍ରଭୃତି କାର୍ଯ୍ୟରେ ବିନିଯୋଗ କରିବା ପାଇଁ କୃଷକମାନଙ୍କୁ ସୁବିଧା ଦିଆଯାଇଛି । ଦ୍ୱିତୀୟତଃ କୃଷକମାନଙ୍କୁ ସାହାଯ୍ୟ କରିବା ପାଇଁ ଯେଉଁସବୁ କାର୍ଯ୍ୟକ୍ରମଗୁଡ଼ିକ ଉଦ୍ଦିଷ୍ଟ ହୋଇଛି, ତାହା ସବୁ କୃଷକମାନଙ୍କ କାର୍ଯ୍ୟ ସହ ଖାପ ଖୁଆଇ କରାଯାଇଛି । ସବୁ ଅନୁଷ୍ଠାନ, ଯଥା—ସମବାୟ ସମିତି, ପଞ୍ଚାୟତି-ରାଜ ଅନୁଷ୍ଠାନ ତଥା ସରକାରୀ ଅନୁଷ୍ଠାନର ସମସ୍ତ ଉଦ୍ୟମକୁ ପ୍ରଧାନ ଲକ୍ଷ୍ୟକୁ ସଫଳତା ସହକାରେ

ହାସଲ କରିବା ପାଇଁ ନିୟୋଜିତ କରାଯାଇଛି । ତ୍ୱରାପ୍ୟତଃ ଲକ୍ଷ୍ୟସ୍ଥଳରେ ଉପନୀତ ହେବା ପାଇଁ ଗୃହ-ପଦ୍ଧତିର ବିକାଶ କରାଯାଇଛି ଓ ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ କୃଷକ ସହିତ ସମ୍ପର୍କ ସ୍ଥାପିତ ହୋଇଛି ।

ପ୍ରଗାଢ଼ କୃଷି ଜିଲ୍ଲା କାର୍ଯ୍ୟକ୍ରମ ପାଇଁ ବଛା-ଯାଇଥିବା ୭ଟି ଜିଲ୍ଲା ମଧ୍ୟରୁ ତିନୋଟି ଜିଲ୍ଲା, ଯଥା— ତାଞ୍ଜୋର (ମାନ୍ଦ୍ରାଜ), ପଶ୍ଚିମ ଗୋଦାବରୀ (ଆନ୍ଧ୍ର-ପ୍ରଦେଶ), ସାହାବାଦ (ବିହାର)ରେ ୧୯୬୦-୬୧ ମସିହାରେ ପ୍ରଥମେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଗଲା । ତା'ପରେ ଏହା ୧୯୬୧-୬୨ ମସିହାରେ ଆଉ ଚାରୋଟି ଜିଲ୍ଲା ଯଥା— ଆଲିଗଡ଼ (ଉତ୍ତରପ୍ରଦେଶ), ଲୁଧିଆନା (ପଞ୍ଜାବ), ପାଲି (ରାଜସ୍ଥାନ), ରାଇପୁର (ମଧ୍ୟପ୍ରଦେଶ)କୁ ସଂପ୍ରସାରଣ କରାଗଲା । ୧୯୬୧-୬୨ ମସିହାରେ ଏହି ଜିଲ୍ଲାମାନଙ୍କର ମୋଟ ୧୪୦ଟି ବ୍ଲକ୍ ମଧ୍ୟରୁ ୧୧୨ଟି ବ୍ଲକ୍‌ର ମୋଟ ୫.୬୦ ଲକ୍ଷ ହେକ୍ଟରର ଚାଷୋପଯୋଗୀ ଜମିରୁ ପ୍ରାପ୍ୟ ଶତକଡ଼ା ୧୫ ଭାଗ ଜମି ଏହି କାର୍ଯ୍ୟକ୍ରମର ପରିସର ମଧ୍ୟକୁ ଅଣାଯାଇଛି । ଏହିସବୁ ଜିଲ୍ଲାମାନଙ୍କରେ ସାରର ବ୍ୟବହାର ଖୁବ୍ ଉତ୍ସାହଜନକ ହୋଇଛି । ଉତ୍ପାଦନ ବୃଦ୍ଧି କରିବାପାଇଁ ଉନ୍ନତଧରଣର ବିହନ ବଣ୍ଟାଯାଇଛି ଓ ଏଥିପାଇଁ ଗୋଟିଏ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇଛି ।

## ଉଦ୍ଭିଦ ସଂରକ୍ଷଣ

ଉଦ୍ଭିଦକୁ କୀଟ ଓ ରୋଗର ଆକ୍ରମଣରୁ ରକ୍ଷା କରିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଉଛି । ବିହନ ଓ ଫସଲ ଯେପରି ଭଲ ରହିବ, ସେଥିପ୍ରତି ଅଧିକରୁ ଅଧିକ ଦୃଷ୍ଟି ଦିଆଯାଉଛି । ଉପଯୁକ୍ତ ସମୟରେ ବ୍ୟବହାର କରିବା ପାଇଁ ଉଦ୍ଭିଦ ସଂରକ୍ଷଣ ଯନ୍ତ୍ରପାତି ଓ ଉପକରଣମାନ ଯଥେଷ୍ଟଭାବରେ ବିଭିନ୍ନ ଗୋଦାମରେ ମହଜୁଦ୍ ରଖାଯାଇଛି । ୧୯୬୨-୬୩ ମସିହାରେ କୀଟ ଓ ରୋଗ ଆକ୍ରମଣରୁ ଗଛଗୁଡ଼ିକୁ ରକ୍ଷା କରିବା ପାଇଁ ମୋଟ ୩.୩ ଲକ୍ଷ ହେକ୍ଟର ଜମି ଉପରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ସମବାୟ

ପର୍ଯ୍ୟାସ୍ୱୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ଠିକ୍ ସମୟରେ କୃଷକମାନଙ୍କୁ ଋଣ ଓ ଉନ୍ନତ ଉତ୍ପାଦକ ସାମଗ୍ରୀ ଦେଇ ଯୋଗାଇଦେବା ନିମନ୍ତେ ସମବାୟ ସମିତିଗୁଡ଼ିକୁ ସୁଦୃଢ଼, ଶକ୍ତିଶାଳୀ ଓ ବିକାଶୋନ୍ମୁଖ କରାଯାଉଛି । ପ୍ରଥମ ୭ଟି ଜିଲ୍ଲାର କେନ୍ଦ୍ର ସମବାୟ ବ୍ୟାଙ୍କମାନଙ୍କର ଅଂଶ ମୂଳଧନ ୧୯୫୯-୬୦ ମସିହାରେ ୧.୪୮ କୋଟି ଟଙ୍କା ହୋଇଥିବା ସ୍ଥଳେ ୧୯୬୧-୬୨ ମସିହା ଶେଷ ସୁଦ୍ଧା ତାହା ବୃଦ୍ଧି ପାଇ ୨.୨୪ କୋଟି ଟଙ୍କା ହୋଇଥିଲା । ସେହି ସମୟ ମଧ୍ୟରେ ସେହି ବ୍ୟାଙ୍କମାନଙ୍କର ଜମା ଟଙ୍କାର ପରିମାଣ ମଧ୍ୟ ୨.୯୯ କୋଟି ଟଙ୍କାରୁ ୪.୩୦ କୋଟି ଟଙ୍କା ହୋଇଛି । ୧୯୫୯-୬୦ ମସିହାରେ ବ୍ୟାଙ୍କମାନେ ୧୦.୭୭ କୋଟି ଟଙ୍କା ଋଣ ଦେଇଥିବା ସ୍ଥଳେ ୧୯୬୧-୬୨ ମସିହାରେ ୧୬.୧୬ କୋଟି ଟଙ୍କା ଋଣ ଦେଇଥିଲେ । ସେହିଭଳି ଏହିସବୁ ଜିଲ୍ଲାର ପ୍ରାଥମିକ ସମିତିଗୁଡ଼ିକର ସଂଖ୍ୟା ୧୯୫୯-୬୦ ମସିହାରେ ୫୭୯୭ ହୋଇଥିବାବେଳେ ୧୯୬୧-୬୨ ମସିହାରେ ଏହା ବୃଦ୍ଧି ପାଇ ୬୬୪୨ ହୋଇଛି । ଏହି ସମିତିଗୁଡ଼ିକର ସଭ୍ୟସଂଖ୍ୟା ୬.୯୪ ଲକ୍ଷରୁ ୮.୭୫ ଲକ୍ଷ ହୋଇଛି ଓ ଏହାର କାର୍ଯ୍ୟକାରୀ ମୂଳଧନ ୯.୮୭ କୋଟି ଟଙ୍କାରୁ ୧୩.୮୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହି ପ୍ରାଥମିକ ସମିତିମାନେ ୧୯୫୯-୬୦ ମସିହାରେ ସ୍ୱଳ୍ପ-ମିଆଦି ସୂତ୍ରରେ ୮.୭୮ କୋଟି ଟଙ୍କା ଋଣ ଦେଇଥିବା ସ୍ଥଳେ ତାହା ବୃଦ୍ଧି ପାଇ ୧୯୬୧-୬୨ ମସିହାରେ ୧୧.୯୧ କୋଟି ଟଙ୍କା ହୋଇଥିଲା ।

କୃଷକମାନଙ୍କ ନିକଟରେ ଯୋଗାଣ ଜିନିଷ-ଗୁଡ଼ିକୁ ସହଜରେ ପହଞ୍ଚାଇ ଦେବା ପାଇଁ ଏହିସବୁ ଜିଲ୍ଲାମାନଙ୍କରେ ପ୍ରାୟ ୧,୩୩୫ଟି ଗ୍ରାମ୍ୟ ଗୋଦାମ ନିର୍ମାଣ କରିବା ପାଇଁ ଗୋଟିଏ କାର୍ଯ୍ୟକ୍ରମ ରହିଛି । ସେଥି ମଧ୍ୟରୁ ପ୍ରାୟ ୭୦୨ଟିର ନିର୍ମାଣ କାର୍ଯ୍ୟ ୧୯୭୩ ମସିହା ଜୁନ୍ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହୋଇସାରିଛି । ●

## ସମବାୟ ଉନ୍ନୟନ କାର୍ଯ୍ୟକ୍ରମ ୧୯୭୪-୭୫ ମସିହା ପାଇଁ ରାଜ୍ୟସ୍ତରୀୟ ଯୋଜନା

ସମବାୟ ଉନ୍ନୟନ କାର୍ଯ୍ୟକ୍ରମ ତିଆରି କରିବା ପାଇଁ ଯୋଜନା କମିସନ ବିଶେଷ ଗୁରୁତ୍ୱ ଆରୋପ କରିବାରେ କେନ୍ଦ୍ର ଗୋଷ୍ଠୀ ଉନ୍ନୟନ ଓ ସମବାୟ ମନ୍ତ୍ରାଳୟ ରାଜ୍ୟ ସରକାରମାନଙ୍କୁ ଅନୁରୋଧ କରିଅଛନ୍ତି ଯେ ସେମାନେ ୧୯୭୪-୭୫ ମସିହା ସମବାୟ କାର୍ଯ୍ୟକ୍ରମ ପାଇଁ ତୃତୀୟ ଯୋଜନା ଆବଣ୍ଟନର ଶତକଡ଼ା ୨୫ ଭାଗ ବ୍ୟୟ ବହନ କରିବେ ।

ସମବାୟ ଯୋଜନାର ଚୂଡ଼ାନ୍ତ ପରିଣତି ସମ୍ପର୍କରେ ରାଜ୍ୟ ସରକାରମାନେ ଗ୍ରାମ୍ୟ ସମିତି-ମାନଙ୍କର ପୁନଃସଂଗଠନ ଓ ନବୀକରଣ ପ୍ରଭୃତି ଦୃଷ୍ଟିକୋଣପ୍ରତି ଅନୁଧ୍ୟାନ ଦେବାଲାଗି ପରାମର୍ଶ ପାଇଛନ୍ତି ।

ବିଗତ ରାଜ୍ୟ ସମବାୟ ମନ୍ତ୍ରୀସ୍ତରୀୟ ସମ୍ମିଳନୀରେ ଗ୍ରାମ୍ୟ ସମିତିମାନଙ୍କର ନବୀକରଣ ଓ ପୁନଃ-ସଂଗଠନ କାର୍ଯ୍ୟକ୍ରମ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି ସୁପାରିଶ ଅନୁସାରେ ରାଜ୍ୟ ସରକାରମାନେ ସେମାନଙ୍କର ପ୍ରଚେଷ୍ଟା ଉପରିଲିଖିତ ଯୋଜନା ଦିଗରେ ଉପନ୍ୟସ୍ତ କରିବେ ବୋଲି ନିର୍ଦ୍ଦେଶ ପାଇଛନ୍ତି । ସେମାନେ ସଭ୍ୟସଂଖ୍ୟା, ମୂଳଧନ ଅଂଶ ଏବଂ କରଜ ଦେବା ପ୍ରଭୃତି କାର୍ଯ୍ୟକ୍ରମର ବୃଦ୍ଧି ଉପରେ ସବିଶେଷ ଗୁରୁତ୍ୱ ଆରୋପ କରିବା ପାଇଁ ନିର୍ଦ୍ଦେଶନାମା ପାଇଅଛନ୍ତି । ଅଂଶ ସଂଖ୍ୟା ବୃଦ୍ଧି ନିମିତ୍ତ ଅଞ୍ଚଳ-ସମୂହର ପରିସର ବୃଦ୍ଧି ଏବଂ ଦୁର୍ବଳ ସମିତିମାନଙ୍କର ସମ୍ମିଶ୍ରଣକୁ ପ୍ରୋତ୍ସାହିତ କରାଯିବ । ନୂଆ ସମିତି ଗଠନର ସଂଖ୍ୟା ନ୍ୟୁନ କରାଯିବା ସଙ୍ଗେ ସଙ୍ଗେ ସମିତି ସଂଗଠନ କେବଳ ଏପରି ଜାଗାରେ ହେବା ବାଞ୍ଛନୀୟ ଯେଉଁଠାରେ ବିଦ୍ୟମାନ ସମିତିମାନଙ୍କର ମିଶ୍ରଣ କୌଣସି ପ୍ରକାରେ ଫଳପ୍ରଦ ହେବ ନାହିଁ ।

ସେବା ସମବାୟର ସେବା କାର୍ଯ୍ୟର ସଦୁପଯୋଗ କରିବା ନିମିତ୍ତ ରାଜ୍ୟ ସରକାରମାନଙ୍କୁ ଅନୁରୋଧ କରାଯାଇଅଛି ।

ସମବାୟ ବିକିକିଣା ଏବଂ କମଣ କାର୍ଯ୍ୟ-କଳାପର ପ୍ରସାର ଦିଗରେ ଗଭୀର ଉଦ୍ୟମ କରାଯିବ । ଖାଉଟି ସମବାୟ, ଗୋଦାମ ନିର୍ମାଣ ଏବଂ ସଭ୍ୟ-ମାନଙ୍କର ଶିକ୍ଷା ଏବଂ ତାଲିମ କାର୍ଯ୍ୟକ୍ରମ ପ୍ରତି ରାଜ୍ୟ ସରକାରମାନେ ଗଭୀର ଅନୁଧ୍ୟାନ ଦେବେ ବୋଲି ନିର୍ଦ୍ଦେଶିତ ହୋଇଅଛନ୍ତି । ●

---

### ଅନଗ୍ରସର ରାଜ୍ୟ ପକ୍ଷରେ

# ସମବାୟ ହିଁ

# ଉନ୍ନତିକର ଯୋଜନାର ମୂଳଦୁଆ

# ଆମ ରାଜ୍ୟ

## ଶସ୍ୟ-ପ୍ରତିଯୋଗିତା, ୧୯୭୩-୭୪

ଧାନ, ଗହମ ଓ ଆଳୁ ଚାଷର ଏକରପ୍ରତି ଅମଳ ବଢ଼ାଇବା ଉଦ୍ଦେଶ୍ୟରେ କୃଷୀମାନଙ୍କ ମଧ୍ୟରେ ପ୍ରତି-ଯୋଗିତା ମନୋଭାବ ସୃଷ୍ଟି କରିବା ପାଇଁ ୧୯୫୦-୬୦ ମସିହାରୁ ସରକାରଙ୍କ ତରଫରୁ ଶସ୍ୟ-ପ୍ରତିଯୋଗିତା ଯୋଜନା କାର୍ଯ୍ୟକାରୀ ହୋଇ ଆସୁଅଛି । ଏହା ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ସ୍ଥାନ ରଖାଯାଇ ଧାନ, ଗହମ ଓ ଆଳୁ ପରିବର୍ତ୍ତେ ଧାନ, ଗହମ ଓ ଚିନାବାଦାମ୍ ଚାଷର ପ୍ରତିଯୋଗିତା କରାଯାଉଅଛି ।

## କୃଷୀମାନଙ୍କ ମଧ୍ୟରେ ଶସ୍ୟ-ପ୍ରତିଯୋଗିତା ଯୋଜନା, ୧୯୭୩-୭୪

ଏ ଯୋଜନା ତୃତୀୟ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ବର୍ଷ ଗ୍ରାମପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହୋଇଛି ଏବଂ ପର ବର୍ଷମାନଙ୍କରେ ଏହା ବ୍ଲକ୍ ଓ ରାଜ୍ୟ ସ୍ତରକୁ କ୍ରମେ ସଂପ୍ରସାରିତ ହୋଇଅଛି । ବର୍ତ୍ତମାନ ଏହି ଯୋଜନା ରାଜ୍ୟର ବିଭିନ୍ନ ଜିଲ୍ଲାର ବଛା ବଛା ବ୍ଲକ୍‌ରେ କାର୍ଯ୍ୟକାରୀ କରାଯିବ । ବଛାଯାଇଥିବା ବ୍ଲକମାନଙ୍କର ବିଭିନ୍ନ ପଞ୍ଚାୟତ-ମାନଙ୍କରେ ପ୍ରଥମେ ପୁରସ୍କୃତ ହୋଇ କୃଷୀମାନେ ପରବର୍ଷ ବ୍ଲକ ସ୍ତରର ପ୍ରତିଯୋଗିତାରେ ଯୋଗ ଦେବେ । ସେହିପରି ବ୍ଲକ ସ୍ତରର ପ୍ରଥମ ପୁରସ୍କାର ପାଇଥିବା କୃଷୀ ପରବର୍ଷ ଜିଲ୍ଲା ସ୍ତରର ପ୍ରତିଯୋଗିତାରେ ଯୋଗ ଦେଇପାରିବେ ।

ଜିଲ୍ଲା ସ୍ତରରେ ୧ମ ଓ ୨ୟ ପୁରସ୍କାର ପାଇଥିବା କୃଷୀ ପରବର୍ଷ ରାଜ୍ୟ ସ୍ତରର ପ୍ରତିଯୋଗିତାରେ ଯୋଗ ଦେଇପାରିବେ । ଏହି ବ୍ଲକ ଓ ରାଜ୍ୟ ସ୍ତରର ପ୍ରତିଯୋଗିତାରେ ସିଧା ଯୋଗଦେବା ପାଇଁ ଅଧିକ ପ୍ରବେଶିକା ଫିସ ନିଆଯାଇ ଅନୁମତି ଦିଆଯାଇ ପାରିବ । ପ୍ରତି ରାଜ୍ୟ ପ୍ରତିଯୋଗିତାରେ ସିଧା ଯୋଗଦେବା ପାଇଁ ଇଚ୍ଛୁକ ଥିବା କୃଷୀଙ୍କୁ ବ୍ଲକ ସ୍ତରରେ ଫିସ୍ ଟ୫୲, ଜିଲ୍ଲା ସ୍ତରରେ ଟ୧୦୲ ଓ ରାଜ୍ୟ ସ୍ତରରେ ଟ୩୦୲ ପ୍ରବେଶିକା ଦେବାକୁ ହେବ । ପ୍ରତିଯୋଗିତାରେ ଗ୍ରାମପଞ୍ଚାୟତ ସ୍ତରରେ ୧୦ ଜଣ, ବ୍ଲକ ସ୍ତରରେ ୫ଜଣ, ଜିଲ୍ଲା ସ୍ତରରେ ୧୦ଜଣ ଓ ରାଜ୍ୟ ସ୍ତରରେ ୨୦ ଜଣ ଯୋଗ ଦେଇପାରିବେ । ଧାନ, ଗହମ ଓ ଚିନାବାଦାମ ସକାଶେ ପ୍ରତ୍ୟେକ ପାଇଁ ପ୍ରବେଶିକା ଫିସ ପଞ୍ଚାୟତ ସ୍ତରରେ ଟ୧୲, ବ୍ଲକ ସ୍ତରରେ ଟ୨୲, ଜିଲ୍ଲା ସ୍ତରରେ ଟ୫୲ ଓ ରାଜ୍ୟ ସ୍ତରରେ ଟ୨୦୲ ଦେବାକୁ ହେବ ।

ପ୍ରତିଯୋଗିତାରେ ଧାନ ପାଇଁ ଏକ ଏକର, ଗହମ ପାଇଁ ଅଧ ଏକର ଓ ଚିନାବାଦାମ ପାଇଁ ଅଧ ଏକର ଜମି ଗ୍ରହଣ କରାଯିବ । ଫସଲ କାଟିବା ପାଇଁ ଧାନ କ୍ଷେତ୍ରରୁ ଏ ୦.୨୦ ଡେ: ଜମି; ଗହମ କ୍ଷେତ୍ରରୁ ଏ୦.୧୦ଡେ: ଜମି, ଚିନାବାଦାମ କ୍ଷେତ୍ରରୁ ଏ୦.୧୦ଡେ: ଜମି ବଛାଯିବ । ଆଦାୟ ପ୍ରତିଯୋଗିତାରେ ପଞ୍ଚାୟତ ସ୍ତରରେ ଏକରପିଛା ଆଦାୟ ଧାନ ୩୫ମହଣ, ଗହମ ୧୦ ମହଣ ଓ ଚିନାବାଦାମ ୧୨ ମହଣ; ବ୍ଲକ ସ୍ତରରେ ଏକର ପିଛା ଆଦାୟ ଧାନ ୪୦ ମହଣ, ଗହମ ୧୫ ମହଣ ଓ ଚିନାବାଦାମ ୧୪ ମହଣ; ଜିଲ୍ଲା ସ୍ତରରେ ଏକର ପିଛା ଆଦାୟ ଧାନ ୪୫ ମହଣ, ଗହମ ୧୮ ମହଣ ଓ ଚିନାବାଦାମ ୧୬ ମହଣ ଏବଂ ରାଜ୍ୟ ସ୍ତରରେ ଏକର ପିଛା ଆଦାୟ ଧାନ ୫୦ ମହଣ, ଗହମ ୨୦ ମହଣ ଓ ଚିନାବାଦାମ ୧୬ ମହଣ ଗ୍ରହଣ କରାଯିବ ।

ଜଳସେଚନର ସୁବିଧା ଥାଇ ବା ନ ଥାଇ ଧାନ, ଗହମ ଓ ଚିନାବାଦାମ ଉତ୍ପାଦନ ପାଇଁ ଯେଉଁ ପ୍ରତି-ଯୋଗିତା ହେବ, ସେଥିପାଇଁ ପଞ୍ଚାୟତ ପ୍ରତିଯୋଗିତା

ସ୍ତରରେ ଧାନ, ଗହମ ଓ ଚିନାବାଦାମ ପାଇଁ ପ୍ରତ୍ୟେକଙ୍କୁ ଟ ୨୫/- ଲେଖାଏଁ ଗୋଟିଏ ଗୋଟିଏ ପୁରସ୍କାର ଦିଆଯିବ । ବ୍ଲକ୍ ସ୍ତରର ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଦିଆଯିବ । ଯେଉଁମାନେ ପ୍ରଥମ ପୁରସ୍କାର ପାଇବେ ସେମାନଙ୍କୁ ଧାନ, ଗହମ, ଚିନାବାଦାମ—ପ୍ରତ୍ୟେକ ପାଇଁ ଟ ୧୦୦/- ପୁରସ୍କାର ଦିଆଯିବ । ଯେଉଁମାନେ ଦ୍ୱିତୀୟ ପୁରସ୍କାର ପାଇବେ, ସେମାନଙ୍କୁ ଟ ୫୦/- ଲେଖାଏଁ ପୁରସ୍କାର ଦିଆଯିବ । ଜିଲ୍ଲାସ୍ତରର ପ୍ରତିଯୋଗିତାରେ ଧାନ, ଗହମ ଓ ଚିନାବାଦାମ ପାଇଁ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଦିଆଯିବ । ଯେଉଁମାନେ ପ୍ରଥମ ପୁରସ୍କାର ପାଇବେ, ସେମାନଙ୍କୁ ଧାନ, ଗହମ ଓ ଚିନାବାଦାମ ପ୍ରତ୍ୟେକ ପାଇଁ ଟ ୩୦୦/- ଲେଖାଏଁ ପୁରସ୍କାର ଦିଆଯିବ । ଯେଉଁମାନେ ଦ୍ୱିତୀୟ ପୁରସ୍କାର ପାଇବେ, ସେମାନଙ୍କୁ ଟ ୨୦୦/- ପୁରସ୍କାର ଦିଆଯିବ ।

ରାଜ୍ୟସ୍ତର ପ୍ରତିଯୋଗିତାରେ ଧାନ, ଗହମ ଓ ଚିନାବାଦାମ ପାଇଁ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଦିଆଯିବ । ପ୍ରଥମ ପୁରସ୍କାରରେ ଉପରୋକ୍ତ ପ୍ରତ୍ୟେକ ଖାଦ୍ୟଶସ୍ୟ ପାଇଁ ଟ ୨୦୦୦/- ଲେଖାଏଁ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଟ ୧୦୦୦/- ଦିଆଯିବ ।

ଉପରୋକ୍ତ ମତେ ବିଭିନ୍ନ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ଚାଷୀଙ୍କୁ ଟଙ୍କା ଆକାରରେ କିମ୍ବା କୃଷି-ଯନ୍ତ୍ରପାତି, ସାର ଆକାରରେ ପୁରସ୍କାର ଦିଆଯିବ । ସେ ବିଷୟ ବିଭିନ୍ନ ସ୍ତରର କମିଟି ନିଷ୍ପତ୍ତି କରିବେ ।

ଏହାଛଡ଼ା ଉପରୋକ୍ତ ପ୍ରତ୍ୟେକ ସ୍ତରର ଚାଷୀଙ୍କୁ ପ୍ରଶଂସାପତ୍ର ଦିଆଯିବ । ବ୍ଲକ ଅଫିସରମାନେ ନିଜ ଗ୍ରାମପଞ୍ଚାୟତ ଓ ବ୍ଲକ ସ୍ତରର ସବୁ ପୁରସ୍କାର ବାଣ୍ଟିବାର ବ୍ୟବସ୍ଥା କରିବେ । ଜିଲ୍ଲା କୃଷି ବିଭାଗ ଅଫିସର ଜିଲ୍ଲାସ୍ତରର ସବୁ ପୁରସ୍କାର ବାଣ୍ଟିବାର ବ୍ୟବସ୍ଥା କରିବେ ଓ କୃଷି ବିଭାଗ ଡିରେକ୍ଟର ରାଜ୍ୟ ସ୍ତରର ପୁରସ୍କାର ସବୁ ବାଣ୍ଟିବାର ବ୍ୟବସ୍ଥା କରିବେ । ଗ୍ରାମପଞ୍ଚାୟତ ଓ ବ୍ଲକସ୍ତରର ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ଚାଷୀଙ୍କୁ ଯେଉଁ ପୁରସ୍କାର ବଣ୍ଟା-ଯିବ, ତାହା ବ୍ଲକରେ ହେଉଥିବା ମେଳାରେ ବଣ୍ଟାଯିବ ।

## ଯବାନମାନଙ୍କ ବ୍ୟବହାର ପାଇଁ ଦାନ କରିବା ନିମନ୍ତେ ନିବେଦନ

କେନ୍ଦ୍ର ନାଗରିକ ପରିଷଦ ଆମ ଯବାନମାନଙ୍କ ବ୍ୟବହାର ପାଇଁ ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଖାଦ୍ୟ-ପଦାର୍ଥ ଓ ପୋଷାକ-ପରିଚ୍ଛଦ ପାଉଛନ୍ତି । ଏହିସବୁ ଦାନ ଓ ସାହାଯ୍ୟ କେନ୍ଦ୍ର ନାଗରିକ ପରିଷଦ ଓ ଭାରତ ସରକାରଙ୍କ ଦ୍ୱାରା ବିଶେଷ ପ୍ରଶଂସିତ ହୋଇଛି ଏବଂ ଆମର ଯବାନମାନେ ଅବସର ସମୟରେ ଆନନ୍ଦ ଦେବା ଭଳି ଜିନିଷଗୁଡ଼ିକୁ ଆଗ୍ରହର ସହିତ ବ୍ୟବହାର କରୁଛନ୍ତି ।

କେଉଁ କେଉଁ ଜିନିଷଗୁଡ଼ିକ ଯବାନମାନଙ୍କ ଦ୍ୱାରା ବିଶେଷଭାବରେ ପ୍ରଶଂସିତ ହେବ, ସେ ବିଷୟରେ ଦାତାମାନେ ଜାଣିବାକୁ ଚାହୁଁଥାନ୍ତି । ଜଣାଯାଇଛି ଯେ ଆପଣମାନେ କେତେ ମାସ ମଧ୍ୟରେ ଅବସର ସମୟରେ ଆମୋଦପ୍ରମୋଦ ଦେବା ଭଳି ନିମ୍ନଲିଖିତ ଜିନିଷ-ଗୁଡ଼ିକ ଆମର ଯବାନମାନଙ୍କ ପାଇଁ ଆବଶ୍ୟକ ହେବ :—

(କ) ଜେନେରେଟର ସହ ୧୬ ବା ୩୫ ମିଲି-ମିଟରର ପ୍ରୋଜେକ୍ଟର, (ଖ) ଟ୍ରାନ୍‌ଜିଷ୍ଟର, (ଗ) ଟ୍ରାନ୍‌ଜିଷ୍ଟର ରେକର୍ଡ଼ ପ୍ଳେୟର; (ଘ) ଦରକାରୀ ପ୍ରସାଧନ ସାମଗ୍ରୀ (/) ସାବୁନ, (//) କେଶତୈଳ, (ଙ) ପାନୀୟ ପଦାର୍ଥ, (/) ହରଲିକ୍ସ, (//) ଓଭାଲଟିନ, (///) ଦୁଗ୍ଧ ଚୂର୍ଣ୍ଣ, (।) କୋକୋ, (।/) ପାନୀୟ (ଡ୍ରିଙ୍କ) ଚକୋଲେଟ୍, (।//) କଫି, (ଚ) ଷ୍ଟେନଲେସ୍

ଷ୍ଟିଲ୍ କାପିଟେରିଆ ଧରଣର ଥାଳା; (ଚ) ଅନ୍ୟ ମେଡ଼ିକାଲ ଯନ୍ତ୍ରପାତି ପାଇଁ ଷ୍ଟେନ୍‌ଲେସ୍ ଷ୍ଟିଲ୍; (ଛ) ପ୍ରେସର କୁକର; (ଜ) ୩୦୦ ଓ ତାହାଠାରୁ ଊର୍ଦ୍ଧ୍ୱ ଶଯ୍ୟାବିଶିଷ୍ଟ ହାସପାତାଳ ପାଇଁ ଇଣ୍ଟର-କମ୍ୟୁନିକେସନ୍ ସେଟ୍ ଓ (ଝ) ଛାତୁଣି ସହ ଷ୍ଟେନ୍‌ଲେସ୍ ଷ୍ଟିଲ ପିକଦାନ; (ଞ) ସବୁ ସ୍ତରରେ ଖେଳ ଉପକରଣ, ଯଥା—କ୍ୟାରମ ବୋର୍ଡ, କ୍ରିକେଟ କିଟ୍ସ, ଲୁଡ଼ୋ ସେଟ, ଚାଇନିଜ ଚେକର ବୋର୍ଡ, ପଜଲସ୍ ସ୍ନେକ୍ସ ଆଣ୍ଡ ଲେଡର୍ସ, ଡମ୍ବ ବେଲ୍ସ, ଚେଷ୍ଟେଲ୍ସ, ତାସ, ଡର୍ଟ ବୋର୍ଡ ଓ ଡର୍ଟ ଇତ୍ୟାଦି, (ଟ) ଖେଳ କସରତ୍—ଫୁଟବଲ, ଭଲିବଲ, ବାସ୍କେଟ୍ ବଲ, ଡେକ୍ ଟେନିସ୍, ସ୍କିପ୍ ଆଦି (ଠ) ଆସାମର ସୀମାନ୍ତ ଅଞ୍ଚଳରେ ଯବାନମାନଙ୍କ ବ୍ୟବହାର ପାଇଁ ୫୦୦ ଟ୍ରାନ୍‌ଜିଷ୍ଟର ।

ତେଣୁ ଓଡ଼ିଶାର ସର୍ବସାଧାରଣ ଓ ସବୁ ସ୍ତରର ଖେଳ, ଖେଳ କସରତ ଓ ଆମୋଦ ପ୍ରମୋଦ ଦେବା ଭଳି ଅନ୍ୟାନ୍ୟ ପଦାର୍ଥଗୁଡ଼ିକର ଉତ୍ପାଦନକାରୀ ଓ ବ୍ୟବସାୟୀମାନଙ୍କୁ ଅନୁରୋଧ କରାଯାଉଛି ଯେ ଯବାନମାନଙ୍କ ବ୍ୟବହାର ପାଇଁ ଏହିସବୁ ଉପକରଣଗୁଡ଼ିକ ଦାନ କରିବା ନିମନ୍ତେ ଆଗେଇ ଆସନ୍ତୁ । ଯବାନମାନଙ୍କ ବ୍ୟବହାର ପାଇଁ ଆବଶ୍ୟକୀୟ ଉପକରଣଗୁଡ଼ିକ ଦାନ ଦେଇ ଆମର ମାତୃଭୂମିର ପ୍ରତିରକ୍ଷା ନିମନ୍ତେ ନିଜର ସମର୍ଥନ ଜ୍ଞାପନ କରନ୍ତୁ ।

ଏଭଳି ଦାନଗୁଡ଼ିକୁ ପ୍ରଦାନ କରିବା ଲୋକ-ଭଣ୍ଡାରରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ଚେୟାରମ୍ୟାନ, ସିଟିଜେନ୍‌ସ ସେଣ୍ଟ୍ରାଲ କାଉନ୍‌ସିଲ, ରାଷ୍ଟ୍ରପତି ଭବନ, ନୂଆଦିଲ୍ଲୀ-୪ଙ୍କ ଠିକଣାରେ ପଠାଇବା ଆବଶ୍ୟକ । ଦାତାମାନେ ଉପରେ ଦର୍ଶାଯାଇଥିବା ମତେ ପଠାଇଥିବା ଉପକରଣଗୁଡ଼ିକ ବିଷୟରେ ଲୋକସମ୍ପର୍କ ବିଭାଗର ଡିରେକ୍ଟର ଏବଂ ଓଡ଼ିଶା ରାଜ୍ୟ ପ୍ରତିରକ୍ଷା ଓ ନାଗରିକ ପରାମର୍ଶଦାତା ପରିଷଦ୍‌ର ସବ୍-କମିଟୀର ସେକ୍ରେଟାରୀ, ସୂଚନା (ଲୋକସମ୍ପର୍କ) ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱରଙ୍କୁ ଜଣାଇବା ନିମନ୍ତେ ଅନୁରୋଧ କରାଯାଉଛି ।

## ଆଳୁ ବିହନ ଆମଦାନୀ

ନୀଲଗିରି ଓ ଉଟକମଣ୍ଡର ଫାର୍ମମାନଙ୍କରେ ସୃଷ୍ଟି କରାଯାଉଥିବା ଆଳୁ ଫସଲରେ ଗୋଲ୍ଡେନ୍ ନେମାଟୋଡ଼୍ ( ହେଟେରୋଡେରା ରୋଷ୍ଟୋକିଏନ୍‌ସିସ୍ ) ନାମକ ରୋଗ ଦେଖାଯାଉଛି । ଏ ରୋଗ ବୃଦ୍ଧି ରୋଗ ନ ହେବାପାଏଁ ଏହାକୁ ଠିକ୍ କରିବା ସହଜ ନୁହେଁ ।

ଫସଲରେ ଏ ରୋଗ ମୂଳର ବିଶେଷ କ୍ଷତି କରିଥାଏ । ଏ ରୋଗ ଲାଗିଲେ ଗଛ ବଢ଼ିପାରେ ନାହିଁ, ଶୀଘ୍ର ମରିଯାଏ । ତେଣୁ ଅମଳ ବହୁ-ପରିମାଣରେ କମିଯାଏ । ପରୀକ୍ଷା କରି ଦେଖାଯାଇଛି, ଏ ରୋଗ ଲାଗିଲେ ଅମଳ ଶତକଡ଼ା ୩୦-୭୦ ଭାଗ କମିଯାଏ ।

ଏ ରୋଗର ଜୀବାଣୁ ମାଟିରେ ଥାଏ । ଏ ରୋଗ ଲାଗିଥିବା ଅଞ୍ଚଳ ଆଳୁରୁ ବିହନ ଅନ୍ୟ ସ୍ଥାନକୁ ପଠାହେବାଦ୍ୱାରା ଏ ରୋଗର ପ୍ରସାର ହୋଇଥାଏ ।

ଏ ରୋଗ ଓଡ଼ିଶାରେ ଆଳୁ ଫସଲରେ ଲାଗିବାର ଜଣାଯାଇନାହିଁ । ଏ ରୋଗଦ୍ୱାରା ଆକ୍ରାନ୍ତ ଅଞ୍ଚଳରୁ ଆଳୁ ବିହନ ଆଣିଲେ ଆମ ରାଜ୍ୟରେ ଆଳୁ ଫସଲରେ ଏ ରୋଗ ବ୍ୟାପିଯିବାର ବିଶେଷ ସମ୍ଭାବନା ଅଛି । ଏ ରୋଗ ଯେପରି ଆଳୁ ଫସଲରେ ଆକ୍ରାନ୍ତ ନ ହୁଏ, ସେଥିପାଇଁ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି ଯେ କୌଣସି ସାଧାରଣ ବା ସରକାରୀ ସଂସ୍ଥା ବିହନ ପାଇଁ ମାନ୍ଦ୍ରାଜ ପ୍ରଦେଶର ନୀଳଗିରି-ଠାରୁ ଆଳୁ ଆଣିବେ ନାହିଁ ।

ପ୍ରଦେଶର ଆଳୁ-ବିହନ-ବ୍ୟବସାୟୀମାନଙ୍କୁ ମଧ୍ୟ ସତର୍କ କରିଦିଆଯାଉଛି ଯେ ସେମାନେ ମାନ୍ଦ୍ରାଜ

ପ୍ରଦେଶର ମାଲକାନଗିରିଠାରୁ କୌଣସି ବିହନ-ଆଳୁ ଆଣି ବିହନ ପାଇଁ ଚାଷୀମାନେ ବ୍ୟବହାର କରିବେ ନାହିଁ ।

ପଶ୍ଚିମ ବଙ୍ଗର ଦାର୍ଜିଲିଂଠାରେ ଆଳୁ ଫସଲରେ ଆଳୁ ରୋଗ ଦେଖାଯାଇଛି । ଏ ରୋଗ-ଜୀବାଣୁ ମାଟିରେ ଅନେକ ବର୍ଷ ପର୍ଯ୍ୟନ୍ତ ସକ୍ରିୟ ହୋଇ ରହି ପାରନ୍ତି ଓ ପରବର୍ତ୍ତୀ ଫସଲରେ ଲାଗନ୍ତି । ଫସଲ ପର୍ଯ୍ୟାୟଦ୍ୱାରା ମଧ୍ୟ ଏ ରୋଗରୁ ରକ୍ଷା ପାଇବା ସହଜ ନୁହେଁ । ଏ ରୋଗରୁ ରକ୍ଷା ପାଇବା ନିମନ୍ତେ ପଶ୍ଚିମ ବଙ୍ଗର ଦାର୍ଜିଲିଂ ଠାରୁ କୌଣସି ଆଳୁ ବିହନ ଆଣିବା ଉଚିତ ନୁହେଁ ।

ବ୍ୟବସାୟୀମାନଙ୍କୁ ମଧ୍ୟ ସତର୍କ କରି ଦିଆଯାଉଛି ଯେ ସେମାନେ ଏ ଅଞ୍ଚଳରୁ ଆଳୁ ବିହନ ଆମଦାନି କରି ଓଡ଼ିଶାରେ ବିକ୍ରି କରନ୍ତୁ ନାହିଁ ।

## ହଜ୍‌ତୀର୍ଥ ଯାତ୍ରୀ

ଯାତ୍ରୀମାନେ ନିଜର ଖାଦ୍ୟଦ୍ରବ୍ୟ ଓ ପୋଷାକପତ୍ର ଆଦି ଭାରତରେ ଖରିଦ କରିବେ ।

ବମ୍ବେସ୍ଥ ବନ୍ଦର ହଜ୍-କମିଟି ହଜ୍ ତୀର୍ଥ ଯାତ୍ରୀଙ୍କ ତରଫରୁ ଖାଦ୍ୟପଦାର୍ଥ ଭାରତରୁ ସାଉଦିଆରବକୁ ବୋଝେଇ ନେଇଥାନ୍ତି ଏବଂ ଯାତ୍ରୀମାନେ ଜେଡ୍ଡାରେ ପହଞ୍ଚିଲା ମାତ୍ରେ ସେ ସମସ୍ତ ଖାଦ୍ୟ ପଦାର୍ଥ ସଂପୃକ୍ତ ଯାତ୍ରୀଙ୍କୁ ଯୋଗାଇ ଦେଇଥାନ୍ତି । ଏଭଳି ବ୍ୟବସ୍ଥା ଯାତ୍ରୀମାନଙ୍କ ଇଚ୍ଛା ଉପରେ ନିର୍ଭର କରୁଥିବାରୁ ବହୁ ସଂଖ୍ୟକ ଯାତ୍ରୀ ଏହି ଖାଦ୍ୟ ପଦାର୍ଥ ଖରିଦ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ ଏବଂ ସାଉଦି ଆରବରେ ଯାହା କିଛି ପାଆନ୍ତି ତାହା ଉପରେ ନିର୍ଭର କରି ଚଳି ଯାଆନ୍ତି । ସାଉଦି ଆରବରେ ଖାଦ୍ୟପଦାର୍ଥର ଅଭାବ ଓ ଉଚ୍ଚ ଦରଦାମ୍ ଯୋଗୁଁ ଯେଉଁ ଯାତ୍ରୀମାନେ ଭାରତରେ ଖାଦ୍ୟ ପଦାର୍ଥ ଖରିଦ କରି ନ ଥାନ୍ତି, ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ବମ୍ବେର ବନ୍ଦର ହଜ୍-କମିଟି ତୀର୍ଥ ଯାତ୍ରୀମାନଙ୍କ ସକାଶେ ଯେଉଁ ସବୁ ପ୍ରୟୋଜନୀୟ ଦ୍ରବ୍ୟ ଖରିଦ କରିବା ବାଧ୍ୟତାମୂଳକ କରିଛନ୍ତି ତନ୍ମଧ୍ୟରେ ସାବୁନ୍ ମଧ୍ୟ ଅନ୍ତର୍ଭୁକ୍ତ । ସାଉଦି ଆରବ ଯିବା ବାଟରେ ଯାତ୍ରୀମାନେ ରହୁଥିବା ସାଦୋସିଦିକ୍ ମୁସାଫିରଖାନା ହତାରେ ସେମାନଙ୍କୁ ଏହି ସମସ୍ତ ପ୍ରୟୋଜନୀୟ ଦ୍ରବ୍ୟ ଯୋଗାଇ ଦେବାପାଇଁ ବମ୍ବେ ବନ୍ଦର ହଜ୍-କମିଟିଦ୍ୱାରା ଆବଶ୍ୟକୀୟ ବ୍ୟବସ୍ଥା କରାଯିବ । ଏହା ବ୍ୟତୀତ ତୀର୍ଥ ଯାତ୍ରାରେ ଯିବାକୁ ଇଚ୍ଛା କରୁଥିବା ଯାତ୍ରୀମାନଙ୍କୁ ଯାତ୍ରାକାଳରେ ବ୍ୟବହାର ପାଇଁ ୩ କିମ୍ବା ୪ ହଳ ପୋଷାକ ନେବାକୁ ପଡ଼ିବ । ବମ୍ବେର ବନ୍ଦର ହଜ୍-କମିଟିର କର୍ମକର୍ତ୍ତାମାନେ ଦେଖିବାକୁ ଚାହିଁଲେ ଯାତ୍ରୀମାନଙ୍କୁ ସେମାନଙ୍କର ପୋଷାକ ପତ୍ର ଦେଖାଇବାକୁ ପଡ଼ିବ ।

## ହଇଜା ରୋଗକୁ ଆୟତ୍ତାଧୀନ କରିବା ପାଇଁ ଅତିରିକ୍ତ ବ୍ୟବସ୍ଥା

କେନ୍ଦ୍ରାପଡ଼ା, ଯାଜପୁର, କଟକ ସଦର ଓ ଭଦ୍ରଖ ସବ୍‌ଡିଭିଜନ୍‌ରେ ହଇଜା ରୋଗକୁ ଆୟତ୍ତାଧୀନ କରିବା ପାଇଁ ବିଭିନ୍ନ ବ୍ୟବସ୍ଥା ବ୍ୟାପକ ଭାବେ କାର୍ଯ୍ୟକାରୀ କରାଯାଇଛି ।

ହଇଜା ଲାଗି ନ ଥିବା ଅଞ୍ଚଳରୁ କର୍ମଚାରୀମାନଙ୍କୁ ଅଣାଯାଇ ହଇଜା ଲାଗିଥିବା ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି ଓ ରୋଗ ପ୍ରତିଷେଧକ ଓ ଚିକିତ୍ସା ବ୍ୟବସ୍ଥାକୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରାଯାଇଛି । ହଇଜା ଲାଗିଥିବା ଅଞ୍ଚଳଗୁଡ଼ିକୁ ୮ଟି ଭାଗରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ଭାଗକୁ ଜଣେ ମେଡ଼ିକାଲ ଅଫିସରଙ୍କ ଦାୟିତ୍ୱରେ ରଖାଯାଇଛି ଓ ସେ ଅଞ୍ଚଳରେ ଆଗରୁ ଥିବା ହାସପାତାଲ ଓ ଡାକ୍ତରଖାନାର ମେଡ଼ିକାଲ ଅଫିସରମାନଙ୍କୁ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଛି । ଏହା ବ୍ୟତୀତ, ଅଧିକ ସଂଖ୍ୟକ

ମେଡ଼ିକାଲ ଅଫିସର, ସ୍ୱାସ୍ଥ୍ୟ ପରିଦର୍ଶକ, ଫାର୍ମାସିଷ୍ଟ, ଜୀବାଣୁନାଶକ ଔଷଧ ପକାଉଥିବା କର୍ମଚାରୀ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସହାୟକ କର୍ମଚାରୀମାନେ ଜୋନାଲ ମେଡ଼ିକାଲ ଅଫିସରମାନଙ୍କୁ ମଧ୍ୟ ସାହାଯ୍ୟ କରୁଛନ୍ତି । ନଭେମ୍ବର ୧୫ ତାରିଖ ସୁଦ୍ଧା ଅଧିକ ୩୫ ଜଣ ମେଡ଼ିକାଲ ଅଫିସର, ୨୫ଜଣ ପ୍ରାକ୍ଟିସନର ଡି.ଏ.ଏମ୍.ଏସ୍, ୧୯୬ ଜଣ ସ୍ୱାସ୍ଥ୍ୟ ପରିଦର୍ଶକ ଓ ୧୧ ଜଣ ଫାର୍ମାସିଷ୍ଟଙ୍କୁ ପଠାଯାଇଛି । ଏହା ବ୍ୟତୀତ କେନ୍ଦ୍ରାପଡ଼ା, ଯାଜପୁର ଓ ଭଦ୍ରକ ସବ୍‌ଡ଼ିଭିଜନରେ ହଇଜା ସଂକ୍ରମଣକୁ ଆୟତ୍ତାଧୀନ କରିବା ଦିଗରେ ବ୍ୟବସ୍ଥା ଗ୍ରହଣ କରିପାରିବା ପାଇଁ ପବ୍ଲିକ୍ ହେଲ୍‌ଥ ବିଭାଗର ତିନିଜଣ ସହକାରୀ ଡିରେକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଛି ଓ ସଦର ସବ୍‌ଡିଭିଜନର ଦାୟିତ୍ୱ କଟକ ଜିଲ୍ଲା ସ୍ୱାସ୍ଥ୍ୟ ଅଫିସରଙ୍କୁ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ଡିରେକ୍ଟର ଓ ସ୍ୱାସ୍ଥ୍ୟ ବିଭାଗ (ପବ୍ଲିକ୍ ହେଲ୍‌ଥ)ର ଜଏଣ୍ଟ ଡିରେକ୍ଟର ଏହି ସବୁ କାର୍ଯ୍ୟ ଉପରେ ସବରେ ଦୃଷ୍ଟି ରଖିଛନ୍ତି ତାହା ପରିଦର୍ଶନ କରୁଛନ୍ତି ।

ବିଭିନ୍ନ ଅଞ୍ଚଳରେ ଏ ଯେଉଁ ଅଭୂତପୂର୍ବ ହଇଜା ଦେଖାଦେଇଛି ତାହାର କାରଣ ଜାଣିବା ନିମନ୍ତେ କଲିକତାସ୍ଥ ଟ୍ରପିକାଲ ସ୍କୁଲ ଅଫ୍ ମେଡ଼ିସିନ୍‌ର ଗୋଟିଏ ବିଶେଷଜ୍ଞ ଦଳ ଡକ୍ଟର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁସନ୍ଧାନ କାର୍ଯ୍ୟ ଚଳେଇଛନ୍ତି ।

ନିକଟରେ ଆକ୍ରାନ୍ତ ହୋଇଥିବା କୁଜଙ୍ଗ, ପାରାଦୀପ ଓ ଜଗତସିଂହପୁର ଅଞ୍ଚଳ ଛଡ଼ା ସଦର ସବ୍‌ଡିଭିଜନର ହଇଜା ଲାଗିଥିବା ଅଞ୍ଚଳକୁ ଆବୃତ୍ତ କରାଯାଇଛି । ଏହି ଅଞ୍ଚଳରେ ବ୍ୟାପକ ପ୍ରତିଷେଧକ ଓ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ହଇଜା ଔଷଧ ଓ ଜୀବାଣୁ-ନାଶକ ଔଷଧ ସହ ଆବଶ୍ୟକୀୟ କର୍ମଚାରୀମାନଙ୍କୁ ପଠାଯାଇଛି । ପାରାଦୀପ ବନ୍ଦର ଅଞ୍ଚଳର ବଡ଼ପଡ଼ିଆଠାରେ ଗୋଟିଏ କ୍ୟାମ୍ପ ହାସପାତାଳ ଖୋଲା ଯାଇଛି ଏବଂ କୁଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ହଇଜା ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ଏହାର ଶଯ୍ୟା-ସଂଖ୍ୟା ୧୫କୁ ବୃଦ୍ଧି କରାଯାଇଛି । ବିନା ଖର୍ଚ୍ଚରେ ରୋଗୀମାନଙ୍କୁ ହାସପାତାଳକୁ ନେବାପାଇଁ ଆମ୍ବୁଲାନ୍‌ସ ଗାଡ଼ି ଯୋଗାଇ ଦିଆଯାଇଛି । ୧୩-୧୧-୭୩ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଅଞ୍ଚଳ ପରିଦର୍ଶନ କରିଥିଲେ । ସ୍ୱାସ୍ଥ୍ୟ ବିଭାଗ(ପବ୍ଲିକହେଲ୍‌ଥ)ର ଜଏଣ୍ଟ ଡିରେକ୍ଟର ମଧ୍ୟ ଏହି ଅଞ୍ଚଳ ବୁଲି ଦେଖୁଛନ୍ତି ।

ମାର୍ଶାଘାଇ, ମହାକାଳପଡ଼ା ଏବଂ ରାଜକନିକା ବ୍ଲକ ଅଞ୍ଚଳ ବ୍ୟତୀତ କେନ୍ଦ୍ରାପଡ଼ା ସବ୍‌ଡିଭିଜନରେ ହଇଜାକୁ ଆୟତ୍ତାଧୀନ କରାଯାଇ ପାରିଛି । ସେହିଭଳି ଭଦ୍ରଖ ସବ୍‌ଡିଭିଜନରେ ମଧ୍ୟ ଏହା ଆୟତ୍ତାଧୀନ ହୋଇଛି ।

ଭୁବନେଶ୍ୱର ଏବଂ କଟକ ସହରର ଲୋକଙ୍କୁ ଏହି ରୋଗ ଆକ୍ରମଣରୁ ରକ୍ଷା କରିବା ସକାଶେ ଆଗତୁରା ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି । କଟକ ସହରରେ ଏହି ଆଗତୁରା ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଦାୟିତ୍ୱ ସ୍ୱାସ୍ଥ୍ୟ ବିଭାଗର ଜଏଣ୍ଟ ଡିରେକ୍ଟର (ସ୍ୱତନ୍ତ୍ର)ଙ୍କ ଉପରେ ନ୍ୟସ୍ତ କରାଯାଇଛି । କଟକ ସହରରେ ୩୨ ଜଣ ଅଧିକା ସ୍ୱାସ୍ଥ୍ୟ-ପରିଦର୍ଶକ, ୩୦ ଜଣ ଡି. ଏ. ଏମ୍. ଏସ୍. ପ୍ରାକ୍ଟିସନର, ୧୦ ଜଣ ବି.ସି.ଜି ଓ ଟେକ୍‌ନିସିଆନ ଏବଂ ଅନ୍ୟାନ୍ୟ ସହାୟକ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତ କରାଯାଇଛି । ଭୁବନେଶ୍ୱର ନୋଟିଫାଏଡ଼ ଅଞ୍ଚଳରେ ଆଗତୁରା ପ୍ରତିଷେଧକ ବ୍ୟବସ୍ଥା ଜୋରସୋରରେ ଚାଲିଛି ।

ଭଦ୍ରଖ ସହରରେ ମଧ୍ୟ ଏହି ଆଗତୁରା ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣକରିବା କାର୍ଯ୍ୟ ଆରମ୍ଭ ହୋଇସାରିଛି ।

ଆଗତୁରା ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ହଇଜା ବ୍ୟାପି ନ ଥିବା ପାର୍ଶ୍ୱବର୍ତ୍ତୀ ଗ୍ରାମର ଶତକଡ଼ା ୭୫ଭାଗରୁ

୮୦ ଘର ଗ୍ରାମବାସୀଙ୍କୁ ହଇଜା ଆକ୍ରମଣରୁ ରକ୍ଷା କରିବା ନିମନ୍ତେ ପ୍ରତିଷେଧକ ଇଞ୍ଜେକ୍ସନ ଦେବାପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି ।

୧୯୬୩ ମସିହା ନଭେମ୍ବର ୮ତାରିଖରୁ ୧୫ ତାରିଖ ଭିତରେ ବାଲେଶ୍ୱର ଜିଲ୍ଲାର ଭଦ୍ରଖ ସବ୍‌ଡିଭିଜନ ଏବଂ କଟକ ଜିଲ୍ଲାର ଯାଜପୁର, କେନ୍ଦ୍ରାପଡ଼ା ଏବଂ କଟକ ସଦର ସବ୍‌ଡିଭିଜନରୁ ଏହି ରୋଗ ଦ୍ୱାରା ୧୬୭ ଜଣଙ୍କର ମୃତ୍ୟୁ ଘଟିଛି ।

ହଇଜା ଲାଗିଥିବା ଓ ହଇଜା ଲାଗି ନ ଥିବା ଉଭୟ ଅଞ୍ଚଳରେ ହଇଜା ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା କାର୍ଯ୍ୟରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ସ୍ୱଚ୍ଛନ୍ଦ ସାହାଯ୍ୟ କରିବା ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଇଛି ।

ହଇଜା ପ୍ରତିଷେଧକ ଇଞ୍ଜେକସନ୍ ଗ୍ରହଣ, ବିଶୁଦ୍ଧ ପାନୀୟଜଳ ବ୍ୟବହାର ଏବଂ ହଇଜା ରୋଗୀର ଶବ ଓ ଲୁଗାପଟା ଆଦି ଦହନର ଉପକାରିତା ଲୋକେ ଯେପରି ବୁଝିବେ ସେ ଦିଗରେ ସର୍ବସାଧାରଣ ସାହାଯ୍ୟ କରିବା ଉଚିତ ।

ଏହାଛଡ଼ା ପଚା ଓ ବାସୀ ଖାଦ୍ୟ ପରିବର୍ତ୍ତେ ଟଟକା ଖାଦ୍ୟ, ବିଶୁଦ୍ଧ କିମ୍ବା ସିଝା ପାଣି ବ୍ୟବହାର କରିବା ସଙ୍ଗେ ସଙ୍ଗେ ସାଧାରଣ ସ୍ୱାସ୍ଥ୍ୟ ନିୟମାବଳୀ ପାଳନ କରିବା ଏକାନ୍ତ ପ୍ରୟୋଜନ । କୌଣସିଠାରେ କେହି ଝାଡ଼ା-ବାନ୍ତିରେ ଆକ୍ରାନ୍ତ ହେଲେକ୍ଷଣି ତୁରନ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିକଟବର୍ତ୍ତୀ ସ୍ୱାସ୍ଥ୍ୟ, ପୋଲିସ ଏବଂ ରାଜସ୍ୱ ବିଭାଗର କର୍ମଚାରୀମାନଙ୍କୁ ଜଣାଇବା ଆବଶ୍ୟକ ।

## ସୁନାବେଡ଼ାର ସ୍ଥାନଚ୍ୟୁତ ଓ ଆଦିବାସୀ ବ୍ୟକ୍ତିମାନଙ୍କ ପାଇଁ ଥଇଥାନ ବ୍ୟବସ୍ଥା

ଓଡ଼ିଶାର କୋରାପୁଟ ଜିଲ୍ଲାର ସୁନାବେଡ଼ାଠାରେ ଗୋଟିଏ ମିଗ୍ କାରଖାନା ସ୍ଥାପନ କରାଯିବ । ଏହି କାରଖାନା ସ୍ଥାପନ ହେବା ଫଳରେ ଯେଉଁ ଲୋକ-ମାନେ ସ୍ଥାନଚ୍ୟୁତ ହେବେ, ସେମାନଙ୍କ ମଧ୍ୟରୁ ପ୍ରଥମେ ଗୋଟିଏ ଦଫାରେ ୯୦ ଜଣଙ୍କୁ ଯୋଜନାର ଆପଣା କାର୍ଯ୍ୟକାରୀ ସମ୍ବନ୍ଧରେ ଟ୍ରାକ୍ଟର ଓ ତାହାର ଆନୁଷଙ୍ଗିକ ଯନ୍ତ୍ରପାତି ଚାଳନା ସମ୍ପର୍କରେ ତାଲିମ ଦେବା ନିମନ୍ତେ ଦଣ୍ଡକାରଣ୍ୟ ଉନ୍ନୟନ କର୍ତ୍ତୃପକ୍ଷ ପ୍ରସ୍ତାବ କରିଛନ୍ତି ।

ଏହି ତାଲିମ ୧୯୬୩ ମସିହା ନଭେମ୍ବର ମାସର ମଧ୍ୟ ଭାଗରେ ଆରମ୍ଭ କରାଯିବ ବୋଲି ଆଶା କରାଯାଇଛି । ଏହି ତାଲିମର ସମୟ ନଅମାସ ରଖାଯାଇଛି । ଏହି ତାଲିମ ସମୟରେ ଜମି ଆବାଦ ଯନ୍ତ୍ରପାତି ଓ ଟ୍ରାକ୍ଟରଗୁଡ଼ିକୁ କିପରି ଭଲରେ ଚାଳନା କରିବାକୁ ହେବ ସେ ସମ୍ପର୍କରେ ଓ ସେଗୁଡ଼ିକର ରକ୍ଷଣାବେକ୍ଷଣ ଦିଗରେ ଶିକ୍ଷାର୍ଥୀମାନଙ୍କୁ ବାସ୍ତବ ଜ୍ଞାନ ପ୍ରଦାନ କରାଯିବ । ଏହି ତାଲିମ କାର୍ଯ୍ୟକ୍ରମକୁ କୋରାପୁଟ ଜିଲ୍ଲାର ମାଲକାନଗିରି ଅଞ୍ଚଳ ଯୋନରେ ଅବସ୍ଥିତ ଥିବା ଡେନାଟି ରିକ୍ଲାମେସନ ଡିଭିଜନ ଜରିଆରେ ଦଣ୍ଡକାରଣ୍ୟ କର୍ତ୍ତୃପକ୍ଷ ପରିଚାଳନା କରିବେ ।

ଓଡ଼ିଶା ସରକାର ତାଲିମ ସମୟରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ମାସିକ ଟ ୭୫ ବୃତ୍ତି ପ୍ରଦାନ କରିବେ ।

ତାଲିମ ସମାପ୍ତ ପରେ ପ୍ରୋଜେକ୍ଟର ରିକ୍ଲାମେସନ୍ ଡିରେକ୍ଟରଙ୍କଦ୍ୱାରା ସଂସ୍ଥାର ତାତ୍ତ୍ୱିକ ଓ ବ୍ୟାବହାରିକ ପରୀକ୍ଷାରେ ଶିକ୍ଷାର୍ଥୀମାନଙ୍କୁ ଯୋଗ ଦେବାକୁ ପଡ଼ିବ । ଏହି ପରୀକ୍ଷାରେ ଯେଉଁ ଶିକ୍ଷାର୍ଥୀମାନେ ସଫଳତା ସହକାରେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କୁ ଟ୍ରାକ୍ଟର ଚାଳନା କରିବା ଓ ତତ୍ ସମ୍ପର୍କୀୟ ଯନ୍ତ୍ରପାତି ଠିକ୍ କରିବା ପାଇଁ ଦକ୍ଷତାସୂଚକ ସାର୍ଟିଫିକେଟ ପ୍ରଦାନ କରାଯିବ ।

## ଯାତାୟାତ ପାଇଁ ଖରାଦିନିଆ ରାସ୍ତା ଖୋଲିଲା

୧୯୬୩ ମସିହା ନଭେମ୍ବର ୨୧ ତାରିଖଠାରୁ ଅକ୍ଷୁଆପଦା ନିକଟସ୍ଥ ବୈତରଣୀ ନଦୀ ଉପରେ ଏବଂ ଖରସୁଆଁ ନଦୀର ଖଣ୍ଡିତଯାଲ ଘାଟଠାରେ ଖରାଦିନିଆ ରାସ୍ତା ଖୋଲିଦିଆଗଲା ବୋଲି ବାଲେଶ୍ୱର ରାସ୍ତା ଏବଂ କୋଠାବାଡ଼ି ବିଭାଗୀୟ ଏକଜିକ୍ୟୁଟିଭ ଇଞ୍ଜିନିୟର ବିଜ୍ଞପ୍ତି ଦେଇଅଛନ୍ତି ।

●

## କଟକସ୍ଥ ପୁରୁଣା ରାଜଭବନରେ ବାଳଭବନ ପ୍ରତିଷ୍ଠିତ ହେବ

୧୯୬୪ ମସିହା ଜାନୁଆରି ପହିଲାରେ କଟକସ୍ଥ ପୁରୁଣା ରାଜଭବନର ଅଫିସ ବ୍ଲକ୍‌ରେ ୩ ବର୍ଷରୁ ୧୧ ବର୍ଷ ବୟସର ଶିଶୁମାନଙ୍କ ପାଇଁ ଗୋଟିଏ ବାଳ ଭବନ ଓ ଗୋଟିଏ ସାଂସ୍କୃତିକ ତଥା ଅବସର ବିନୋଦନ କେନ୍ଦ୍ର ଖୋଲିବା ପାଇଁ ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ନିଷ୍ପତ୍ତି କରିଛନ୍ତି । ଏହା ସ୍ମରଣ କରାଇ ଦିଆଯାଇ ପାରେ ଯେ ରାଜ୍ୟପାଳ ଭୁବନେଶ୍ୱରସ୍ଥ ନୂତନ ରାଜଭବନକୁ ସ୍ଥାନାନ୍ତରିତ ହେବା ପରେ ରାଜ୍ୟ ସରକାର ଗୋଟିଏ ଶିଶୁ-ଚିକିତ୍ସାଳୟ ଓ ଗୋଟିଏ ବାଳଭବନ ଖୋଲିବା ପାଇଁ କଟକସ୍ଥ ପୁରୁଣା ରାଜଭବନକୁ ଓଡ଼ିଶା ରେଡ଼କ୍ରସ ସମିତିକୁ ହସ୍ତାନ୍ତରିତ କରିଛନ୍ତି । ସେଠାରେ ରେଡ଼କ୍ରସ ସମିତି ଗୋଟିଏ ଶିଶୁ ଚିକିତ୍ସାଳୟ ସ୍ଥାପନ କରିଛନ୍ତି ଓ ବାଳଭବନ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ପାଇଁ ଏହାର ଦାୟିତ୍ୱ ଓଡ଼ିଶା ରାଜ୍ୟ ଶିଶୁ-କଲ୍ୟାଣ ପରିଷଦକୁ ଅର୍ପଣ କରିଛନ୍ତି ।

ଶିଶୁ ପାର୍କ ସମେତ ଗୋଟିଏ ବାଳଭବନ ଖୋଲାଯିବ । ଏହି ପାର୍କରେ ଶିଶୁମାନଙ୍କ ଖେଳିବା ପାଇଁ ସୁବିଧା କରାଯିବ । ପୁସ୍ତକାଗାର ଓ ପାଠାଗାର ମଧ୍ୟ ଖୋଲାଯିବ । ଆମୋଦ-ପ୍ରମୋଦ ପାଇଁ ନୃତ୍ୟ ଗୀତ, ନୃତ୍ୟ ତାଲିମର ବ୍ୟବସ୍ଥା ରହିବ । ଏହି ବାଳଭବନରେ ଗୋଟିଏ ମ୍ୟୁଜିୟମ ମଧ୍ୟ ସ୍ଥାପିତ ହେବ । ଓଡ଼ିଶା ଜୀବନ ଦର୍ଶନକୁ ବିଶେଷ ଭାବରେ ପ୍ରକାଶିତ କରୁଥିବା ଓଡ଼ିଶାର ଅତୀତ ଓ ବର୍ତ୍ତମାନର ଜୀବନ ଓ ସଂସ୍କୃତିର ପ୍ରଧାନ ପ୍ରଧାନ ବିଷୟବସ୍ତୁଗୁଡ଼ିକ ଏହି ମ୍ୟୁଜିୟମରେ ପ୍ରଦର୍ଶିତ ହେବ ।

ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍‌ଚାନ୍ସେଲର ଶ୍ରୀ ଭ. ପି. ଦାସଙ୍କ ଅଧ୍ୟକ୍ଷତାରେ ଗୋଟିଏ ପରିଚାଳନା କମିଟି ଗଠିତ ହୋଇଛି । ଏହି କମିଟି ବାଳଭବନ ଲାଇବ୍ରେରୀ ସକାଶେ ବହି କିମ୍ବା ବସ୍ତୁ କିଣିବା ନିମନ୍ତେ ଅର୍ଥ ଦାନ କରିବା ପାଇଁ ନିବେଦନ କରିଛନ୍ତି । ଓଡ଼ିଶା ରାଜ୍ୟ ଶିଶୁ-କଲ୍ୟାଣ ପରିଷଦର ଅନରାରି ସେକ୍ରେଟେରୀଙ୍କ ନିକଟକୁ ଦାନ କରୁଥିବା ବହି ଓ ଅର୍ଥ ପଠାଇବା ଆବଶ୍ୟକ ।

●

## ଗୁଡ଼ କାରବାରରେ କଟକଣା

ଭାରତ ପ୍ରତିରକ୍ଷା ଆଇନ ବଳରେ ଭାରତ ସରକାର ଗୋଟିଏ ଆଦେଶନାମାଦ୍ୱାରା ରାଜ୍ୟ ମଧ୍ୟରେ କୌଣସି ସ୍ଥାନକୁ କିମ୍ବା ରାଜ୍ୟ ବାହାରେ ଅନ୍ୟ ରାଜ୍ୟର କୌଣସି ସ୍ଥାନକୁ ଗୁଡ଼ ରପ୍ତାନି କରିବା କିମ୍ବା ଗୁଡ଼ ନେବା-ଆଣିବା ସଂପର୍କରେ କଟକଣା ଜାରି କରିଛନ୍ତି । କୌଣସି ବ୍ୟକ୍ତି ରାଜ୍ୟ ସରକାର କିମ୍ବା କେନ୍ଦ୍ରଶାସିତ ରାଜ୍ୟର ଶାସକଙ୍କ ନିକଟରୁ ଆଦେଶ-ପତ୍ର ନ ନେଇ ଗୁଡ଼ ରପ୍ତାନି କିମ୍ବା କାରବାର କରି ପାରିବେ ନାହିଁ ।

ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କଦ୍ୱାରା କ୍ଷମତାପ୍ରାପ୍ତ ଯେ କୌଣସି ବ୍ୟକ୍ତି ଏହି ଆଦେଶନାମା ଯଥାଯଥ ଭାବରେ ପାଳିତ ହେଉଛି ବୋଲି ସନ୍ତୁଷ୍ଟ ହେବା

ଜମାରେ ଯେ କୌଣସି ବ୍ୟକ୍ତି, ସ୍ଥାନ କମ୍ବା ଯାନବାହନ ତଲାସି କରି ପାରିବେ ।

ଏହି ଆଦେଶ ସମଗ୍ର ଭାରତବର୍ଷରେ ବଳବତ୍ତର ରହିଛି ।

## ବ୍ୟାବହାରିକ ପୁଷ୍ଟି କାର୍ଯ୍ୟକ୍ରମ

ଓଡ଼ିଶାର ଗ୍ରାମାଞ୍ଚଳର ଛୋଟ ଛୋଟ ଶିଶୁ, ସ୍କୁଲରେ ଅଧ୍ୟୟନ କରୁଥିବା ବାଳକବାଳିକା, ଆସନ୍ନ ପ୍ରସବା ମହିଳା ତଥା ମା'ମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ସକାଶେ ପୁଷ୍ଟିକାରକ ଖାଦ୍ୟ ଯୋଗାଇ ଦେବା ଉଦ୍ଦେଶ୍ୟରେ ୧୯୫୯ ମସିହାରେ ପରିବର୍ଦ୍ଧିତ ପୁଷ୍ଟି କାର୍ଯ୍ୟକ୍ରମ"କୁ କାର୍ଯ୍ୟକାରୀ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟି ୟୁନିସେଫ ଏବଂ ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନର ସହାୟତା କ୍ରମେ ପ୍ରଥମ କରି ଓଡ଼ିଶାର ୩୨ଟି ଉନ୍ନୟନ ବ୍ଲକର ୨୮୦ଟି ଗ୍ରାମରେ କାର୍ଯ୍ୟକାରୀ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟି ବିଶେଷ ଫଳପ୍ରଦ ମନେ ହେବାରୁ ପରେ ଅନ୍ଧ୍ର-ପ୍ରଦେଶ, ମାନ୍ଦ୍ରାଜ ଓ ଉତ୍ତର-ପ୍ରଦେଶରେ ଏହାକୁ ପ୍ରବର୍ତ୍ତନ କରାଗଲା ।

ଏହି ପରିବର୍ଦ୍ଧିତ ପୁଷ୍ଟି କାର୍ଯ୍ୟକ୍ରମ ହିଁ ବ୍ୟାବହାରିକ ପୁଷ୍ଟି କାର୍ଯ୍ୟକ୍ରମର ପ୍ରବର୍ତ୍ତନ ସକାଶେ ପ୍ରେରଣା ଯୋଗାଇଛି । ଗତ ନଭେମ୍ବର ୧୪ ତାରିଖ 'ଶିଶୁ ଦିବସ'ରେ କେରଳ, ମହୀଶୂର, ମଧ୍ୟ-ପ୍ରଦେଶ, ପଞ୍ଜାବ ଓ ପଶ୍ଚିମ ବଙ୍ଗରେ ଏହାକୁ କାର୍ଯ୍ୟକାରୀ କରାଯାଇଛି ଏବଂ ଓଡ଼ିଶା, ମାନ୍ଦ୍ରାଜ, ଉତ୍ତର-ପ୍ରଦେଶ ଓ ଆନ୍ଧ୍ର-ପ୍ରଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଛି ।

ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଲା ଗ୍ରାମବାସୀଙ୍କ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣି ସେମାନଙ୍କୁ ପୁଷ୍ଟିକାରକ ଖାଦ୍ୟ ଖାଇବା ପାଇଁ ଉତ୍ସାହିତ କରିବା । ବିଶେଷତଃ ପୁଷ୍ଟିକାରକ ଖାଦ୍ୟ ଉତ୍ପାଦନ କରିବା ବିଷୟରେ ଗ୍ରାମବାସୀ, ସ୍କୁଲ ଶିକ୍ଷକ ଗ୍ରାମସେବକ ଓ ଗ୍ରାମସେବିକା ତଥା ଅନ୍ୟାନ୍ୟ କର୍ମୀମାନଙ୍କୁ ଆବଶ୍ୟକୀୟ ତାଲିମ ଦେବା ।

ତୃତୀୟ ପଞ୍ଚବାର୍ଷିକ ଯୋଜନା ଶେଷସୁଦ୍ଧା ସାରା ଦେଶର ୨୨୨ଟି ବ୍ଲକରେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବ । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ୟୁନିସେଫ୍ ୧୦ଲକ୍ଷ ଡଲାର ସାହାଯ୍ୟ ଦେବେ ଓ ବିଭିନ୍ନ ରାଜ୍ୟ ସରକାର ଟ୩,୨୧,୦୦୦୯ ବ୍ୟୟ କରିବେ ।

## କଟକ ଓ ରାଉରକେଲା ମଧ୍ୟରେ ଶୀଘ୍ର ଡାକ ଚଳାଚଳ

କଟକ ଓ ରାଉରକେଲା ମଧ୍ୟରେ ଯେପରି ଖୁବ୍ କମ୍ ସମୟ ମଧ୍ୟରେ ଡାକ ଚଳାଚଳ ହୋଇ ପାରିବ ସେ ଉଦ୍ଦେଶ୍ୟରେ ଏକ ନୂତନ ବ୍ୟବସ୍ଥା କରାଯାଇଛି । ତଦନୁସାରେ ଏଣିକି ରାଉରକେଲା ନଗ୍ରଂଶି ଏକ୍ସପ୍ରେସ ବସ୍ ଏବଂ ୪୩୫ ଅପ୍ ଓ ୪୩୬ ଡାଉନ ଟ୍ରେନ୍ ଯୋଗେ ରାଉରକେଲା କଟକ ମଧ୍ୟରେ ଡାକ ଆଦାନପ୍ରଦାନ କରାଯିବ । ଏହାଫଳରେ ଉଭୟ ସହରର ବାସିନ୍ଦାମାନେ ଖୁବ୍ ଶୀଘ୍ର ଚିଠିପତ୍ର ପାଇପାରିବେ ।

( ୫୨ ପୃଷ୍ଠାର ଅବଶିଷ୍ଟାଂଶ )

ମାଛକୁଣ୍ଡ ବିଦ୍ୟୁତ୍-ଶକ୍ତିକୁ କାର୍ଯ୍ୟରେ ଲଗାଇବା ପାଇଁ ଓଡ଼ିଶା ସରକାର ଜୁଡୁମା ବିଦ୍ୟୁତ୍-ସଞ୍ଚାଳନ-ପରିକଳ୍ପନାକୁ କାର୍ଯ୍ୟକାରୀ କରିଥିଲେ । ଏହି ପରିକଳ୍ପନାରେ ଜୁଡୁମାଠାରୁ ରାୟଗଡ଼ା ଦେଇ ବ୍ରହ୍ମପୁର ପର୍ଯ୍ୟନ୍ତ ୧୩୨ କେ.ଭି. ଲାଇନର ନିର୍ମାଣ କାର୍ଯ୍ୟ ଏବଂ ଜୟପୁର, ରାୟଗଡ଼ା ଓ ବ୍ରହ୍ମପୁରଠାରେ ୧୩୨/୬୩୩/୧୧ କେ.ଭି. ବିଶିଷ୍ଟ ସବ୍ ଷ୍ଟେସନର ନିର୍ମାଣ କାର୍ଯ୍ୟ ପାଇଁ ବ୍ୟବସ୍ଥା ରଖାଯାଇଛି ।

ସମୁଦାୟ ପରିକଳ୍ପନାଟି ପ୍ରଥମ ଯୋଜନାର ଅନ୍ତର୍ଭୁକ୍ତ ହୋଇନଥିଲା । କେନ୍ଦ୍ରୀୟ ଜଳ ଓ ବିଦ୍ୟୁତ୍ କମିଶନ ଲୋଡ ସର୍ଭେ କଲାବେଳେ ବ୍ରହ୍ମପୁର ଅଞ୍ଚଳ ପାଇଁ ଭବିଷ୍ୟତରେ କେଉଁ ପ୍ରଚୁର ପରିମାଣର ବିଦ୍ୟୁତ୍-ଶକ୍ତି ଆବଶ୍ୟକ ରହିଛି, ତାହା ଅନୁମାନ କରି ପାରି ନ ଥିଲେ । ତଦନୁଯାୟୀ ଏହି ପରିକଳ୍ପନାକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥିଲା ।

ପ୍ରଥମ ପର୍ଯ୍ୟାୟର କାର୍ଯ୍ୟ ମାଛକୁଣ୍ଡ ଓ ରାୟଗଡ଼ା ମଧ୍ୟରେ ସୀମିତ । ୯୪ ମାଇଲ ଦୈର୍ଘ୍ୟଯାଏ ୧୩୨ କେ. ଭି. ଲାଇନ ଟାଣିବା କାର୍ଯ୍ୟ ଏବଂ ଜୟପୁର ଓ ରାୟଗଡ଼ାଠାରେ ଯଥାକ୍ରମେ ୫ ଏମ୍. ଭି. ଓ ୧୫ ଏମ୍. ଭି. ବିଶିଷ୍ଟ ଗୋଟିଏ ଲେଖାଏଁ ସବ୍-ଷ୍ଟେସନର ନିର୍ମାଣ କାର୍ଯ୍ୟ ଏହି କାର୍ଯ୍ୟାଳୟର ଅନ୍ତର୍ଭୁକ୍ତ । ଜୟପୁର, କୋରାପୁଟ, ବୋଇଗୁମା ଓ ନବରଙ୍ଗପୁର ପର୍ଯ୍ୟନ୍ତ ୩୩ ଓ ୧୧ କେ. ଭି. ସବ୍-ଟ୍ରାନ୍ସମିସନ୍ ଲାଇନ ଟାଣିବା କାର୍ଯ୍ୟ ମଧ୍ୟ ଏହାର ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟରେ ୧୫୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।

ଏହି ପରିକଳ୍ପନାର ଦ୍ୱିତୀୟ ପର୍ଯ୍ୟାୟରେ ରାୟଗଡ଼ାଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ୧୦୮ ମାଇଲ ରାସ୍ତାରେ ୧୩୨ କେ. ଭି. ଲାଇନ ଟାଣିବା କାର୍ଯ୍ୟ ଓ ବ୍ରହ୍ମପୁରର ଶେଷରେ ୧୦ ଏମ୍. ଭି. ଏ. ୧୩୨/୩୩/୧୧ କେ. ଭି. ରସିଭିଂ ସବ୍-ଷ୍ଟେସନ ନିର୍ମାଣ କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହାଛଡ଼ା ଆସିକା ଦେଇ ଭଞ୍ଜନଗର ଓ ଗୁଣୁପୁରଠାରୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ୩୩ କେ. ଭି.ର ବିଦ୍ୟୁତ୍-ସଞ୍ଚାଳନପଥ ଓ ବ୍ରହ୍ମପୁର ଚତୁଃପାର୍ଶ୍ୱରେ ୧୧ କେ. ଭି.ର ବିଦ୍ୟୁତ୍-ସଞ୍ଚାଳନ-ପଥ ନିର୍ମାଣ କରିବା ପାଇଁ ପରିକଳ୍ପନାରେ ବ୍ୟବସ୍ଥା ରଖାଯାଇଛି ।

ବ୍ରହ୍ମପୁର ଅଞ୍ଚଳରେ ବିଦ୍ୟୁତ୍ ଲୋଡ଼ର ପରିମାଣକୁ ବୃଦ୍ଧି କରିବା ପାଇଁ ଛତ୍ରପୁରଠାରେ ୭୫୦ କିଲୋୱାଟର ଗୋଟିଏ ଷ୍ଟିମଷ୍ଟେସନ ଏବଂ ଗୁଣୁପୁର, ଆସିକା, ଭଞ୍ଜନଗର, ଖଲ୍ଲିକୋଟ, ସୋରଡ଼ା ଓ ଗଞ୍ଜାମ ଜିଲାର ଅନ୍ୟାନ୍ୟ ସ୍ଥାନମାନଙ୍କରେ ଡିଜେଲ ପାୱାର ହାଉସ୍‌ମାନ ସ୍ଥାପନ କରିବା ନିମନ୍ତେ ରାଜ୍ୟ ସରକାର ଆଦେଶ ଦେଇଛନ୍ତି ।

ବିଦ୍ୟୁତ ବ୍ୟବହାର ଉତ୍ତରୋତ୍ତର ବୃଦ୍ଧି ପାଇବା ହେତୁ ଓ ବ୍ରହ୍ମପୁର ବିଦ୍ୟୁତ୍ ସରବରାହର ଅବନତି ଘଟିବାରୁ ଏବଂ ଏହି ସରବରାହ ବର୍ତ୍ତମାନର ବିଦ୍ୟୁତ୍ ଚାହିଦାକୁ ପୂରଣ କରିବାରେ ଅସମର୍ଥ ହେବା ହେତୁ ବ୍ରହ୍ମପୁର ଯାଏ ୧୩୨ କେ. ଭି.ର ବିଦ୍ୟୁତ୍-ସଞ୍ଚାଳନ-ପଥ ନିର୍ମାଣ କରିବା ଏକାନ୍ତ ଆବଶ୍ୟକ ହୋଇ ପଡ଼ିଥିଲା । କିନ୍ତୁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ପ୍ରଥମ କେତେ ବର୍ଷ ମଧ୍ୟରେ ଇନ୍‌ସୁଲେଟର ଟ୍ରାନ୍ସଫର୍ମର ସବ୍-ଷ୍ଟେସନ ନିର୍ମାଣ ଯନ୍ତ୍ରପାତି ପ୍ରଭୃତି ବିଦେଶରୁ ଆମଦାନୀ କରିବା ପାଇଁ ବୈଦେଶିକ ମୁଦ୍ରାର ବିଶେଷ ଅଭାବ ହେବାରୁ ଏ ଦିଗରେ କୌଣସି ସନ୍ତୋଷଜନକ ଅଗ୍ରଗତି ହୋଇପାରିଲା ନାହିଁ । ତେଣୁ ରାଜ୍ୟ ସରକାରଙ୍କୁ ଅନ୍ଧ୍ର ପ୍ରଦେଶ ସରକାରଙ୍କଠାରୁ ଇଚ୍ଛାପୁରମ୍ ବିଦ୍ୟୁତ୍ ସବ୍-

ଷ୍ଟେସନକୁ ବିଦ୍ୟୁତ୍‌ଶକ୍ତି ଖର୍ଚ୍ଚ କରି ବ୍ରହ୍ମପୁରକୁ ଯୋଗାଇବାକୁ ହୋଇଥିବ । ଏହି କାର୍ଯ୍ୟ ପାଇଁ ଇଚ୍ଛାପୁରଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ୧୮ ମାଇଲ ରାସ୍ତାରେ ୩୩ କେ. ଭି. ବିଦ୍ୟୁତ୍-ସଞ୍ଚାଳନପଥ ନିର୍ମାଣ କରାଗଲା ଓ ୧୯୬୦ ମସିହାରେ ବ୍ରହ୍ମପୁର-ଠାରେ ଗୋଟିଏ ୧୫୦୦ କେ. ଭି. ଓ ସବ୍-ଷ୍ଟେସନ ଖୋଲାଗଲା ।

ରାୟଗଡ଼ା-ବ୍ରହ୍ମପୁର ବିଦ୍ୟୁତ୍- ସଞ୍ଚାଳନପଥର ନିର୍ମାଣ କାର୍ଯ୍ୟ ୧୯୬୦ ମସିହାରେ ଆରମ୍ଭ କରାଯାଇ ଏବେ ନିକଟରେ ସମ୍ପୂର୍ଣ୍ଣ କରାଯାଇ ୨୭।୧୧।୬୩ରେ ଉଦ୍‌ଘାଟନ କରାଯାଇଛି । ଏହି ବିଦ୍ୟୁତ୍-ସଂଚାଳନ ପଥକୁ ଦୁର୍ଗମ ଗିରି ଓ ଘନ ଅରଣ୍ୟ ଦେଇ ନେବାକୁ ପଡ଼ିଥିଲା ଓ କେତେକ ସ୍ଥାନରେ ସ୍ୱତନ୍ତ୍ର ଟାୱାର ନିର୍ମାଣ କରିବାକୁ ପଡ଼ିଥିଲା । ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ କେତେ ଯେ କଷ୍ଟ ଓ ଅସୁବିଧା ଭୋଗ କରିବାକୁ ପଡ଼ିଥିଲା, ତାହା ଏଥିରୁ କଳ୍ପନା କରାଯାଇପାରେ । ବ୍ରହ୍ମପୁରଠାରୁ ଚନ୍ଦ୍ରଗିରି ପର୍ବତ ପର୍ଯ୍ୟନ୍ତ ୨୫ ମାଇଲ, ରାୟଗଡ଼ାଠାରୁ କୌଳାସକୋଟା ପର୍ଯ୍ୟନ୍ତ ୧୦ ମାଇଲ ଓ ବଂଶଧାରା ନଦୀ ନିକଟବର୍ତ୍ତୀ ସମତଳ ଅଞ୍ଚଳରେ ୧୦ ମାଇଲକୁ ଛାଡ଼ି ଦେଲେ ଅନ୍ୟସବୁ ଲାଇନ୍ ପର୍ବତ ଓ ପାହାଡ଼ ଉପର ଦେଇ ନେବାକୁ ପଡ଼ିଥିଲା । ବିଦ୍ୟୁତ୍ ତାର ଟାଣିଥିବା ପଥରେ ମଟରଯାନ ଯିବା ରାସ୍ତାର ଅଭାବ ହିଁ ବିଶେଷ କଷ୍ଟଦାୟକ ହୋଇଥିଲା । ଏହି ସମସ୍ତ ମଧ୍ୟରେ ବଂଶଧାରା ସମେତ କେତେକ ନଦୀରେ ପୋଲ ନିର୍ମାଣ କରିବାକୁ ପଡ଼ିଥିଲା । ଏହି କାର୍ଯ୍ୟ ପାଇଁ ୬୦୦୦ରୁ ଊର୍ଦ୍ଧ୍ୱ ଟନ୍ ମାଲ ପରିବହନ କରିବାକୁ ପଡ଼ିଥିଲା । ବର୍ଷକେ କେବଳ ୪ କିମ୍ବା ୫ ମାସ ପ୍ରକୃତ କାର୍ଯ୍ୟ ହେଉଥିଲା । ଏପରି ଭାବେ ଏ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ୩ ବର୍ଷ ଲାଗିଥିଲା । ଜମାଣି ଇଞ୍ଜିନିୟରିଂ କର୍ପୋରେସନ୍ ଏ କାର୍ଯ୍ୟ ନିର୍ମାଣର ଦାୟିତ୍ୱ ବହନ କରିଥିଲେ । ଇଲେକ୍‌ଟ୍ରିସିଟି ବୋର୍ଡ଼ର ଇଞ୍ଜିନିୟରମାନେ ଏହି ବିଦ୍ୟୁତ୍-ସଂଚାଳନପଥର ନିର୍ମାଣ କାର୍ଯ୍ୟର ତଦାରଖ ଓ ନିୟନ୍ତ୍ରଣ ଦାୟିତ୍ୱ ନେଇଥିଲେ ।

ମାଛକୁଣ୍ଡ ବିଦ୍ୟୁତ୍-ପରିକଳ୍ପନାଦ୍ୱାରା ଯେଉଁ ଅଞ୍ଚଳଗୁଡ଼ିକୁ ବିଦ୍ୟୁତ୍-ଶକ୍ତି ମିଳିବାର ସମ୍ଭାବନା ରହିଛି, ସେ ସବୁ ଅଞ୍ଚଳକୁ ସର୍ଭେ କରି ଦେଖି, କେନ୍ଦ୍ରୀୟ ଜଳ ଓ ବିଦ୍ୟୁତ୍-ଶକ୍ତି କମିଶନ ଏହି ଅଞ୍ଚଳ ପାଇଁ ୧୯୬୫-୬୬ ସୁଦ୍ଧା ମୋଟ ୩୩ ମେଗାୱାଟ୍ ବିଦ୍ୟୁତ୍-ଶକ୍ତି ଆବଶ୍ୟକ ହେବ ବୋଲି ଅଟକଳ କରିଥିଲେ । ଜୟପୁର ଖଣି କମ୍ପାନୀର ଫେରୋ-ମାଙ୍ଗାନିଜ କାରଖାନା, ଷ୍ଟ୍ର ପ୍ରୋଡକ୍ଟ ଲିମିଟେଡର କାଗଜକଳ ଓ ରାୟଗଡ଼ା ଚିନିକାରଖାନା ପ୍ରଭୃତିକୁ ମାଛକୁଣ୍ଡରୁ ମିଳୁଥିବା ବିଦ୍ୟୁତ୍-ଶକ୍ତିର ଉପଯୋଗ କରାଗଲାଣି । ଏହା ବ୍ୟତୀତ କେତେକ ଗ୍ରାମ ଓ ସହରାଞ୍ଚଳକୁ ମଧ୍ୟ ଏଥିରୁ ବିଦ୍ୟୁତ୍-ଶକ୍ତି ଯୋଗାଇ ଦିଆଗଲାଣି ।

ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବାପାଇଁ ତିନୋଟି ବଡ଼ ବଡ଼ ଶିଳ୍ପକାରଖାନା, ଯଥା—ରାୟଗଡ଼ା ଫେରୋ-ସିଲିକନ୍ କାରଖାନା, ଗଞ୍ଜାମ ନିକଟବର୍ତ୍ତୀ କଷ୍ଟିକ୍ ସୋଡ଼ା କାରଖାନା, କୋରାପୁଟ ଜିଲ୍ଲାର ଏରୋ-ଇଞ୍ଜିନ୍ କାରଖାନାମାନେ ଅନୁରୋଧ କରନ୍ତି । ତୃତୀୟ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ଏହିସବୁ ଶିଳ୍ପ-ଉଦ୍ୟୋଗକାରୀମାନେ ମୋଟ ଉପରେ ୩୩ ମେଗାୱାଟ୍ ବିଦ୍ୟୁତ୍-ଶକ୍ତି ଆବଶ୍ୟକ କରିବେ ବୋଲି ଆଶା କରାଯାଉଛି । ମାଛକୁଣ୍ଡ ଜଳ-ବିଦ୍ୟୁତ୍ ପରିକଳ୍ପନାରୁ ଆମର ଅଂଶ ବାବଦକୁ ଯେଉଁ ବିଦ୍ୟୁତ୍-ଶକ୍ତି ମିଳିବ, ତାହା ଆମର ଆବଶ୍ୟକତାର ପରିମାଣ-

ଠାରୁ କମ୍ ହେବ । ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାଳରେ ଏହି ଅଞ୍ଚଳରେ (ଦକ୍ଷିଣ ଓଡ଼ିଶା) ବିଦ୍ୟୁତ୍ ବ୍ୟବହାର ପରିମାଣ ଅତ୍ୟନ୍ତ ବଢ଼ିଯିବ ବୋଲି ଆଶା କରାଯାଉଛି । ତେଣୁ ଏହି ଅଞ୍ଚଳର ବ୍ୟବହାରକୁ ପୂରଣ କରିବା ପାଇଁ କେତେକ ନୂତନ ବିଦ୍ୟୁତ୍ ଉତ୍ପାଦନ ପରିକଳ୍ପନା ଓ ଟ୍ରାନ୍ସମିସନ୍ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ବିଷୟ ସ୍ଥିର କରାଯାଉଛି । ଏହା ନିଃସନ୍ଦେହ ଯେ ଡୁଡୁମା ବିଦ୍ୟୁତ୍-ସଞ୍ଚାଳନ ପରିକଳ୍ପନାର ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟ ଓ ବ୍ରହ୍ମପୁରର ୧୩୨ କେ.ଭି. ବିଶିଷ୍ଟ ଗ୍ରୀଡ଼୍ ସବ-ଷ୍ଟେସନର କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପରେ ଦକ୍ଷିଣ ଓଡ଼ିଶାରେ ସମୃଦ୍ଧି ଓ ବିକାଶର ଗୋଟିଏ ନୂତନ ଯୁଗର ଅଭ୍ୟୁଦୟ ଘଟିବ ।

### ଡୁଡୁମା ବିଦ୍ୟୁତ୍ ସଂଚାଳନ ପରିକଳ୍ପନା

(କ) ପର୍ଯ୍ୟାୟ ୧:— (ଡୁଡୁମା-ରାୟଗଡ଼ା ସେକ୍ସନ)

ଆରମ୍ଭ ... ... ୧୯୬୩

ଶେଷ ... ... ୧୯୬୫

୧୩୨ କେ.ଭି. ଲାଇନ୍‌ର ଦୈର୍ଘ୍ୟ ... ୯୪ ମାଇଲ

ଜୟପୁର ସବ୍‌ଷ୍ଟେସନ ... ... ୧୩୨/୩୩/୧୧ କେ.ଭି. ୧୫ଏମ୍.ଭି.

(ପ୍ରତ୍ୟେକ ୫ଏମ୍.ଭି.ର ୩ଟି ଟ୍ରାନ୍ସଫରମର)

ପ୍ରଥମ ପର୍ଯ୍ୟାୟର ଖର୍ଚ୍ଚ ... ... ୧୬୮ ଲକ୍ଷ ଟଙ୍କା

(ଖ) ପର୍ଯ୍ୟାୟ ୨:— (ରାୟଗଡ଼ା-ବ୍ରହ୍ମପୁର ସେକ୍ସନ)

ଆରମ୍ଭ ... ... ୧୯୬୦

ସମ୍ପୂର୍ଣ୍ଣ ... .. ନଭେମ୍ବର, ୧୯୬୩

୧୩୨ କେ.ଭି. ଲାଇନ୍‌ର ଦୈର୍ଘ୍ୟ ... ୧୦୮ ମାଇଲ

ନିର୍ମାଣ କରାଯାଇଥିବା ବୁରୁଜସଂଖ୍ୟା ... ... ୬୨୫

ବ୍ରହ୍ମପୁର ସବ୍ ଷ୍ଟେସନ ... ... ୧୩୨/୩୩/୧୧ କେ.ଭି. ୧୦ଏମ୍.ଭି.

(୫ ଏମ୍.ଭି.ର ୨ଟି ଟ୍ରାନ୍ସଫରମର)

୨ୟ ପର୍ଯ୍ୟାୟର ଖର୍ଚ୍ଚ ... ... ୧୯୨ ଲକ୍ଷ ଟଙ୍କା

( ୬୪ ପୃଷ୍ଠାର ଅବଶିଷ୍ଟାଂଶ )

କଳର ଶ୍ରମିକ । ଭାଲେଣ୍ଟିନାଙ୍କ ଶିଶୁ ଅବସ୍ଥାରେ ପିତାଙ୍କ ମୃତ୍ୟୁ ଘଟିଥିବାରୁ ପରିବାରର ସମସ୍ତ ଦାୟିତ୍ୱ ତାଙ୍କର ମାତାଙ୍କୁ ହିଁ ବହନ କରିବାକୁ ପଡ଼ିଥିଲା ।

ଭାଲେଣ୍ଟିନା ପ୍ରଥମେ ୧୭ ବର୍ଷ ବୟସରେ ଗୋଟିଏ ଟାୟାର କାରଖାନାରେ କାମ କରିବା ଆରମ୍ଭ କରିଥିଲେ । କିନ୍ତୁ ୧୯୫୫ ମସିହାରେ ତାହା ପରିତ୍ୟାଗ କରି ତାଙ୍କ ମାତା ଯେଉଁ ଲୁଗା କଳରେ କାର୍ଯ୍ୟ କରୁଥିଲେ ସେହି କାରଖାନାରେ ଯୋଗ ଦେଲେ । ଏହି ଲୁଗା କଳରେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଭାଲେଣ୍ଟିନା ପ୍ରଥମେ ଗୋଟିଏ ସାନ୍ଧ୍ୟ କଲେଜ ଓ ପରେ ଗୋଟିଏ ବୈଷୟିକ ଅନୁଷ୍ଠାନରେ କାର୍ପାସ ଶିଳ୍ପ ସଂପର୍କରେ ଅଧ୍ୟୟନ ଆରମ୍ଭ କରିଥିଲେ । କଠୋର ଅଧ୍ୟବସାୟ ତଥା ପରିଶ୍ରମ ବଳରେ ସେ ୧୯୬୧ ମସିହାରେ କାର୍ପାସ ଶିଳ୍ପ କଲେଜରେ ଡିଗ୍ରୀ ହାସଲ କରିବା ସଙ୍ଗେ ସଙ୍ଗେ କାର୍ପାସ ଟେକ୍ନୋଲଜିଷ୍ଟ ରୂପେ ନିଯୁକ୍ତ ହେଲେ ।

ଭାଲେଣ୍ଟିନା କେବଳ ପରିଶ୍ରମୀ ନୁହନ୍ତି, ଏହା ସଙ୍ଗେ ସଙ୍ଗେ ସେ ଅତ୍ୟନ୍ତ ନିର୍ଭୀକ ଓ ସାହସୀ ମଧ୍ୟ । ମହାକାଶ ଯାତ୍ରା ତାଙ୍କର ଯୁବତୀ ଅନ୍ତରରେ ପ୍ରବଳ ଆଗ୍ରହ ଓ ଉନ୍ମାଦନା ସୃଷ୍ଟି କରିଥିଲା । ଭଲଗାର ବାଲୁକା ପୂର୍ଣ୍ଣ କୂଳରେ ବସି ସେ ଚିନ୍ତା କରନ୍ତି କେମନ୍ତ ଗାଗାରିନ୍‌ଙ୍କ ପରି ଅନ୍ତରୀକ୍ଷ ଯାନରେ ବସି ମହାକାଶକୁ ପରିକ୍ରମା କରିବେ । ତାଙ୍କର ଏହି ସ୍ୱପ୍ନ ବାସ୍ତବରେ ପରିଣତ ହେଲା । ୧୯୫୯ରେ ଭାଲେଣ୍ଟିନା ଗୋଟିଏ ଏରୋକ୍ଲବ୍‌ରେ ଯୋଗ ଦେଇ ପାରାସୁଟ୍ ସାହାଯ୍ୟରେ ଲମ୍ଫଦେବା ସମ୍ପର୍କରେ ତାଲିମ ନେଲେ । ୧୯୬୩ ମସିହା ଜୁନ୍ ୧୬ ତାରିଖ—ଭାଲେଣ୍ଟିନା ତେରେସ୍କୋଭାଙ୍କ ଜୀବନର ସର୍ବଶ୍ରେଷ୍ଠ ମୁହୂର୍ତ୍ତ । ଏହି ଦିନ ଅନ୍ତରୀକ୍ଷ ଯାନ ଭୋଷ୍ଟକ୍ ୬ ଭାଲେଣ୍ଟିନାଙ୍କୁ

ଧରି ମହାକାଶକୁ ଆସେଇ ଥିଲେ । ମହାକାଶରେ ପ୍ରାୟ ୪ ଦିନ ଅବସ୍ଥାନ କରିବା ପରେ ୧୯୬୩ ଜୁନ୍ ୧୯ ତାରିଖରେ ପୁନର୍ବାର ସେ ଭୂପୃଷ୍ଠରେ ପଦାର୍ପଣ କରି ସାରା ବିଶ୍ୱରେ ଏକ ଚମକ ସୃଷ୍ଟି କଲେ ।

ସୁଖର କଥା ଯେ ଭାଲେଣ୍ଟିନା, ତାଙ୍କ ମହାକାଶ ଯାତ୍ରା କାଳର ସାଥୀ ତଥା ମହାକାଶଯାତ୍ରୀ ଆଣ୍ଡ୍ରିଆନ୍ ନିକୋଲାଏଭଙ୍କ ସହିତ ବୈବାହିକ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ୧୯୬୩ ନଭେମ୍ବର ୩ ତାରିଖରେ ଏହା ମହାକାଶ ଯାତ୍ରୀ ଦମ୍ପତିଙ୍କ ବିବାହ ଉତ୍ସବ ମସ୍କୋରେ ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଛି । ବିଶ୍ୱର ଏଭଳି ଜଣେ ସାହସୀ ମହିଳାଙ୍କୁ ଆମେ ଆଜ ଅତିଥି ରୂପେ ପାଇ ଥିବାରୁ ନିଜକୁ ଗୌରବାନ୍ୱିତ ମନେ କରୁଛୁ ।

## ଭାଲେରୀ ବାଇକୋଭସ୍କି

ରୁଷିଆର ଅନ୍ୟତମ ମହାକାଶ ଯାତ୍ରୀ ଭାଲେରି ବାଇକୋଭସ୍କି ୧୯୩୪ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ପ୍ରଥମ ମହାକାଶ ଯାତ୍ରୀ ମେଜର ୟୁରି ଗାଗାରିନ୍‌ଙ୍କ ସମବୟସ୍କ ଅଟନ୍ତି । ବାଇକୋଭସ୍କି ୧୯୫୨ ମସିହାରେ ମସ୍କୋଠାରେ ତାଙ୍କ ମାଧ୍ୟମିକ ଶିକ୍ଷା ଶେଷ କରି ସେହି ବର୍ଷ ୟଙ୍ଗ୍ କମ୍ୟୁନିଷ୍ଟ ଲିଗରେ ଯୋଗ ଦେଇଥିଲେ । ମସ୍କୋ ସହରସ୍ଥିତ ଗୋଟିଏ ବିମାନ କ୍ଲବରେ ସେ ବିମାନ ଚାଳନା ସମ୍ପର୍କରେ ତାଲିମ ନେଇଥିଲେ ଓ ୧୯୫୨ରେ ଏହା ସମ୍ପୂର୍ଣ୍ଣ କରିଥିଲେ । ଏହା ପରେ ସେ ବିମାନ ବାହିନୀ ସ୍କୁଲରେ ଯୋଗ ଦେଇଥିଲେ ।

ମହାକାଶ ଯାତ୍ରା ପାଇଁ ଯେତେବେଳେ ପ୍ରାର୍ଥୀ ବଛାଗଲା ସେତେବେଳେ ବାଇକୋଭସ୍କି ଅତ୍ୟନ୍ତ ଆଗ୍ରହ ସହକାରେ ସ୍ୱତଃପ୍ରବୃତ୍ତ ହୋଇ ଆଗେଇ ଆସିଥିଲେ । ତାଙ୍କୁ ହିଁ ଶେଷରେ ଏହି ମହାକାଶ ଯାତ୍ରା ପାଇଁ ବଛାଗଲା । ମହାକାଶ ଯାତ୍ରା ପୂର୍ବରୁ ଏ ସମ୍ପର୍କରେ ତାଙ୍କୁ ବିଭିନ୍ନ ଧରଣର ତାଲିମ ନେବାକୁ ପଡ଼ିଥିଲା ।

ଭାଲେରି ବିବାହିତ ଓ ଗୋଟିଏ ପୁତ୍ରର ଜନକ ମଧ୍ୟ । ଏହି ପୁତ୍ରର ନାମ ମଧ୍ୟ ସେ ଭାଲେରି ରଖିଛନ୍ତି ।

## ଆଣ୍ଡ୍ରିଆନ୍ ନିକୋଲାଏଭ୍

ମହାକାଶ ଅଭିଯାନରେ ଭାଲେଣ୍ଟିନା ଟେରେସ୍କୋଭାଙ୍କ ସମେତ ଯେଉଁ କେତେଜଣ ରୁଷୀୟ ଯୁବକ ସାରା ବିଶ୍ୱବାସୀଙ୍କୁ ଚମତ୍କୃତ କରି ପାରିଛନ୍ତି, ସେମାନଙ୍କ ମଧ୍ୟରେ ଆଣ୍ଡ୍ରିଆନ୍ ନିକୋଲାଏଭ ଅନ୍ୟତମ । ନିକୋଲାଏଭ୍ ରୁଷିଆର ଗୋଟିଏ ଯୌଥ କୃଷକ ପରିବାରରେ ୧୯୨୯ ମସିହାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ଯେତେବେଳେ ୧୫ ବର୍ଷ ତାଙ୍କର ପିତା ଗ୍ରିଗରିଙ୍କର ମୃତ୍ୟୁ ଘଟିଥିଲା । ପୀଡ଼ିତା ମାତା ଗୋଟିଏ ଗବ୍ୟଶାଳାରେ କାମ କରି ସାମାନ୍ୟ କିଛି ରୋଜଗାର କରୁଥିଲେ । ଯୁଦ୍ଧକାଳୀନ ପରିସ୍ଥିତି ଯୋଗୁଁ ସେମାନଙ୍କର ଯୌଥ କୃଷି ଫାର୍ମର ଉତ୍ପାଦନ ମଧ୍ୟ ବିଶେଷ ସନ୍ତୋଷଜନକ ନ ଥିଲା । ଏଭଳି ପରିସ୍ଥିତି ଫଳରେ ବାଳକ ଆଣ୍ଡ୍ରିଆନଙ୍କୁ ବହୁ ଅଭାବ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ବାଳକ ଆଣ୍ଡ୍ରିଆନ୍ ବିଦ୍ୟାଳୟରେ ୭ ବର୍ଷିଆ ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରି ଡାକ୍ତରୀ ସ୍କୁଲରେ ଭର୍ତ୍ତି ହେଲେ । କିନ୍ତୁ ପରେ ସେ ଡାକ୍ତରୀ ସ୍କୁଲ ପରିତ୍ୟାଗ କରି ବନ୍ୟରକ୍ଷଣ ବିଦ୍ୟା (ଫରେଷ୍ଟ୍ରି ଟେକ୍ନିକ୍ସ) ଅଧ୍ୟୟନ କଲେ ଏବଂ ଏହା ଶେଷକରି ଫୋରମ୍ୟାନ୍ ଭାବେ ନିଯୁକ୍ତ ହେଲେ । ସୈନ୍ୟ ବିଭାଗରେ ଯୋଗ-ଦେବା ପର୍ଯ୍ୟନ୍ତ ଆଣ୍ଡ୍ରିଆନ୍ ଫୋରମ୍ୟାନ ରୂପେ କାର୍ଯ୍ୟ କରୁଥିଲେ ।

ଆଣ୍ଡ୍ରିଆନ ସୈନ୍ୟ ବାହିନୀର ବିମାନ ବାହିନୀରେ ଯୋଗ ଦେବା ପରେ ବିମାନ ଚାଳନା ସ୍କୁଲରେ ଭର୍ତ୍ତି ହୋଇ ବ୍ୟାପକ ତାଲିମ ପାଇଲେ । ଏହି ସମୟରେ ହଠାତ୍ ତାଙ୍କୁ ଜଣାପଡ଼ିଲା ଯେ ସେ ରକେଟ୍ ଓ ସ୍ପୁଟନିକ୍ ଚଳେଇବା ପାଇଁ ଆଗ୍ରହୀ ତ ନୁହନ୍ତି । କିନ୍ତୁ ଆଣ୍ଡ୍ରିଆନ୍ ବନ୍ଧୁ ତଥା ଅନୁରାଗୀମାନଙ୍କରେ ଅଧୀର ହୋଇ ଉଠିଲେ । ପରେ ମହାକାଶ ସଂସ୍ଥା ସମ୍ପର୍କରେ ତାଙ୍କୁ ୟୁରି ଗାଗାରିନ୍ ଓ ଟିଟୋଭ୍‌ଙ୍କ ସହିତ କଠିନ ଓ ବ୍ୟାପକ ତାଲିମ ନେବାକୁ ପଡ଼ିଥିଲା ।

୧୯୬୨ ମସିହା ଅଗଷ୍ଟ ୧୧ ତାରିଖ ଆଣ୍ଡ୍ରିଆନ୍‌ଙ୍କ ଜୀବନର ସର୍ବାପେକ୍ଷା ଗୌରବୋଜ୍ଜ୍ୱଳ ମୁହୂର୍ତ୍ତ । ଭାରତୀୟ ଘଣ୍ଟାରେ ଠିକ୍ ୨ଟା (ମସ୍କୋ ସମୟ ୧୧.୩୦) ବାଜିବା ମାତ୍ରେ ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରି ମେଜର ଆଣ୍ଡ୍ରିଆନ୍ ନିକୋଲାଏଭ୍ ମହାକାଶ ଯାନ "ଭୋଷ୍ଟକ୍-୩"ରେ ଆରୋହି ଗଲେ ଭୂପୃଷ୍ଠରୁ ବହୁ ଦୂରକୁ । ମହାକାଶରେ ଦୀର୍ଘ ୯୫ ଘଣ୍ଟା ଅବସ୍ଥାନ ସମୟରେ ପୃଥିବୀକୁ ୬୪ ଥର ପରିକ୍ରମା କରି ୧୯୬୨ ମସିହା ଅଗଷ୍ଟ ୧୫ ତାରିଖରେ ନିକୋଲାଏଭ୍ ପୁନର୍ବାର ଫେରି ଆସିଲେ ଏହି ଭୂପୃଷ୍ଠକୁ ।

ଆପଣଙ୍କ ସ୍ୱଳ୍ପ ସଂଚୟ ହିଁ

ଜାତୀୟ ପ୍ରତିରକ୍ଷାକୁ ସୁଦୃଢ଼ କରିବ

## ଥରେ ବୁଲି ଦେଖିଆସନ୍ତୁ

# ଉଷାକୋଠୀ ପଶୁଶାଳା, ବଡ୍ରାମା

ଏଠାକାର ବିଶେଷ ଆକର୍ଷଣ—

- ସମ୍ବଲପୁରଠାରୁ ମାତ୍ର ୨୭ ମାଇଲ ଦୂରବର୍ତ୍ତୀ
- ହାତୀ, ବଣମଇଁଷି ବା ବାଇସନ୍, ବାଘ, ହରିଣ ପ୍ରଭୃତି ଜୀବ
- ଅବସର ଉପଭୋଗ ପାଇଁ ଆଦର୍ଶ ସ୍ଥାନ
- ବଦ୍ରାମଠାରେ ଜଙ୍ଗଲ ମଧ୍ୟରେ ସୁସଜ୍ଜିତ ବିଶ୍ରାମାଗାର
- ସୁନ୍ଦର ନିରୀକ୍ଷଣ-ସ୍ତମ୍ଭ ( ୱାଚ ଟାୱାର )
- ବଡ୍ରାମଠାରେ ପଥ-ନିର୍ଦ୍ଦେଶକ ( ଗାଇଡ୍ ) ମିଳନ୍ତି

ଏ ସଂପର୍କରେ ଅଧିକ ବିବରଣୀ ପାଇଁ

ନିମ୍ନଲିଖିତ ଠିକଣାକୁ ପତ୍ର ଲେଖନ୍ତୁ:—

ଡିଭିଜନାଲ ଫରେଷ୍ଟ ଅଫିସର, ବାମଣ୍ଡା ଡିଭିଜନ
ପୋ: ଅ: ବାମଣ୍ଡା ( ଦ: ପୂ: ରେଲୱାଇ ),
ଓଡ଼ିଶା ( ଭାରତ ) ।

## ଓଡ଼ିଶାରେ ପଶ୍ଚିମ ଜର୍ମାନୀର ଆର୍ଥନୀତିକ ସହଯୋଗ ମନ୍ତ୍ରୀ ମିଷ୍ଟର ଓ୍ୱାଲଟର ଶ୍ଚିଲ

ପଶ୍ଚିମ ଜର୍ମାନୀର ଆର୍ଥନୀତିକ ସହଯୋଗ ମନ୍ତ୍ରୀ ମାନ୍ୟବର ମିଷ୍ଟର ଓ୍ୱାଲଟର ଶ୍ଚିଲ ଡସେମ୍ବର ୧ ତାରିଖରେ ଓଡ଼ିଶାର ଯୋଜନା ବୋର୍ଡ଼ର ଚେୟାରମେନ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ କୋଣାର୍କ ପରିଦର୍ଶନରେ ଯାଇଥିଲେ ।



ଉପରେ—କୋଣାର୍କ ମନ୍ଦିରର ଗୋଟିଏ ବିରାଟ ଶିଳା ମୂର୍ତ୍ତିର ସ୍ଥାପତ୍ୟ ନୈପୁଣ୍ୟରେ ମୁଗ୍ଧ ମିଷ୍ଟର ଶ୍ଚିଲ

## ଖୋର୍ଦ୍ଧାଠାରେ ନବନିର୍ମିତ ଓ. ଆର. ଟି. ବସ ଷ୍ଟେସନ ଗୃହ

ଓଡ଼ିଶାର ନିର୍ମାଣ ଓ ପରିବହନ ମନ୍ତ୍ରୀ ଶ୍ରୀ ହରିହର ମର୍ଦ୍ଦରାଜ ଦେଓ ଗତ ନଭେମ୍ବର ୩୦ ତାରିଖରେ, ଖୋର୍ଦ୍ଧାଠାରେ ତିଆରି ହୋଇଥିବା ଓଡ଼ିଶା ଷ୍ଟେଟ୍ ଟ୍ରାନ୍ସପୋର୍ଟର ଏହି ଷ୍ଟେସନଟି ଉଦ୍‌ଘାଟନ କରିଥିଲେ । ଏହାର ନିର୍ମାଣରେ ୪୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।



Vol. XX No. 5
Licence No. C. R. N. P. 5. Licensed to post without prepayment



# ହାଡ଼ୁଆ ଜଳସେଚନ ଯୋଜନାର ଭିତ୍ତି ସ୍ଥାପନ

ଗତ ନଭେମ୍ବର ୨୨ ତାରିଖ
ଅପରାହ୍ଣରେ ଓଡ଼ିଶାର
ମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ
ମିତ୍ରଙ୍କ ଦ୍ୱାରା ହାଡ଼ୁଆ
ଜଳସେଚନ ଯୋଜନାର
ଭିତ୍ତି ଫଳକ ସ୍ଥାପିତ
ହୋଇଥିଲା

ଚିତ୍ରରେ—ମୁଖ୍ୟମନ୍ତ୍ରୀ ଶ୍ରୀ ମିତ୍ର ଓ ଏମ୍. ଏଲ୍. ଏ. ଶ୍ରୀ ବିଦ୍ୟାଧର ନାଏକ ପ୍ରମୁଖଙ୍କ ଉପସ୍ଥିତିରେ ଭିତ୍ତି ଫଳକ ଉନ୍ମୋଚନ

## ନଭେମ୍ବର ୨୨ ତାରିଖ ରାତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ ମିତ୍ର କାନପୁରଠାରେ ଗ୍ରାମ୍ୟ ଶିଳ୍ପାଞ୍ଚଳର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ



କାନପୁର
ଗ୍ରାମ୍ୟ ଶିଳ୍ପାଞ୍ଚଳର
ଭିତ୍ତି ଫଳକ
ଉଦ୍‌ଘାଟନ